

ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ

## ସଂକ୍ଷେପରେ

### ଜିଲା ଲାଖି ଘର ଗଣ୍ଡା ସମାଜ ବୈଠକ

**ସମ୍ବଲପୁର,୧୭।୧(ବ୍ୟୁରୋ):** ସମ୍ବଲପୁର ଜିଲା କତରବଗା ବଜାର ପ୍ରାଙ୍ଗଣରେ ଜିଲା ଲାଖି ଘର ଗଣ୍ଡା ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଙ୍କରପାଲି, ରେଙ୍ଗଲୋଇ, କତରବଗା, ଟାମ୍ପରକେଲା, ଡବଡାବାହାଳ, କିନାଲୋଇ, ଲଇଡା ଆଦି ୭ଟି ପଞ୍ଚାୟତର ଲୋକ ଯୋଗ ଦେଇଥିଲେ। ଜିଲା ସଭାପତି ଭବାନୀ ଶଙ୍କର ସୋହେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଜର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ତଥା ଉନ୍ନତି ନେଇ ଆଲୋଚନା ହୋଇଥିଲା। ଜିଲା ସମ୍ପାଦକ ଦଳ ଗଞ୍ଜନ ହାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ହରିହର ମହାନନ୍ଦ, ଗଣେଶ କରାଲି, ଦୌତାରୀ ବାଗ, ଗୋପାଳ ସିଂ, ନରେଶ ତାଣ୍ଡିଆ, ଲିଙ୍ଗ ରାଜଦୀପ, ପ୍ରିତି ପ୍ରଧାନ, ସୁବାଶ ବେଶନ, ସୁଶିଲ ଚାନ୍ଦ, ଦେବାନନ୍ଦ ଭରାସାଗର ପ୍ରମୁଖ ବକ୍ତବ୍ୟ ପ୍ରଦାନ ଦେଇଥିଲେ।

### ରିଆମାଳ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ

**ରିଆମାଳ,୧୭।୧ (ଡି.ଏନ୍.ଏ.):** ରିଆମାଳ ଜାଭିୟର ଉଚ୍ଚ ବିଦ୍ୟାଳୟର ଗୁରୁବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଚେୟାରମ୍ୟାନ୍ ଦୀପମକ ରଞ୍ଜନ ଦତ୍ତ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶରଥି ଜେନା ସଂଯୋଜନା କରିଥିଲେ। ରିଆମାଳ ବ୍ଲକ ଶିକ୍ଷା ଅଧିକାରୀ କୈଳାସ ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ଶିଷ୍ୟର ପରମ୍ପରା ବାବଦରେ ଅବଗତ କରିବା ସହିତ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ରିଆମାଳ ସରପଞ୍ଚ ତରଣୀ ସେନ ପ୍ରଧାନ, ସରକାରୀ ଓକିଲ ପ୍ରମୋଦ କୁମାର ନନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଆମ୍ବଘାଟ ମଠର ମହନ୍ତ ସର୍ବେଶ୍ୱର ଚୈତନ୍ୟଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବୈଦିକ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଡାଇରେକ୍ଟର ପୂଜାରାଣୀ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ଶିକ୍ଷକ ପ୍ରମୋଦ କୁମାର ବେହେରା ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ଅପୂର୍ବ ହାଇସ୍କୁଲର ବାର୍ଷିକ କ୍ରୀଡା, ସାଂସ୍କୃତିକ ଉତ୍ସବ ଉଦ୍ୟାପିତ

**ଦେବଗଡ,୧୭।୧(ସ୍ୱ.ପ୍ର):** ଜିଲାର ତିଲେଇବଣି ବ୍ଲକ ଅଧୀନ ସୁଗୁଡା ଗ୍ରାମର ଅପୂର୍ବ ହାଇସ୍କୁଲର ୨୧ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍ୟାପିତ ହୋଇଯାଇଛି। ହାଇସ୍କୁଲର କ୍ରୀଡା ଶିକ୍ଷକ ପଦ୍ମଲୋଚନ ପ୍ରଧାନ ଏବଂ ପ୍ରଧାନ ଶିକ୍ଷକ ଦେବାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍ୟାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ସମ୍ମାନିତ ଅତିଥି ଭାବେ ଶାରୀରିକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ, ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ମହାପାତ୍ର,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିପିନ ବିହାରୀ ସାହୁ ପ୍ରମୁଖ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ମାର୍ଗଦର୍ଶନ ଦେଇଥିଲେ। ଅତିଥିମାନେ ବିଭିନ୍ନ ଖେଳରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରାଣବନ୍ଧୁ ଘଡେଇ ପରିଚାଳନା କରିଥିଲେ। ଅରୁଣା କୁମାରୀ ନାଥ, କଲ୍ୟାଣୀ ବସନ୍ତରା, ଦୀପ୍ତିମଇ ଦାଶ, ପ୍ରଭାତି ସ୍ୱର୍ଣ୍ଣକାର, ଶିକ୍ଷକ କ୍ରୀଡା ଶିକ୍ଷକ ବିଶ୍ୱମ୍ଭର କର, ତ୍ରିବେଣୀକାନ୍ତ ସାହୁ, ଗୋପରଞ୍ଜନ ପ୍ରଧାନ, ଗୋପବନ୍ଧୁ ଦେହୁରୀ, ପ୍ରଭାସ ନନ୍ଦ, ବିଭୂତିଭୂଷଣ ଧଳ, ସୋନୁ ବିଶ୍ୱାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

### ଭତ୍ତା ବୃଦ୍ଧି, ନିଯୁକ୍ତି ଦାବିରେ ବିକ୍ଷୋଭ

**ଦେବଗଡ, ୧୭।୧(ସ୍ୱ.ପ୍ର.):** ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ ଶାଖା ତରଫରୁ ସାମାଜିକ ସୁରକ୍ଷା ସହ ଭତ୍ତା ବୃଦ୍ଧି ଦାବିରେ ତିଲେଇବଣି ବ୍ଲକର ଝରାଗୋଗୁଆ ପଞ୍ଚାୟତ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଉକ୍ତ ପଞ୍ଚାୟତର ୩୦୦ଶହରୁ ଊର୍ଦ୍ଧ୍ୱ ଭତା ହିତାଧିକାରୀଙ୍କୁ ଭତ୍ତା ବୃଦ୍ଧି ଓ ୨୦ରୁ ଊର୍ଦ୍ଧ୍ୱ ବେକାରୀ ଯୁବତୀଯୁବକଙ୍କୁ ସମ୍ବିଧାନର ଅନୁଛେଦ-୩୯ ଅନୁଯାୟୀ କର୍ମନିଯୁକ୍ତି ତଥା ଭିନ୍ନକ୍ଷମ, ବୃଦ୍ଧା, ବୃଦ୍ଧ, ବିଧବା ଭତ୍ତା ୧୫୦୦ ଟଙ୍କା ପ୍ରଦାନ କରିବା ଦାବିରେ ଝରାଗୋଗୁଆ ଗାଁ ମୁଣ୍ଡରୁ ଏକ ଶୋଭାଯାତ୍ରା ବାହାରି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସଙ୍ଗଠନର ଆନ୍ଦୋଳନ ସଚିବ ଡୋଲାକର ଭୋଇ, ଉପ ସଭାପତି ରାଜକିଶୋର ସାହୁ, ନିରାକାର ପ୍ରଧାନ, ଯୁଧିଷ୍ଠିର ପ୍ରଧାନଙ୍କ ସମେତ ପ୍ରମୁଖ ଉପସ୍ଥିତ ଥିଲେ।

## ପଧାନପାଲି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

# ପ୍ରଥମ ଦିନରେ ସ୍ମୃତିର ଝଲକ କାର୍ଯ୍ୟକ୍ରମ

**ପଡ଼ିଆବାହାଲ, ୧୭।୧ (ଡି.ଏନ.ଏ)**

ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ପଧାନପାଲି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଗୁରୁବାର ସ୍ମୃତିର ଝଲକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ସୁବୋଧ କୁମାର ବେହେରା ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜୟନ୍ତୀ କମିଟି ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ସଚିବ ପଠାଣ କୁମାର ପଣ୍ଡା, ଇଂ.ସଞ୍ଜୀବ କୁମାର ପଣ୍ଡା, ଚିତ୍ତରଞ୍ଜନ ଦାସ, ସନ୍ତୋଷ କୁମାର ସାହୁ, ଜୟଲାଲ ବେହେରା, ମହେନ୍ଦ୍ର ସାହୁଙ୍କ ସମେତ ପୁରାତନ ଛାତ୍ର ଯୋଗଦେଇ ନିଜ ସ୍କୁଲ ଜୀବନର ଅନୁଭୂତି ଏବଂ ପରବର୍ତ୍ତୀ କାଳରେ ଚାକିରି ଜୀବନ ସମ୍ପର୍କରେ କହିବା ସହ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କମିଟି ଉପ ସଭାପତି ଦିଲୀପ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଲୁଲେନ୍ଦୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ମିଶ୍ର, ଡା.ରାଜାରାମ ଷଡଙ୍ଗୀ, ହରିହର ନାୟକ, ସିଦ୍ଧେଶ୍ୱର ସାହୁ, ରାଧାମୋହନ ଷଡଙ୍ଗୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।



ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଗୁରୁବାର ଅନୁଷ୍ଠିତ ସ୍ମୃତିର ଝଲକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଧମା କଲେଜରେ ବେଟି ପଢ଼ାଓ ବେଟି ବଚାଓ ସଚେତନତା କାର୍ଯ୍ୟକ୍ରମ

**ଧମା,୧୭।୧(ଡି.ଏନ.ଏ.)**

ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟ ଦ୍ୱାରା ଗୁରୁବାର ସ୍ଥାନୀୟ ମା' ଖାଡେଶ୍ୱରୀ କଲେଜରେ ବେଟି ପଢ଼ାଓ ବେଟି ବଚାଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ସହକାରୀ ନିର୍ଦ୍ଦେଶକ ରାମେଶ୍ୱର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୨ଶହ ଛାତ୍ରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଧମା ଥାନା ଅଧିକାରିଣୀ ରାଜେଶ୍ୱରୀ ଭୋଇ ଯୋଗ ଦେଇଥିଲେ। ଯୁକ୍ତ ୨ ଅଧ୍ୟକ୍ଷ ଅଶୋକ ପୁରୋହିତ, ଯୁକ୍ତ ୩ ଅଧ୍ୟକ୍ଷ ଅନୀଲ ପ୍ରଧାନ, ଅଧ୍ୟାପକ ରବୀନ୍ଦ୍ର ଠାକୁର, ଅଧ୍ୟାପିକା ମୀନତି ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ସମାଜରେ ନାରୀମାନଙ୍କ ସ୍ଥିତି, କନ୍ୟା ଭ୍ରୂଣହତ୍ୟା, ଲିଙ୍ଗଗତ ବୈଷମ୍ୟ ଆଦି ବିଷୟରେ ବିଶେଷ ଆଲୋଚନା କରି ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ ଯୁକ୍ତ ୩ ଓ ଯୁକ୍ତ ୨ ଶ୍ରେଣୀର ଛାତ୍ରୀ ତାନୀ ମେହେର, ରୁଚିସ୍ମିତା ଦାସ, ମୌସୁମୀ ସାହୁ, ସୀମା ରଣା, ସନ୍ଧ୍ୟାରାଣୀ ତରିଆ, ସୁସ୍ମିତା ଓରାମ, ପଲ୍ଲବୀ ସାଲିମା, ଆରତୀ ବେହେରା, ନିହାରିକା ମିଶ୍ର ଓ ବନିତା ଗୌଡ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗୀୟ ଅଧିକାରୀ ସନ୍ତୋଷ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପକ ସଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ଶିଖାରାଣୀ ବଢ଼େଇ, ତନ୍ମୟା ବେହେରା, ଅମ୍ରିତା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଭିଏସ୍‌ଏସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ବାର୍ଷିକ ଉତ୍ସବ

**ସମ୍ବଲପୁର, ୧୭।୧ (ବ୍ୟୁରୋ)**

ବୀରସୁରେନ୍ଦ୍ର ସାଏ (ଭିଏସ୍‌ଏସ୍) ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ୧୭ତମ ବାର୍ଷିକ ଉତ୍ସବ ଗୁରୁବାର ରାତିରେ ଧନକଉଡାଠାରେ ଅନୁଷ୍ଠିତ ହୋଇଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଝୁମି ଉଠିଥିଲେ । ଛାତ୍ରୀଛାତ୍ରଙ୍କ ନୃତ୍ୟ, ଗୀତ, କ୍ଷୁଦ୍ରନାଟକ, ଗୀଟାର୍ ଓ ତବଲା ବାଦନରେ ଉତ୍ସବ ଦୁଲୁକି ଉଠିଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଅଶ୍ୱିନୀ କୁମାର ସାହୁଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ହାସ୍ୟକବି ଗୁଣରଞ୍ଜନ ସାମିଲା ମୁଖ୍ୟଅତିଥି, ସଂଗୀତଜ୍ଞ ଶଙ୍କର ପ୍ରସାଦ ପ୍ରଧାନ ଓ କଣ୍ଠଶିଳ୍ପୀ ମହମ୍ମଦ ସୁଲେମାନ୍ ଦିୱାନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ନିର୍ଦ୍ଦେଶକ ସୌକୁମାର୍ଯ୍ୟ ପ୍ରଧାନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଡ. ସ୍ୱୟଂପ୍ରକାଶ ପଣ୍ଡା ସ୍ୱାଗତ ଭାଷଣ, ପିଆର୍ ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ । ଏ. ସାହୁ, ସାହିନା ବାନୋ, ଦେବଦତ୍ତ ସା ଅତିଥି ପରିଚୟ ପ୍ରଦାନ କରିଥିଲେ । ବାଳକ ବର୍ଗରେ ସ୍ୱରାଜ ସାହୁ ଓ ବାଳିକାରେ ରେବେକା ବାର୍ଲାଙ୍କୁ କ୍ରୀଡ଼ା ଚାମ୍ପିୟାନ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ସି. ପ୍ରଧାନଙ୍କୁ ଗଣିତ ଓ ରୋହିତ ରଥଙ୍କୁ କେମେଷ୍ଟ୍ରି ଚାମ୍ପିୟାନ ଭାବେ ପୁରସ୍କୃତ କରାଯାଇଥିଲା।

## ନାଚଗୀତରେ ଶେଷ ହେଲା ମକର ଯାତ୍ରା

**ଦେବଗଡ, ୧୭।୧(ସ୍ୱ.ପ୍ର)**

ପୌରାଞ୍ଚଳର ବିଭିନ୍ନ ମକରଯାତ୍ରା କମିଟି ତରଫରୁ ମକରଯାତ୍ରା ଉତ୍ସବ ପ୍ରବଳ ଉତ୍ସାହର ସହ ସମ୍ପନ୍ନ ହୋଇଯାଇଛି। ତଅଁଳାସାହି, କମିଟିର କର୍ମକର୍ତ୍ତାଙ୍କ ଆୟୋଜିତ ଏହି ଉତ୍ସବରେ ସୁଦୃଶ୍ୟ ସାଜସଜ୍ଜା ମଧ୍ୟରେ ପୂଜା ଆୟୋଜନ କରିବା ସହିତ ଶେଷ ଦିନରେ ହାଡିବାଜା, ସଂକୀର୍ତ୍ତନ୍ୟ ମଣ୍ଡଳୀ, ଡିଜେସାଉଣ୍ଡ, ଶଙ୍ଖ ହୁଳହୁଳି ଧ୍ୱନୀ ମଧ୍ୟରେ ଦେବ ଦେବ ମହାଦେବ ବାବାଙ୍କ ପ୍ରତିମାକୁ ସହର ପରିକ୍ରମା କରାଯାଇ ଥିଲା । ସେହିପରି ୧୪ରୁ ଆରମ୍ଭ ହୋଇଥିବା ସମସ୍ତ ପୂଜା କାର୍ଯ୍ୟରେ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଉତ୍ସବରେ କମିଟି ତରଫରୁ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଯଥା ମେଲୋଡି, ରେକର୍ଡ ଡ୍ୟାନ୍ସ ଆଦି ଅନୁଷ୍ଠିତ ହୋଇଥିଲା।

# ନୂଆଁ ବରଙ୍ଗାମାଲରେ ସୂର୍ଯ୍ୟପୂଜା

**ପଡିଆବାହାଲ,୧୭।୧(ଡି.ଏନ.ଏ.)**

ଯୁଯୁମୁରା ବ୍ଲକ ନୂଆଁ ବରଙ୍ଗାମାଲ ପଞ୍ଚାୟତ ନୂଆଁବରଙ୍ଗାମାଲ ଗ୍ରାମରେ ଶାମ୍ବ ଦଶମୀ ଅବସରରେ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଯାଇଛି। ସନ୍ନାସୀ ବାଗ ଓ ବିଳାସିନୀ ବାଗ କର୍ତ୍ତା ଭାବେ ରହିଥିବା ବେଳେ ପଣ୍ଡିତ ଶିବ ଶଙ୍କର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମଙ୍ଗଳବାର ପୂଜା କାର୍ଯ୍ୟ ଆରମ୍ଭ ହୋଇ ବୁଧବାର ହୋମଯଜ୍ଞ ପରେ ପୂର୍ଣ୍ଣାହୁତି ପଡିଥିଲା। ପୂଜା କମିଟି ଏବଂ ସମଲେଶ୍ୱରୀ ଯୁବକ ସଂଘର ସହଯୋଗରେ ଶିଶୁ ଓ କିଶୋର କଳାକାରମାନଙ୍କୁ ନେଇ ରଙ୍ଗାରଙ୍ଗ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୀତିକାର ତଥା ନୃତ୍ୟ ବିଶାରଦ କାଳିଚରଣ ପାଣିଗ୍ରାହୀ ବିଚାରକ ଭାବେ ପ୍ରତିଯୋଗୀଙ୍କୁ ଚୟନ କରି ପୁରସ୍କୃତ କରିଥିଲେ। ଏହି ଅବସରରେ ଅପେରା ଦଳଙ୍କ ଦ୍ୱାରା ପରିବେଶିତ ଯାତ୍ରା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଅନୀଲ କୁମାର ଭୋଇଙ୍କ ସଭାପତିତ୍ୱ ଏବଂ ଡା. ରାଜାରାମ ଷଡଙ୍ଗୀଙ୍କ ସଂଯୋଜନାରେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ମୁଖ୍ୟଅତିଥି, ବାହାମ ସରପଞ୍ଚ ମିତ୍ରଭାନୁ ପଧାନ, ଖବରଦାତା ରାଧାମୋହନ ଷଡଙ୍ଗୀ, ଭାରତୀୟ ଜନତା ପାର୍ଟି କର୍ମକର୍ତ୍ତା ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ନବୀନ ଭୋଇ, ଗୁଣମଣି ଭୋଇ, ଡୋଳାମଣି ଭୋଇ, ଗୁରୁଚରଣ ବାଗଙ୍କ ସମେତ ଗ୍ରାମବାସୀ ଓ ସଂଘ ସଦସ୍ୟଙ୍କ ପରିଚାଳନାରେ କରିଥିଲେ।



ନୂଆଁବରଙ୍ଗାମାଲ ଗ୍ରାମରେ ସୂର୍ଯ୍ୟ ପୂଜା କରାଯାଉଛି।

# କେନ୍ଦୁପାଣି ମଦଭାଟି ବନ୍ଦ ଦାବିକଲେ ମହିଳା



ସମ୍ବଲପୁର ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କେନ୍ଦୁପାଲି ଗ୍ରାମର ମହିଳାମାନେ।

**ସମ୍ବଲପୁର,୧୭।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା କେନ୍ଦୁପାଣି ଗ୍ରାମରେ ଥିବା ଦେଶୀ ମଦଭାଟି ବନ୍ଦ କରିବାକୁ ମହିଳାମାନେ ଦାବି କରିଛନ୍ତି । ଏନେଇ ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ବାମରା-ଗଡ଼ପୋଷ ରାସ୍ତା କଡରେ ଏକ ଦେଶୀମଦ ଭାଟି ରହିଛି। ଫଳରେ ଅଞ୍ଚଳର ମଦ କାରବାର ବୃଦ୍ଧି ପାଉଥିବା ବେଳେ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ଏନେଇ ଜନସାଧାରଣ ଉକ୍ତ ରାସ୍ତାରେ ଯିବା ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ପ୍ରତିଦିନ ଉକ୍ତ ରାସ୍ତାରେ ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଯାଉଥିବା ବେଳେ ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏପରି କି ଯୁବ ସମାଜ ମଦ ପିଇ ପଥଭ୍ରଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଲୋକେ ମଦ୍ୟପାନ କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏନେଇ ତୁରନ୍ତ ମଦଭାଟି ବନ୍ଦ କରିବାକୁ ମହିଳାମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଦାବିପତ୍ରରେ ଶ୍ରୀମତୀ ପିଙ୍ଗ, ଗୋମତି ଛୁରିଆ, ଯଶୋବନ୍ତୀ ମହାନନ୍ଦ, ସୁଜାତା ସୁନାନୀ, ଅହଲ୍ୟା ପଞ୍ଚଭାୟା, ରେବତି ଜୟପୁରିଆ, ମାଳତୀ ହାତୀ ମୁଖଙ୍କ ସ୍ୱାକ୍ଷର ରହିଛି।

## ପ୍ରସିଦ୍ଧ ବାମରା ମକର ମେଳା

# ଷ୍ଟଲ୍ ବଣ୍ଟନରେ ଅନିୟମିତତା ଅଭିଯୋଗ

**ବାମରା, ୧୭।୧ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ମକର ମେଳାର ଗୁରୁବାର ଥିଲା ଚତୁର୍ଥ ଦିବସ। ମେଳା ଐତିହ୍ୟ, ସଂସ୍କୃତି, ପରମ୍ପରା ଦୃଷ୍ଟିରୁ ଯେତିକି ମହତ୍ତ୍ୱପୂର୍ଣ୍ଣ ବ୍ୟବସାୟିକ ଦୃଷ୍ଟିକୋଣରୁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ମେଳାରେ ଓଡ଼ିଶାର ପ୍ରାୟ ପ୍ରତି ଜିଲା ତଥା ଟାଟାନଗର, କୋଲକାତା, ଖଡଗପୁର, ରାଞ୍ଚି, ମୁମ୍ବାଇ, ବିଲାସପୁର, ରାୟପୁର, ନାଗପୁର, ରାୟଗଡ ଆଦି ଦୂରଦୂରାନ୍ତରୁ ଦୋକାନୀ ଆସି ବ୍ୟବସାୟ କରିଥାନ୍ତି। ଏହା ବ୍ୟତୀତ ମିନାବଜାର, ଝୁଲା କୃଷି ପ୍ରଦର୍ଶନୀ, ମୌତକା କୁଆଁ ଆଦି ଚଳିତ ବର୍ଷ ପହଞ୍ଚିଥିବା ବେଳେ ମେଳାରେ ଷ୍ଟଲ ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ପ୍ରାୟ ୨ଶହରୁ ଅଧିକ ଷ୍ଟଲ ଖାଲି ପଡିଛି। ଏଭଳି ସ୍ଥିତିରେ ମେଳାର ସୌନ୍ଦର୍ଯ୍ୟ ଓ ସୁନ୍ଦରତା ମଧ୍ୟ ସମ୍ପୂର୍ଣ୍ଣ ହଜି ଯାଇଥିବା ଭଳି ମନେ ହେଉଛି । ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖା ଦେବା ସହ ମେଳାର ଅନିଶ୍ଚିତତା ଉପରେ ପ୍ରଶ୍ନ କରିଛନ୍ତି। ଚଳିତ ବର୍ଷ ମନ୍ଦିର ସମ୍ମୁଖ ସ୍ଥାନକୁ ଖାଲି କରାଯାଇ ଗୋବିନ୍ଦପୁର ମକର ମିଳନ ପଡ଼ିଆରେ ପ୍ରାୟ ଦୋକାନ ବଜାରକୁ ସ୍ଥାନାନ୍ତରିତ କରାଯାଇଛି । ହେଲେ ଏଥିରେ କେତେକ ପୁରୁଣା ଦୋକାନୀଙ୍କୁ ଅଣଦେଖା କରାଯାଇଥିବାରୁ ସେମାନେ ଫେରି ଯାଇଥିବା ଜଣାପଡିଛି। ଏପରି କି ଷ୍ଟଲଗୁଡିକ ଚଢ଼ା ଦର ରହିଥିବାରୁ ବହୁ ଦୋକାନୀ ମେଳାକୁ ଆସି ନ ଥିବା ଜଣାପଡିଛି। ସ୍ଥାନ ପରିବର୍ତ୍ତନ ଯୋଗୁ ଚଳିତ ବର୍ଷ ବ୍ୟବସାୟ ମଧ୍ୟ ମାନ୍ଦା ରହିଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ଏହା ବ୍ୟତୀତ ବ୍ୟବସାୟୀଙ୍କ ସୁବିଧା ପାଇଁ ଅସ୍ଥାୟୀ ଶୌଚାଳୟ କିମ୍ବା ପାନୀୟଜଳର କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡିଛି। ଏଭଳି ଅବ୍ୟସ୍ଥା ଫଳରେ ଆଗାମୀ ଭବିଷ୍ୟତରେ ବାମରା ମକର ମେଳା ବ୍ୟବସାୟିକ ଦୃଷ୍ଟିକୋଣରୁ ନିଜ ଅସ୍ତିତ୍ୱ ହରାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

**ବ୍ୟବସାୟ ପ୍ରଭାବିତ**



ବାମରା ମକର ମେଳାରେ ଖାଲି ପଡ଼ିଥିବା ଷ୍ଟଲ।

ଓଡ଼ିଶା ସରକାର

''ଓଡ଼ିଶା ଶକ୍ତିକ୍ଷେତ୍ରକୁ ସମୃଦ୍ଧ କରିବା ସହ ରାଜ୍ୟରେ ବିଦ୍ୟୁତ୍ ସେବାର ସୁପରିଚାଳନା ପାଇଁ କୁଶଳୀ ଏବଂ ଉତ୍କୃଷ୍ଟ ମାନବ ସମ୍ବଳ ନିୟୋଜିତ କରିବା ଆମର ଲକ୍ଷ୍ୟ।''

ମୁଖ୍ୟମନ୍ତ୍ରୀ, ଓଡ଼ିଶା

ପ୍ରଶିକ୍ଷିତ ମାନବ ସମ୍ବଳ - ଉନ୍ନତମାନର ସେବା

OPTCL Lifeline of Odisha
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.

ଆୟୋଜନ କରୁଛନ୍ତି
ନବନିଯୁକ୍ତ ଇଞ୍ଜିନିୟରଙ୍କ ପ୍ରଶିକ୍ଷଣ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସମ୍ମାନୀତ ଅତିଥି
ଶ୍ରୀଯୁକ୍ତ ସୁଶାନ୍ତ ସିଂ
ମାନ୍ୟବର ମନ୍ତ୍ରୀ, ଶକ୍ତି ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା

ତାରିଖ : ୧୮.୦୧.୨୦୧୯, ସମୟ : ପୂର୍ବାହ୍ନ ୧୧.୦୦ ଘ.
ସ୍ଥାନ : ଜୟଦେବ ଭବନ, ଭୁବନେଶ୍ୱର

Teamwork • Transparency • Technology

- ସ୍ଥାନୀୟ ଯୁବକ ଯୁବତୀମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗର ସୃଷ୍ଟି
- ବିଗତ ୧୦ ବର୍ଷ ମଧ୍ୟରେ ୧୭୬୨ ଜଣ କର୍ମଚାରୀଙ୍କ ନିଯୁକ୍ତି
- ଅନଲାଇନ୍ କମ୍ପ୍ୟୁଟର ଆଧାରିତ ପରୀକ୍ଷା (CBT) - ପ୍ରଥମ ରାଜ୍ୟସରକାରୀ ଉଦ୍ୟୋଗ
- ସ୍ୱଚ୍ଛ ଏବଂ ତ୍ୱରାନ୍ୱିତ ନିଯୁକ୍ତି ପ୍ରକ୍ରିୟା ପାଇଁ ସମ୍ମାନୀତ





ଆମ ଘରେ ଏଲ୍‌ଇଡି
QUALITY POWER QUALITY LIFE
optcl.odisha optcl_odisha energyodisha



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ୍



## ସଂକ୍ଷେପରେ

### ହାଇସ୍କୁଲର ବାର୍ଷିକ ଉତ୍ସବ

ପଡିଆବାହାଲ, ୧୭।୧ (ଡି.ଏନ.ଏ)- ଜମନକିରା ବ୍ଲକ ମୁଣ୍ଡେନପାଲିକ୍‌ସ୍ଥିତ ଇନ୍ଦିରାଗାନ୍ଧୀ ଆଞ୍ଚଳିକ ହାଇସ୍କୁଲର ଗୁରୁବାର ୧୭ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବିନାଶ ଚନ୍ଦ୍ର ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିବା ବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ କିଶୋର ମହାନ୍ତି ମୁଖ୍ୟଅତିଥି, ନାଟ୍ୟଶ୍ରୀ ଡ. ପଞ୍ଚାନନ ମିଶ୍ର ମୁଖ୍ୟବକ୍ତା, ଜିଲାପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ, ଜମନକିରା ବ୍ଲକ ଚେୟାରମ୍ୟାନ ଅରୁଣ କୁମାର ନାଏକ, ମୁଣ୍ଡେନପାଲି ସରପଞ୍ଚ ସଞ୍ଜୁ ମିର୍ଦ୍ଧା, ସମିତି ସଭ୍ୟ ମନୋଜ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ପଶ୍ଚିମ ଓଡ଼ିଶା ବିକାଶ ପାଣ୍ଠି ସହଯୋଗରେ ନିର୍ମିତ ନୂତନ ଅତିରିକ୍ତ ଶ୍ରେଣୀ ଗୃହକୁ ମୁଖ୍ୟଅତିଥି ମହାନ୍ତି ଉଦ୍‌ଘାଟନ କରିଥିଲେ । ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀ ଏବଂ ସ୍କୁଲରୁ ବିଭିନ୍ନ ବ୍ଲକ, ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶିକ୍ଷକ ଗୋପୀରଞ୍ଜନ ନାଥ ଧନ୍ୟବାଦ ଜ୍ଞାପନ କରିଥିଲେ।

### ବାଙ୍କେ ପଞ୍ଚାୟତରେ କମ୍ବଳ ବଣ୍ଟନ

କୁଚିଣ୍ଡା,୧୭।୧(ଡି.ଏନ.ଏ.)- କୁଚିଣ୍ଡା ବିଜେଡି ପକ୍ଷରୁ କୁଚିଣ୍ଡା ବ୍ଲକ ଅଧୀନ ବାଙ୍କେ ପଞ୍ଚାୟତର ଗରିବ ପରିବାର ଲୋକଙ୍କୁ ଗୁରୁବାର କମ୍ବଳ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଜେଡିର ନଗର ସଭାପତି ଗଣେଶ ରାମ ଅଗ୍ରୱାଲ, ପୂର୍ବତନ ନିର୍ବାଚନ ମଣ୍ଡଳୀ ସଭାପତି ଗଗନ ଶର୍ମା, କୁଚିଣ୍ଡା ଲ୍ୟାମ୍ପ୍ସ ସଭାପତି ମନୋରଞ୍ଜନ ଭୋଇ, ବିଜେଡି ଗ୍ରାମ ସଭାପତି ଯୁଧିଷ୍ଠିର ପ୍ରଧାନ, ଯୁବ ନେତା ଅକ୍ଷୟ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୟ ସାମର୍ଥା, ପ୍ରଦୀପ ପୃଷ୍ଟି, ବିଶ୍ୱଜିତ ଦାଶ ପ୍ରମୁଖ ସହଯୋଗ କରିଥିଲେ ।

### ଜଳଖିଆ ଦୋକାନରୁ ଚୋରି: ଜଣେ ଅଟକ

ରେଙ୍ଗାଲି,୧୭।୧(ଡି.ଏନ.ଏ.)- ରେଙ୍ଗାଲି ଡାକ୍ତରଖାନା ସମ୍ମୁଖରେ ଥିବା ଏକ ଜଳଖିଆ ଦୋକାନରୁ ଚୋରି ହୋଇଥିବାର ଜଣାପଡିଛି। ଡାକ୍ତରଖାନା ସମ୍ମୁଖରେ ସୁଦାମ ମହାପାତ୍ର ଏକ ଜଳଖିଆ ଦୋକାନ କରିଛନ୍ତି। ଗୁରୁବାର ସକାଳେ ସୁଦାମ ଦୋକାନ ଖୋଲିବାକୁ ଆସିଥିଲେ। ସେତିକିବେଳେ ସେ ଦୋକାନ ଖୋଲାଥିବା ଦେଖିବାକୁ ପାଇଥିଲେ। ଏପରି କି ଦୋକାନରୁ ଗ୍ୟାସ ଟାଙ୍କି, ଚୁଲା ସହ ବିଭିନ୍ନ ସାମଗ୍ରୀ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସୁଦାମ ରେଙ୍ଗାଲି ଥାନାରେ ଏକ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ପୋଲିସ ଜଣ ବକ୍ତିଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

# ଫ୍ଲାଇଓଭର ବ୍ରିଜ୍ କାମ ଯାଞ୍ଚ କଲେ ଜିଲାପାଳ

- ୨ଦୁର୍ଘଟଣା ଘଟିଥିବା ଫଟୋ ଭାଇରାଲ
- ପଡିନାହିଁ ଖୋଲାଯାଇଥିଲା ଗାର୍ଡର: ବିଭାଗ
- ଭୁବନେଶ୍ୱରର ପୁରରାବୃତ୍ତି ହେବା ନେଇ ଆଶଙ୍କା

ସମ୍ବଲପୁର,୧୭।୧(ବ୍ୟୁରୋ)- ଜିଲାପାଳ ସମର୍ଥ ବର୍ମା ଗୁରୁବାର ସମ୍ବଲପୁର ଫ୍ଲାଇଓଭର ବ୍ରିଜ୍ କାମ ପରିଦର୍ଶନ କରିଛନ୍ତି । କାମର ମାନ ଓ ଶ୍ରମିକ ସୁରକ୍ଷା ନେଇ ହୋଇଥିବା ଅଭିଯୋଗ ଉପରେ ତଦନ୍ତ କରିଛନ୍ତି। ବିଭାଗୀୟ ଅଧିକାରୀ ଓ ଠିକା କମ୍ପାନୀକୁ ଏହି ଦିଗରେ ଧାନ ଦେବାକୁ ତାଗିଦା କରିଥିଲେ। ବୁଧବାର ବିଳମ୍ବିତ ରାତିରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଲିଥିବା ଓରଭ ବ୍ରିଜ୍ କାମରେ ଦୁର୍ଘଟଣା ହୋଇଥିବା ନେଇ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏଥିରେ ଗାର୍ଡର ଓ ବେରିଂ ପଡିଯିବା ଏବଂ ଶ୍ରମିକମାନେ ଅସୁରକ୍ଷିତ ଭାବେ ରାତିରେ କାମ କରୁଥିବା ଫଟୋଗୁଡିକ ରହିଥିଲା। ଫଟୋ ଭାଇରାଲ ପରେ ଭୁବନେଶ୍ୱରରେ ଯେଭଳି ଭାବେ ଫ୍ଲାଇଓଭର ବ୍ରିଜ୍ ଭୁଷୁଡି ପଡିଥିଲା ସମ୍ବଲପୁରରେ ସେଭଳି ପୁନରାବୃତ୍ତି ହେବ ସେ ନେଇ ସହରବାସୀଙ୍କ ମଧରେ ଭୟ ସୃଷ୍ଟି ହୋଇଛି। ଏନେଇ ଗୁରୁବାର ଜିଲାପାଳ ବର୍ମାଙ୍କ ସମେତ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ସାହୁ ଘଟଣାର ଯାଞ୍ଚ କରିଥିଲେ । ନିର୍ବାହୀ ଯନ୍ତ୍ରୀ ସାହୁ କହିଛନ୍ତି, କୌଣସି ଗାର୍ଡର କିମ୍ବା ବ୍ୟାରିଂ ଓଭର ବ୍ରିଜ୍‌ରୁ ପଡିନାହିଁ । ଗାର୍ଡରକୁ ଠିକ୍ ଭାବେ ବସାଇବାକୁ ବାରମ୍ବାର ତଳୁ ଉପରକୁ କରିବାକୁ ପଡିଥାଏ । ଏହା ମେଶିନ ସାହାଯ୍ୟର ହୋଇଥାଏ । ଦୁର୍ଘଟଣାକୁ ଏଡାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବୁଧବାର ରାତିରେ କାମ କରୁଥିବା ସମୟରେ ଗାର୍ଡର ଥୋଇବା ସମୟରେ ପୂର୍ବରୁ ଥିବା ଗାର୍ଡରରେ ବାଜି ଯାଇଥିଲା। ପରେ ରାତିରେ କାମ କରି ଗାର୍ଡରୁ ଠିକ ଭାବେ ଖଞ୍ଜା ଯାଇଥିଲା । ସୁରକ୍ଷା ଦିଗକୁ ଗୁରୁତ୍ୱ ଦେଇ କାମ କରାଯିବ ବୋଲି ସେ କହିଥିଲେ। ସୂଚନା ଯୋଗ୍ୟ, ସମ୍ବଲପୁର ଚର୍ଚ୍ଚ ଛକଠାରୁ ଜିଲାପାଳ ଅଫିସ ପର୍ଯ୍ୟନ୍ତ ଫ୍ଲାଇଓଭର ବ୍ରିଜ୍ କାମ ଚାଲିଛି। ଏହି କାମକୁ ବିବାଦୀୟ ପଣ୍ଡା ଇନଫ୍ରାଷ୍ଟ୍ରକଚର କରୁଛି । ହେଲେ ନିର୍ମାଣ କାମରେ ବଳମ୍ବ ହେଉଥିବାରୁ ଦିନକୁ ଦିନ ଜନ ଅସନ୍ତୋଷ ବଢିବାରେ ଲାଗିଛି ।



ଗୁରୁବାର ଜିଲାପାଳ ସମ୍ବଲପୁର ଫ୍ଲାଇ ଓଭର ବ୍ରିଜ୍ ନିର୍ମାଣ କାମ ତଦାରଖ କରୁଛନ୍ତି।

ଠାକୁରପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ଜିଲାପାଳଙ୍କ ଦ୍ୱାରସ୍ଥ

# ସରକାରୀ ଅଫିସ ଖୋଲିବା ଦାବି



ଗୁରୁବାର ସମ୍ବଲପୁର ଠାକୁରପଡା ଶୀତଳଷଷ୍ଠୀ ଯାତ୍ରୀ କମିଟି ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ।

**ସମ୍ବଲପୁର,୧୭।୧(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ଗୁରୁବାର ୧୩୫ ଦିନରେ ପହଞ୍ଚିଛି । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦପ୍ତର କାର୍ଯ୍ୟ ଠପ ହୋଇଛି । ଦୀର୍ଘ ଦିନ ହେବ ସରକାରୀ ଦପ୍ତର ବନ୍ଦ ରହିବାରୁ ଛାତ୍ରୀଛାତ୍ର ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଉଚ୍ଚତର ଶିକ୍ଷା ପାଇଁ ଆବଶ୍ୟକ ପଡୁଥିବା ଜରୁରୀ ସାର୍ଟିଫିକେଟ ମଧ ମିଳୁନାହିଁ । ଏନେଇ ଗୁରୁବାର ସମ୍ବଲପୁର ଠାକୁରପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଆଲୋଚନା କରିଛନ୍ତି । ସଭାପତି ଶିବ ପ୍ରଧାନ, ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ପ୍ରଦୀପ ସାହାଣି, ସନ୍ତୋଷ ବାଗ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ ।

ବାମରା ମକର ମେଳା

# ଆତିଥ୍ୟ ଗ୍ରହଣ ପରେ ବାହୁଡ଼ିଲେ ଧବଳେଶ୍ୱର ମହାଦେବ

**ବାମରା, ୧୭।୧ (ସ୍ୱ.ପ୍ର.)**

ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିବା ପ୍ରସିଦ୍ଧ ବାମରା ମକର ମେଳା ଅବସରରେ ଗୁରୁବାର ଆତିଥ୍ୟ ଗ୍ରହଣ କରି ଶେଷରେ କେଛୁପାଣି ଧବଳେଶ୍ୱର ମହାଦେବ ନିଜ ଗାଁକୁ ବାହୁଡି ଛନ୍ତି। ସଂକ୍ରାନ୍ତି ଉପଲକ୍ଷେ ବାମରା (ଗୋବିନ୍ଦପୁର)ର ଜଗନ୍ନାଥ ମହାପ୍ରଭୁ ଓ ଉଚ୍ଚକାପାଟ ପଞ୍ଚାୟତ କେଛୁପାଣିର ଧବଳେଶ୍ୱର ମହାଦେବଙ୍କୁ ବିଭିନ୍ନ ସାଂସ୍କୃତିକ ଦଳ ମାଧମରେ ଏକ ବିରାଟ ଶୋଭାଯାତ୍ରା ପାଛୋଟି ନିଆଯାଇଥିଲା। ପରେ ସ୍ଥାନୀୟ ଗୋବିନ୍ଦପୁର ଫୁଟବଲ ପଡ଼ିଆରେ ମକର ମିଳନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା । ପାରମ୍ପରିକ ନୃତ୍ୟଗୀତ ମଧରେ ସଂପ୍ରଦା, ସଂକୀର୍ତ୍ତନ, ଦଣ୍ଡ ନୃତ୍ୟ ଓ କୃଷ୍ଣଗୁରୁ ଦଳ ନିଜ କଳା ପ୍ରଦର୍ଶନ କରି ହଜାର ହଜାର ଶ୍ରଦ୍ଧାଳୁଙ୍କୁ ମୋହିତ କରିଥିଲେ। ୪ ଦିନ ଧରି ଅଗାତ ଆତିଥ୍ୟ ଗ୍ରହଣ କରି ଶେଷରେ ଜଗନ୍ନାଥ ମହାପ୍ରଭୁଙ୍କ ନିକଟରୁ ଧବଳେଶ୍ୱର ମହାଦେବ ବିଦାୟ ନେଇଥିଲେ। ଶୋଭାଯାତ୍ରାରେ ସୁଶୀଲ ନାଏକ, ଯୋଗବିହାରୀ ପରିଡା, କ୍ଷୀରୋଦ କୁମାର ସା ପ୍ରମୁଖ ପ୍ରତିନିଧିତ୍ୱ କରିଥିଲେ।

### ହୀରାକୁଦ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଆଲୋଚନାଚକ୍ର

ହୀରାକୁଦ, ୧୭।୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ହୀରାକୁଦ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଏକ ଆଲୋଚନା ଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଣିଜ୍ୟ ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ହୀରାକୁଦ ମହାବିଦ୍ୟାଳୟ ଅଧକ୍ଷା ଜ୍ୟୋସ୍ନାମୟୀ ମିଶ୍ର ମୁଖ୍ୟଅତିଥି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ପ୍ରିୟବ୍ରତ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ସହ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ। ଅଧାପକ ସଞ୍ଜୟ ଜେନା, ଅଧାପିକା ରୋଜାଲିନ ଦେବୀ ଆଲୋଚନଚକ୍ରର ପରିଚାଳନା ଓ ସଂଯୋଜନା କରିଥିଲେ। ସେମିନାର ସମ୍ପାଦକ ମାଧୁରୀ ଡିଗଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହିଅବସରରେ ସେମିନାର ପାଇଁ ଏକ ସ୍ୱତନ୍ତ୍ର ବାଣିଜ୍ୟ ବିଭାଗର ଇ ମେଲ ଆଇଡି ମୁଖ୍ୟଅତିଥି ଏବଂ ମୁଖ୍ୟବକ୍ତାଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏଥିରେ ୭୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇ ମନ୍ତବ୍ୟ ପ୍ରଦାନ କରିଥିଲେ। ସେମିନାରର ଯୁଗ୍ମ ସମ୍ପାଦକ କ୍ଷୀରୋଜ କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

# ଅଇଁଠାପାଲି ବିଜୟୀ



ଗୁରୁବାର ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମରେ ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

**ସମ୍ବଲପୁର, ୧୭।୧ (ବ୍ୟୁରୋ)**

ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ମ୍ୟାଚରେ ଅଇଁଠାପାଲି ଇଲେଭେନ୍ ଷ୍ଟାର ବିଜୟୀ ହୋଇ ପରିବର୍ତ୍ତି ପର୍ଯ୍ୟାୟକୁ ଉନ୍ନିତ ହୋଇଛି । ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଅଇଁଠାପାଲି ଏବଂ ବୁର୍ଲା ସ୍ପୋର୍ଟିଂ ୟୁନିୟନ ମଧରେ ମ୍ୟାଚ ସଂଘର୍ଷ ପୂର୍ଣ୍ଣ ହୋଇଥିଲା । ୧-୧ ଗୋଲରେ ଅମିମାଂଶିତ ରହିଥିଲା । ତେଣୁ ରେଫରି ଟ୍ରାଇବ୍ରେକର୍ ପଦ୍ଧତିର ଆଶ୍ରୟ ନେଇଥିଲେ । ଏଥିରେ ଅଇଁଠାପାଲି ୪-୩ ଗୋଲରେ ବିଜୟୀ ହୋଇଥିଲା । ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ମନୋରଞ୍ଜନ ପାଢ଼ୀ ମୁଖ୍ୟଅତିଥି, ଲକ୍ଷ୍ମୀଧର ମହାନ୍ତି ଓ ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

# ଜିଏମ୍‌ୟୁ ଅମୃତ ବିହାରରେ ବକ୍ତୃତାମାଳା

ସମ୍ବଲପୁର, ୧୭।୧ (ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ପକ୍ଷରୁ ପ୍ଲାଟିନମ୍ ଜୁବିଲି ଅଷ୍ଟମ ବକ୍ତୃତାମାଳା ଅମୃତ ବିହାର ପରିସରସ୍ଥ ଅଧାପନା ପ୍ରକୋଷ୍ଠ- ୧ରେ ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର ଅତନୁ କୁମାର ପତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସ୍ୱାମୀ ମୁକାନ୍ଦାନନ୍ଦଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ମସ୍ତିସ୍କ ପରିଚାଳନାର କଳା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଡେପୁଟି ରେଜିଷ୍ଟ୍ରାର୍ ଉମାଚରଣ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୁଳସଚିବ ଗିରିଶ ଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ । ସହରର ବିଭିନ୍ନ ଅଞ୍ଚଳରୁ ଛାତ୍ରୀଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ ପ୍ରମୁଖ ଯୋଗଦେଇଥିଲେ ।

# ଗ୍ରାହକଙ୍କୁ ଆକୃଷ୍ଟ କରୁଛି ଷ୍ଟାଇଲସ୍ପା ଫର୍ନିଚର୍



ସମ୍ବଲପୁର ପୀରବାବା ଛକସ୍ଥିତ ଷ୍ଟାଇଲସ୍ପା ଶୋରୁମ୍ ।

**ସମ୍ବଲପୁର,୧୭।୧(ବ୍ୟୁରୋ)**

ଆକର୍ଷଣୀୟ ଷ୍ଟାଇଲସ୍ପା ଫର୍ନିଚର୍ ଗ୍ରାହକଙ୍କ ମନ ଜିଣିଛି । ଗ୍ରାହାକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆସନ୍ତା ମାସ ସମ୍ବଲପୁର ପୀରବାବା ଛକସ୍ଥିତ ଷ୍ଟାଇଲସ୍ପା ଏକ୍ସକ୍ଲୋସିପ୍ ଶୋରୁମ୍‌ଠାରେ ବେଡରୁମ୍ ଷ୍ଟୁଡିଓ ଖୋଲିବ। ଏହା ରାଜ୍ୟର ପ୍ରଥମ ଓ ଦେଶର ତୃତୀୟ ବେଡରୁମ୍ ଷ୍ଟୁଡିଓ ହେବ । ଏହାଦ୍ୱାରା ଗ୍ରାହକମାନେ ନିଜ ମନ ମୁତାବକ ଷ୍ଟାଇଲସ୍ପା ଫର୍ନିଚର୍ କିଣି ଘର ସଜାଇ ପାରିବେ । ଗୁରୁବାର ସମ୍ବଲପୁର ଷ୍ଟାଇଲସ୍ପା ବିଜନେସ୍ ମୁଖ୍ୟ ସୌମେନ୍ଦ୍ର ମହାପାତ୍ର ଏହା କହିଛନ୍ତି । ସେ କହିଥିଲେ ଯେ, ନବବର୍ଷ ଅଫର୍‌ରେ ଫ୍ଲାଟ୍ ୪୦ ପ୍ରତିଶତ ରିହାତି ରହିଛି। ୧ଲକ୍ଷ ସାମଗ୍ରୀ କ୍ରୟ କଲେ ଗ୍ରାହକମାନଙ୍କୁ ୪୦ ପ୍ରତିଶତ ସମେତ ଅତିରିକ୍ତ ୧୦ ପ୍ରତିଶତ ରିହାତି ଦିଆଯାଉଛି । ଏତଦ୍‌ବ୍ୟତୀତ ଜ୍ୟାକି ବେଡ୍‌ରୁମ୍ ପ୍ୟାକେଜ୍‌ର ମୂଲ୍ୟ ୧ଲକ୍ଷ ୨୩ ହଜାର ୧୪୦ ଟଙ୍କା ରହିଥିବା ବେଳେ ସମ୍ପ୍ରତି ଏହା ୭୩ ହଜାର ୮୪୪ ଟଙ୍କା ମୂଲ୍ୟରେ ବିକ୍ରି କରାଯାଉଛି । ୩ବର୍ଷ ଗ୍ୟାରେଣ୍ଟି ମଧ ରହିଛି। ଅପରପକ୍ଷେ ୨୯ ହଜାର ୯୯୫ ଟଙ୍କାରୁ ବେଡ୍‌ରୁମ୍ ପ୍ୟାକେଜ୍ ରହିଛି । ସେହିପରି ଷ୍ଟାଇଲସ୍ପା ଫର୍ନିଚର କ୍ରୟ କଲେ ଗ୍ରାହକମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି। ସୂଚନାଯୋଗ୍ୟ, ଗତ ୮ବର୍ଷ ତଳେ ଏହି ଶୋରୁମ୍ ଖୋଲା ଯାଇଥିଲା। ଏହା ରାଜ୍ୟର ଦ୍ୱିତୀୟ ତମ । ଅନୁଗୋଳ ଓ ଭୁବନେଶ୍ୱରରେ ଷ୍ଟାଇଲସ୍ପା ଶୋରୁମ୍ ରହିଛି। ଏପରି କି ଏହାର ୬ଟି ଡିଲର୍ ପଏଣ୍ଟ ରହିଛି । ପ୍ରଥମେ ମାସିକ ୫ଲକ୍ଷ ଟଙ୍କା ବ୍ୟବସାୟ ହେଉଥିଲା। ସମ୍ପ୍ରତି ଏହା ଜନସାଧାରଣଙ୍କ ଆଦୃତି ଲାଭ କରିଛି। ମାସକୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟବସାୟ ହେଉଛି । ପ୍ରଥମେ ୟୁରୋପିଏନ୍ ଫର୍ନିଚର ପ୍ରସ୍ତୁତ କମ୍ପାନୀ ଫୋର୍ଟ ପୋଲାଣ୍ଡ ଓ ଆଡଭେଞ୍ଜ ଗ୍ରୁପ ମିଳିତ ସହଯୋଗରେ ଅତ୍ୟାଧୁନିକ ଓ ଆକର୍ଷଣୀୟ ସାମଗ୍ରୀ ଉତ୍ପାଦନ କରୁଛି । ଯାହାକି ଦେଖିବାକୁ ସୁନ୍ଦର ଥିବାବେଳେ ଏହାର ସ୍ଥାୟୀତ୍ୱ ମଧ ଅଧିକ ରହିଛି । ସାମଗ୍ରୀ ମଧରେ ମୁଖ୍ୟତଃ ବେଡ୍, କଫି ଟେବୁଲ, ୱାଡ୍ରୋବ, ସୋଫା, ଡାଇନିଂ ଟେବୁଲ୍ ପ୍ରଭୃତି ରହିଛି ।

# ଜିଏମ୍‌ୟୁ ଫାଟକରେ ଏବିଭିପିର ବିକ୍ଷୋଭ

ସମ୍ବଲପୁର, ୧୭।୧ (ବ୍ୟୁରୋ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପ) ପକ୍ଷରୁ ଗୁରୁବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍‌ୟୁ) ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏଥିସହ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟକୁ ନେଇ ବିଦ୍ୟାର୍ଥୀମାନେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ଏନ୍. ଯାଦବ, ରାଜ ଦଳପତ, ସୌମ୍ୟରଞ୍ଜନ ବଡପଣ୍ଡା, ଜିତୁ ଚାନ୍ଦ, ରାଜନ ବିଶ୍ୱାଳ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଫଟୋରେ ଖବର...



ସମ୍ବଲପୁର ଆଲା ହଜରଦ୍ ୱେଲ ଫେୟାର କମିଟି, ରାଜା ଏକ୍ସନ୍ କମିଟି, ମାଦ୍ରାସା କମିଟି ଓ ବରିଷ୍ଠ ମୁସଲିମ୍ ନାଗରୀକମାନେ ଜିଲାପାଳଙ୍କୁ ବିଭିନ୍ନ ଦାବୀ ଜଣାଇବାକୁ ଗୁରୁବାର ଆସିଛନ୍ତି।




ଗୁରୁବାର ସମ୍ବଲପୁର ଭିଏସ୍‌ଏସ୍ ଇନଷ୍ଟିଚ୍ୟୁଟର୍ ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।



ସମ୍ବଲପୁର ଜିଲା ସ୍କୁଲ ଛକଠାରେ ଅନୁସୂଚୀତ ଜାତି ଛାତ୍ରବୃତ୍ତି ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷାର ଅଭିଯାନରେ ଜଣେ ଦସ୍ତଖତ କରୁଛନ୍ତି ।



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



# ମନ ମୋହିଲା ନାବକେଳି

**ମଥୁରାନଗରୀ/ଗୋପପୁର,୧୭।୧**

ବରଗଡ଼ ଧନୁଯାତ୍ରା ମହୋତ୍ସବର ସପ୍ତମ ଦିବସ ଗୁରୁବାର ଗୋଟିଏ ପଟେ ମନାବନ୍ଧରେ ରାଧାକୃଷ୍ଣଙ୍କ ନାବକେଳି ଏବଂ ଅନ୍ୟପଟେ କଂସଙ୍କ ନଗର ଭ୍ରମଣ ଓ ରାଜଦରବାରରେ ନ୍ୟାୟ ବିଚାର ମହୋତ୍ସବର ପ୍ରମୁଖ ଆକର୍ଷଣ ପାଲଟିଥିଲା । ଗୋପବାସୀ ଶ୍ରୀରାଧା, ଶ୍ରୀକୃଷ୍ଣଙ୍କୁ ଧରି ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ମନାବନ୍ଧକୁ ପହଞ୍ଚିଥିଲେ । ବାଟରେ ଶ୍ରଦ୍ଧାଳୁମାନେ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରିଥିଲେ । ସେହିପରି ତଳିପଡ଼ା ସମଲେଶ୍ୱରୀ ମନ୍ଦିର ନିକଟ ଏବଂ ହାଟପଦା ନିକଟ ରାଧାକୃଷ୍ଣ ମନ୍ଦିରରେ ରାଧାକୃଷ୍ଣଙ୍କୁ ଶ୍ରଦ୍ଧାଳୁମାନେ ଦୋଳିରେ ଝୁଲାଇଥିଲେ । ରାଧାକୃଷ୍ଣ ମନ୍ଦିରରେ ଅନୁଷ୍ଠିତ ଦୋଳିଝୁଲା କାର୍ଯ୍ୟକ୍ରମବେଳେ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ଦେବେଶ ଆଚାର୍ଯ୍ୟ ଏବଂ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଉପସ୍ଥିତ ରହି ରାଧାକୃଷ୍ଣଙ୍କୁ କୋଳେଇ ଧରିଥିଲେ । ସନ୍ଧ୍ୟାରେ ରାଧାକୃଷ୍ଣ ମନାବନ୍ଧକୁ ପହଞ୍ଚିଥିଲେ ଏବଂ ସେଠାରେ ନାବକେଳି ଦୃଶ୍ୟାଭିନୟକୁ ହୋଇଥିଲା । ଏକ ସୁସଜ୍ଜିତ ଡଙ୍ଗାରେ ରାଧାକୃଷ୍ଣ ବସିଥିବାବେଳେ ନାଉରିଆ ଡଙ୍ଗାକୁ ବନ୍ଧ ଚାରିଆଡ଼େ ବୁଲାଇଥିଲେ । ଏହି ଦୃଶ୍ୟ ଦେଖିବା ପାଇଁ ମନାବନ୍ଧର ଚତୁଃପାର୍ଶ୍ୱ ଲୋକାରଣ୍ୟ ହୋଇ ପଡ଼ିଥିଲା ।

ଅପରପକ୍ଷେ ଅନ୍ୟଦିନ ଭଳି କଂସ ମହାରାଜା ଅପରାହ୍ନ ପ୍ରାୟ ୪ଟାରେ ରାଜମହଲରୁ ବାହାରି ମଥୁରା ଭ୍ରମଣ କରିଥିଲେ ଏବଂ ପରେ ରଙ୍ଗମହଲକୁ ଆସି ନାଚଗୀତ ଆସରରେ ମସଗୁଲ୍ ରହିଥିଲେ । ଏହାପରେ କଂସ ହାଟପଦାସ୍ଥିତ ରାଜ ଦରବାରକୁ ଯାଇ ଶିବଙ୍କୁ ପୂଜାର୍ଚ୍ଚନା କରିଥିଲେ । ଗୋପପୁର ପ୍ରେରିତ ସମସ୍ତ ରାକ୍ଷସୀ ରାକ୍ଷସ ଓ କାଳୀୟ ନାଗ ବଧ ହେବା ପରେ ମର୍ମାହତ କଂସ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚନା କରିଥିଲେ । ଏଥିପାଇଁ ଧନୁଯାତ୍ରା ଆୟୋଜନ ଏବଂ ସେଠାକୁ ଶ୍ରୀକୃଷ୍ଣ, ବଳରାମଙ୍କୁ ନିମନ୍ତ୍ରଣ ପାଇଁ ସେ ଯୋଜନା ପ୍ରସ୍ତୁତ କରିଥିଲେ । ସେଥିପାଇଁ ଚିଟାଉ ଧରି ନନ୍ଦରାଜାଙ୍କ ପାଖକୁ ଯିବାକୁ ସେ ଅକ୍ରୂରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

**ବରଗଡ଼ ଧନୁଯାତ୍ରା ମହୋତ୍ସବ**



ମନାବନ୍ଧରେ ରାଧାକୃଷ୍ଣଙ୍କ ନାବକେଳି ଦୃଶ୍ୟାଭିନୟ ।



ଉତ୍ତର ପ୍ରଦେଶର ମଥୁରାରୁ ଆସିଥିବା କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

## ଆଜିଠୁ ଲୋକମଣ୍ଡପ ପଡ଼ିଆରେ ରାଜ ଦରବାର

ଧନୁଯାତ୍ରାର ଅଷ୍ଟମ ଦିବସ ଶୁକ୍ରବାରଠାରୁ ସ୍ଥାନୀୟ ନିଶାମଣି ସ୍କୁଲ ସମ୍ମୁଖ ଲୋକମଣ୍ଡପ ପଡ଼ିଆରେ ନିର୍ମିତ ମଞ୍ଚ ରାଜ ଦରବାର ରୂପ ନେବ । ଅନ୍ୟପଟେ ୭ଦିନ ଧରି ରାଜଦରବାର ପାଲଟି ସାରିଥିବା ହାଟପଦା ମଞ୍ଚରେ ରଙ୍ଗମହଲର ଦୃଶ୍ୟାଭିନୟ ହେବ । ଉଲ୍ଲେଖନୀୟ, ଧନୁଯାତ୍ରା ମହୋତ୍ସବ ସମିତିର ନିଷ୍ପତ୍ତିକ୍ରମେ ଗତ ୨୦୧୫ ମସିହାରୁ ଯାତ୍ରାର ପ୍ରଥମ ୭ଦିନ ହାଟପଦାର ପୁରୁଣା ମଞ୍ଚ ଏବଂ ଶେଷ ୪ଦିନ ନିଶାମଣି ସ୍କୁଲ ପଡ଼ିଆ ଲୋକମଣ୍ଡପର ନୂତନ ମଞ୍ଚରେ ରାଜ ଦରବାର ଦୃଶ୍ୟାଭିନୟ ହୋଇଆସୁଛି ।

# ୭୦୦ କୋଟି ନିବେଶ ଲାଗି ଗୋୟଲଙ୍କ ସର୍ତ୍ତ

**ନୂଆଦିଲ୍ଲୀ,୧୭।୧:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଜେଟ୍ ଏୟାରୱେଜର ଅଂଶଧନ କିଣିବା ଲାଗି ଏତିହାଦ ଏୟାରଲାଇନ୍ସ କଡ଼ା ସର୍ତ୍ତାରୋପ କରିଛି। ଏଥିରେ କ୍ଷୁବ୍ଧ ଏହାର ପ୍ରମୋଟର ତଥା ଅଧ୍ୟକ୍ଷ ନରେଶ ଗୋୟଲ କମ୍ପାନୀରେ ୭୦୦ କୋଟି ଟଙ୍କା ନିବେଶ କରିବାକୁ ରାଜି ଥିବା ଦର୍ଶାଇଛନ୍ତି। ତେବେ କମ୍ପାନୀରେ ତାଙ୍କର ଅଂଶଧନ ୨୫%ରୁ କମ୍ ହେବ ନାହିଁ ବୋଲି ସେ ସର୍ତ୍ତାରୋପ କରିଛନ୍ତି। ପ୍ରମୁଖ ଋଣପ୍ରଦାନକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ଅଧ୍ୟକ୍ଷ ରଜନୀଶ କୁମାରଙ୍କୁ ପତ୍ର ଲେଖି ଗୋୟଲ ନିଜର ପ୍ରସ୍ତାବ ଦେଇଛନ୍ତି। ସୂଚନାଥାଉ କି, ଜେଟ୍‌ର ରଣନୈତିକ ସହଯୋଗୀ



ଏତିହାଦ କହିଛି ଯେ, ଗୋୟଲ ନିୟନ୍ତ୍ରଣ ଛାଡ଼ି ଦେଲେ ଋଣଗ୍ରସ୍ତ ଭାରତୀୟ କମ୍ପାନୀରେ ନିବେଶ ବଢ଼ାଇବାକୁ ରାଜି। ଜେଟ୍‌କୁ ଋଣ ଦେଇଥିବା ବ୍ୟାଙ୍କ ସମୂହ ସମାଧାନ ଯୋଜନା ନେଇ ଏତିହାଦର ସର୍ତ୍ତ ଉପରେ ବିଚାରବିମର୍ଷ ଚଳାଇଥିବା ବେଳେ ଗୋୟଲଙ୍କ ପତ୍ର ବିଶେଷ ଗୁରୁତ୍ୱ ବହନ କରୁଛି। ତାଙ୍କର ଅଂଶଧନ ୨୫%ରୁ କମିବ ନାହିଁ ଏହା ଧାର୍ଯ୍ୟ ହେବା ପରେ ହିଁ ସେ କମ୍ପାନୀରେ ନିବେଶ ବଢ଼ାଇବେ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି। ଯଦି ତାଙ୍କର ପ୍ରସ୍ତାବ ଗ୍ରହଣୀୟ ନ ହୁଏ, ତେବେ ସେ ନିବେଶ ବଢ଼ାଇ ପାରିବେ ନାହିଁ କି, କମ୍ପାନୀ ଶେୟାରକୁ ବନ୍ଧକ ରଖିପାରିବେ ନାହିଁ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି।


CLASSIFIED DISPLAY

















ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ୍ ନୁହେଁ।
- ଶିରିଡି ସାଇବାବା

## ସଂକ୍ଷେପରେ

### ନିଆଁରେ ପୋଡି ମହିଳାଙ୍କୁ ହତ୍ୟା ଘଟଣା
## ସ୍ୱାମୀଙ୍କ ସହ ଶାଶୁ, ନଣନ୍ଦ ଗିରଫ

ଡୁଙ୍ଗୁରିପାଲି, ୧୭।୧(ଡି.ଏନ.ଏ.)
ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟପାଲି ଗ୍ରାମରେ ଜଣେ ବିବାହିତ ମହିଳାଙ୍କୁ ନିଆଁରେ ପୋଡି ମାରିଦେବା ଅଭିଯୋଗରେ ଡୁଙ୍ଗୁରିପାଲି ପୋଲିସ ଗୁରୁବାର ୩ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ମୃତା ମହିଳା ବାସନ୍ତୀଙ୍କ ସ୍ୱାମୀ ଜଳନ୍ଧର ମେହେର, ଶାଶୁ ଲକ୍ଷ୍ମୀ ମେହେର ଓ ନଣନ୍ଦ ଚନ୍ଦ୍ରମା ମେହେର । ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଗୁରୁବାର ସକାଳେ ବଲାଙ୍ଗୀରରୁ ଆସିଥିବା ସାଇଣ୍ଟିଫିକ ଟିମ୍ ଖୁଣ୍ଟପାଲିରେ ପହଞ୍ଚି ମୃତାଙ୍କ ଘର ଛାନଭିନ କରିବା ସହ ପୋଡାଜଳାର ନମୂନା ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ, ଖୁଣ୍ଟପାଲି ଗ୍ରାମର ଧର୍ମୁ ମେହେରଙ୍କ ସାନ ପୁଅ ଜଳନ୍ଧର ୨୦୧୫ ମେ ମାସରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରେଙ୍ଗାଲି ଗ୍ରାମର ମୁରଲୀ ମେହେରଙ୍କ ଝିଅ ବାସନ୍ତୀଙ୍କୁ ବିବାହ କରିଥିଲେ। ଅଧିକ ଯୌତୁକ ଆଣିବା ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ଗଣ୍ଡଗୋଳ ଲାଗି ରହିଥିଲା। ଏନେଇ ଝିଅ ଘର ଲୋକଙ୍କ ହସ୍ତକ୍ଷେପ ପରେ ସେମାନେ ଏକତ୍ର ରହୁଥିଲେ। ବର୍ତ୍ତମାନ ତାଙ୍କର ଏକ ଅଢେଇ ବର୍ଷର ଝିଅ ଅଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବାସନ୍ତୀଙ୍କୁ ଗୁରୁତର ଅବସ୍ଥାରେ ଶାଶୁ ଘର ଲୋକେ ଡୁଙ୍ଗୁରିପାଲି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାପଘର ଲୋକେ ଡାକ୍ତରଖାନାରେ ପହଞ୍ଚିଥିବା ବେଳେ ବାସନ୍ତୀ ନିଆଁରେ ପୋଡି ମୃତ୍ୟୁ ଘଟିଥିବା ଶାଶୁଘର ଲୋକେ କହିଥିଲେ। ବାପଘର ଲେକେ ଏହାକୁ ବିଶ୍ୱାସ ନ କରି ହତ୍ୟା କରାଯାଇଥିବା ଅଭିଯୋଗ କରିଥିଲେ।

## ଭିଭିପାଟ୍ ବ୍ୟବହାର, ଭୋଟର ସଚେତନତା

ବୌଦ୍ଧ/ଗୁଡଭେଲିପଦର, ୧୭।୧(ସ୍ୱ.ପ୍ର/ଡି.ଏନ.ଏ)
ଆଗାମୀ ସାଧାରଣ ନିର୍ବାଚନ ପାଇଁ କିପରି ଭୋଟ ଦିଆଯିବ ସେ ନେଇ ତାଲିମ କାର୍ଯ୍ୟକ୍ରମ ଗତ ୭ ତାରିଖଠାରୁ ବୌଦ୍ଧ ଜିଲାରେ ଆରମ୍ଭ ହୋଇଛି । ଭୋଟିଂ ମେସିନ ଜରିଆରେ ଭୋଟଦାନ, ଏହାର ବ୍ୟବହାର, ଭୋଟର ସ୍ୱଚ୍ଛତା ଓ ଭୋଟଦାତାମାନେ କେଉଁ ପ୍ରାର୍ଥୀଙ୍କୁ ନିଜର ମତଦାନ କରିଛନ୍ତି ତାହା ନିଜେ ଭିଭିପାଟ୍ ମେଶିନ ଦ୍ୱାରା ଜାଣିପାରିବେ । ଏ ନେଇ କନ୍ଧମାଳ ବ୍ଲକର ଏପିଓ ହେମନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ଲମ୍ବସରୀ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ସଚେତନ କରାଇଥିଲେ । କନ୍ଧମାଳ ବ୍ଲକରେ ଫେବୃୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିବ ।

## ୧୯୭୨ ମାଟ୍ରିକ ବ୍ୟାଚ୍ ବନ୍ଧୁ ମିଳନ

ବୌଦ୍ଧ,୧୭।୧(ସ୍ୱ.ପ୍ର)
ବୀରନରସିଂହପୁର ନର୍ସରୀ ଠାରେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ୧୯୭୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ କମିଟି ସଭାପତି ପରମେଶ୍ୱର ମହାରଣା ଓ ସମ୍ପାଦକ ରଘୁନାଥ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ବନ୍ଧୁ ମାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇ ନୀରବ ପ୍ରାର୍ଥନା କରାଯାଇଥିଲା । ବୈଠକରେ ବନ୍ଧୁମାନେ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । ବିଶ୍ୱନାଥ ମିଶ୍ର, ଶ୍ୟାମସୁନ୍ଦର ପୁରୋହିତ, ଚନ୍ଦ୍ରଶେଖର ପାତ୍ର, ହରେକୃଷ୍ଣ ମେହେର, ସଞ୍ଜୀବ ମହାପାତ୍ର, ବିରେନ୍ଦ୍ର ସାହୁ, ମନୋଜ କୁମାର ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଘଣ୍ଟାପଡ଼ା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଘଣ୍ଟାପଡା, ୧୭।୧ (ଡି.ଏନ.ଏ)
କନ୍ଧମାଳ ବ୍ଲକ ଘଣ୍ଟାପଡା ସମଲେଶ୍ୱରୀ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଘଣ୍ଟାପଡା ସ୍ଥିତ ମାଁ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଛାତ୍ରମାନେ ଏକ ଶୋଭାଯାତ୍ରାରେ ମଶାଲ ଆଣି ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆରେ ସ୍ଥାପନ କରିଥିଲେ । ପ୍ରଧାନଶିକ୍ଷକ ଦିଗମ୍ବର ସାହୁ ଖେଳ ପତାକା ଉତ୍ତୋଳନ କରି କ୍ରୀଡା ଆରମ୍ଭ କରିଥିଲେ । ବିଭିନ୍ନ ଇଭେଣ୍ଟରେ ଉଭୟ ବାଳିକା ଓ ବାଳକ ବିଭାଗରୁ ପ୍ରାୟ ଶହେ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ଦିଗମ୍ବର ସାହୁ ମୁଖ୍ୟଅତିଥି, ପ୍ରଭାତ କୁମାର ସାହୁ ମୁଖ୍ୟବକ୍ତା, ସହକାରୀ ଶିକ୍ଷକ ହିମାଂଶୁ ଶେଖର ପ୍ରଧାନ, ଶ୍ରୀପତି ମଲ୍ଲିକ, ଶିକ୍ଷୟିତ୍ରୀ ନମିତା ନାଏକ, କବିତା ସାହୁ, ବୃନ୍ଦାବତୀ କର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ । ମନ୍ଦାକିନୀ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁସ୍ତକ ଓ ସାହିତ୍ୟ ମେଳା ଇଙ୍କ୍‌ଫେଷ୍ଟ ଉଦ୍‌ଘାଟିତ
# ପୁସ୍ତକ ମଣିଷର ଶ୍ରେଷ୍ଠ ବନ୍ଧୁ

ସୋନପୁର,୧୭।୧(ନି.ପ୍ର.)



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ତୃତୀୟ ସୁବର୍ଣ୍ଣପୁର ପୁସ୍ତକ ଓ ସାହିତ୍ୟ ମେଳା ଇଙ୍କ୍‌ଫେଷ୍ଟ ସୁବର୍ଣ୍ଣପୁର-୧୯ ସୋନପୁର ରୟାଲ ପଡିଆରେ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ଏହି ସାରସ୍ୱତ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ପୁସ୍ତକ ହିଁ ଦୁଃଖ ସୁଖର ସାଥୀ। ମଣିଷର ଶ୍ରେଷ୍ଠ ବନ୍ଧୁ ବୋଲି କହିଥିଲେ। ପୁସ୍ତକ ପଢିଲେ ବୌଦ୍ଧିକ ଶକ୍ତିର ବିକାଶ ହୋଇଥାଏ। ପ୍ରାଚୀନ ସଭ୍ୟତା ସହ ଆଧୁନିକ ସମାଜ ସମ୍ପର୍କରେ ଜାଣିହୁଏ। ଦେଶ ବିଜ୍ଞାନ ଓ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛି। ମାତ୍ର ଆମେ ପୁସ୍ତକ ପଢିବା ଭୁଲି ଯାଉଛୁ ବୋଲି ଜିଲାପାଳ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ପୁସ୍ତକ ଓ ସାହିତ୍ୟ ମେଳା ସାଂସ୍କୃତିକ ବାୟୁମଣ୍ଡଳ ତିଆରି ପାଇଁ ଉଦ୍ଦିଷ୍ଟ। କାରଣ ସାମାଜିକ ଜୀବନାଚର୍ଯ୍ୟାରେ ଆଦର୍ଶ ପ୍ରତିଫଳନ ନ ହେଲେ ତାହା ସଂସ୍କୃତି ନୁହେଁ। ପଣ୍ଡା ଆହୁରି କହିଥିଲେ ଯେ, ସୁବର୍ଣ୍ଣପୁର କେବିକେ ଜିଲା ଭାବେ ପରିଗଣିତ ହେଉଥିଲେ ହେଁ ବିକାଶ କ୍ଷେତ୍ରରେ ବହୁ ଆଗକୁ ଗଲାଣି। ସ୍ଥାନୀୟ କଳା, ସାହିତ୍ୟ ଓ ସଂସ୍କୃତି ବେଶ ସମୃଦ୍ଧ ବୋଲି ମତପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର ଯୋଗଦେଇ କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ସୁବର୍ଣ୍ଣପୁର ମାଟି ସୁପରିଚିତ ବୋଲି କହିଥିଲେ। ତେବେ ଇଣ୍ଟରନେଟ୍ ଯୁଗରେ ସମସ୍ତେ ପଠନ ପ୍ରତି ରୁଚି ରଖିବାକୁ ମିଶ୍ର ପରାମର୍ଶ ଦେଇଥିଲେ। କମିଟିର ସଭ୍ୟା ତଥା ଗାଳ୍ପିକା ମମତା ସ୍ୱାଇଁ ଉତ୍ସବ ସମ୍ପର୍କରେ ସୂଚନା ଦେବାକୁ ଯାଇ ଏହା କେବଳ ପୁସ୍ତକ ମେଳା ନୁହେଁ ଭାଷା, ସାହିତ୍ୟ, ସଂସ୍କୃତି ଆଦାନ ପ୍ରଦାନର ଏକ ମାଧ୍ୟମ ବୋଲି କହିଥିଲେ। କମିଟିର ସଭାପତି ସ୍ୱାଧିନ ମେହେର ସଭାରେ ଅଧ୍ୟକ୍ଷତା କରିଥିଲା ବେଳେ ପ୍ରଦ୍ୟୁମ୍ନ ସାହୁ ସଭାକୁ ସଂଯୋଜନା କରିଥିଲେ। ଦୁର୍ଯ୍ୟୋଧନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ପାଠିକା, ପାଠକ ଓ ସାହିତ୍ୟିକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରକାଶକ ସଂସ୍ଥାମାନେ ସେମାନଙ୍କର ଷ୍ଟଲ ଖୋଲିଛନ୍ତି। ଏହା ୬ ଦିନ ଧରି ଚାଲିବ। ବିଭିନ୍ନ ଦିବସ ମାନଙ୍କରେ ଆଲୋଚନାଚକ୍ର, କବିତା ଆସର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର, ଡ. ଦେବାଶିଷ ପାଣ୍ଡିଆ, ବ୍ରଜମୋହନ ଦାନୀ, ପୁରୁଷୋତ୍ତମ ମିଶ୍ର, ଅମ୍ବୁଜ ବିହାରୀ ଶତପଥୀ, ସୌରଭ ଖମାରୀ, ଗୌରିଶ୍ୟାମ ପଣ୍ଡା, ଶ୍ୟାମାଓଁ ପ୍ରସାଦ ମିଶ୍ର, ବେଣୁଧର ପଧାନ, ଗତିକୃଷ୍ଣ ମିଶ୍ର ଓ ପ୍ରଭୁଦତ୍ତ ରଥ ପ୍ରମୁଖ ଶିକ୍ଷାବିତ୍ ଓ ସାହିତ୍ୟିକ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।

## ମାଲିକଙ୍କୁ ଚକ୍‌ମା ଦେଇ ୧.୩୨ଲକ୍ଷ ଲୁଟ୍: ଡ୍ରାଇଭର ଗିରଫ, ଟଙ୍କା ଉଦ୍ଧାର

ସୋନପୁର,୧୭।୧(ନି.ପ୍ର.)
ମାଲିକଙ୍କୁ ଚକ୍‌ମା ଦେଇ କାର ଡ୍ରାଇଭର ୧ଲକ୍ଷ ୩୨ ହଜାର ଟଙ୍କା ଲୁଟି ଫେରାର ହୋଇ ଯାଇଥିଲେ। ରାସ୍ତାରେ ସବୁତକ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ବାହାନା କରିଥିଲେ। ତେବେ ସୋନପୁର ପୋଲିସ ଘଟଣାର ପର୍ଦ୍ଦାଫାଶ କରିଛି। ଅଭିଯୁକ୍ତ କାର ଡ୍ରାଇଭର ସୁବାସ ପୁଟେଲ ଗୁରୁବାର ଗିରଫ ହୋଇଛନ୍ତି। ସୁବାସଙ୍କ ଘର ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଆଠଗାଁରେ। ତାଙ୍କ ନିକଟରୁ ସମସ୍ତ ଟଙ୍କା ଜବତ ହୋଇଛି। ଶୁକ୍ରବାର ସୁବାସଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ ବଲାଙ୍ଗୀରର ଆଶିଷ ଚୌଧୁରୀ ଗ୍ରୋସରୀ ସାମଗ୍ରୀ ହୋଲସେଲ ବ୍ୟବସାୟ କରନ୍ତି । ତାଙ୍କ କାର ଡ୍ରାଇଭର ବୌଦ୍ଧରୁ ଦୋକାନୀଙ୍କଠାରୁ ଟଙ୍କା ସଂଗ୍ରହ କରି ୧୪ ତାରିଖ ରାତିରେ କାର ଯୋଗେ ବଲାଙ୍ଗୀର ଫେରୁଥିଲେ। ତେବେ ରାତି ୮ଟାରେ ସୋନପୁର-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଖରଜୁରା ନିକଟରେ କିଛି ଦୁର୍ବୃତ୍ତ ଟଙ୍କା ଲୁଟି ନେଇଥିବା ସେ ନିଜ ମାଲିକଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ସୋନପୁର ଥାନାରେ ଅଭିଯୋଗ ହୋଇଥିଲା । ହରଡଖୋଲ ଫାଣ୍ଡି ଅଧିକାରୀ ସଞ୍ଜିବ ବହିଆ ମାମଲାର ତଦନ୍ତ କରୁଛନ୍ତି।

## ୯୬ କାଠଗଣ୍ଡି ଜବତ, ଜଣେ ଗିରଫ

ସୋନପୁର,୧୭।୧(ନି.ପ୍ର.)
ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ସମଲେଇଚୁଆଁର ଦୀପକ ଗୋଚ୍ଛାୟତଙ୍କ ଘରୁ ବନବିଭାଗ ବିପୁଳ ପରିମାଣର କାଠ ଜବତ କରିଛି। ଜବତ ହୋଇଥିବା କାଠ ମଧ୍ୟରେ ୮୮ଖଣ୍ଡ କଳା କେନ୍ଦୁ ଓ ୮ ଖଣ୍ଡ ଶାଗୁଆନ ଗଣ୍ଡି ରହିଛି । ମୋଟ ୧୫୧ ସିଏଫଟି କାଠ ଜବତ ହୋଇଛି। ଜବତ କାଠର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ଦୀପକ ବଲାଙ୍ଗୀର ଓ ବୌଦ୍ଧ ଅଞ୍ଚଳରୁ କାଠ ଆଣି ଚୋରା ବ୍ୟବସାୟ କରି ଆସୁଥିଲେ। ଏ ସମ୍ପର୍କରେ ସୁବର୍ଣ୍ଣପୁରର ଡିଏଫଓ ସୁଶାନ୍ତ କୁମାର ସାମନ୍ତରାୟଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ବିନିକା ରେଞ୍ଜର ପ୍ରେମଲାଲ ଧରୁଆ, ଡୁଙ୍ଗୁରିପାଲି ଫରେଷ୍ଟର କୃତ୍ତିବାସ ସେଠ୍ ଓ ତାଙ୍କ ଟିମ୍ ଗୁରୁବାର ଚଢାଉ କରିଥିଲେ। ଏସିଏଫ ସୁଶିଲ କୁମାର ତ୍ରିପାଠୀ ଉପସ୍ଥିତ ଥିଲେ। ଅଭିଯୁକ୍ତ ଦୀପକଙ୍କୁ ରାମପୁର ଜେଏମଏଫସି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ସୋନପୁର ସବ୍ ଜେଲକୁ ପଠାଇ ଦିଆଯାଇଛି।

## 'ଗୁରୁଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ ହିଁ ଉନ୍ନତିର ପଥ'

ବୀରମହାରାଜପୁର, ୧୭।୧(ଡି.ଏନ୍.ଏ)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା କଲେଜ ଆନୁକୂଲ୍ୟରେ ଗୁରୁବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ଭୋଲାନାଥ କର୍ମୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନା ସଭାରେ ମୁଖ୍ୟ ଆଲୋଚକ ଭାବେ ସୋନପୁରର ଆଇନଜୀବୀ ଶ୍ୟାମା ଓଁ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ସେ ମତ ପ୍ରକାଶ କରିଥିଲେ ଯେ ଆଜିର ଛାତ୍ରୀଛାତ୍ର ଗୁରୁଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ପ୍ରଦର୍ଶନ କଲେ ଜୀବନର ଉନ୍ନତି ପଥରେ ଆଗେଇ ପାରିବେ। ଆଲୋଚନାରେ ଅଂଶଗ୍ରହଣ କରି ଅଧ୍ୟାପକ ରମାକାନ୍ତ ପୁରୋହିତ ଓ ଅଧ୍ୟାପକ ଶିବଶଙ୍କର ମହାନନ୍ଦ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଦର୍ଶନ ଓ ବିଶ୍ୱ ଦୃଷ୍ଟିକୋଣ ସମ୍ପର୍କରେ ଆଲୋକପାତ କରିଥିଲେ। ଦେବାଶିଷ ପଧାନଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଡ. ମିନକେତନ ଛୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅଧ୍ୟାପିକା ଅର୍ନ୍ନଦା ମିଶ୍ର ଓ ଅଧ୍ୟାପକ ଗିରିଧାରୀ ମିଶ୍ରଙ୍କ ସହ ଦିଲ୍ଲୀପ କୁମାର ମେହେର ଓ ସୁରେନ୍ଦ୍ର କୁମାର ସାହୁ ଏବଂ ପୂର୍ଣ୍ଣଚନ୍ଦ୍ର ଭୋଇ ସହଯୋଗ କରିଥିଲେ।


ସଭାରେ ମଞ୍ଚାସୀନ ଅତିଥି।

## ସଂକୀର୍ତ୍ତନ ବୈଠକୀରେ ଉଚ୍ଛୁଳିଲା ଗାଁ ଦାଣ୍ଡ

ବୀରମହାରାଜପୁର, ୧୭।୧(ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ନିକଟବର୍ତ୍ତୀ ବିକଳପାଲି ଗ୍ରାମବାସୀଙ୍କ ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ଆଧ୍ୟାତ୍ମିକ ସମାରୋହ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ସକାଳେ ସ୍ଥାନୀୟ ହନୁମାନ ମନ୍ଦିର ପରିସରରେ ଆୟୋଜିତ ସମାରୋହ ମଙ୍ଗଳବାର ସକାଳେ କଳସ ଶୋଭାଯାତ୍ରା ମଧ୍ୟରେ ଆରମ୍ଭ ହୋଇଥିଲା। ପ୍ରଥମ ଦୁଇଦିନ ସୁନ୍ଦରାକାଣ୍ଡ ପାରାୟଣ ଓ ପ୍ରବଚନ କରାଯାଇଥିବା ବେଳେ ଗୁରୁବାର କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ଅନୁଷ୍ଠିତ ହୋଇଥିଲା ସଂକୀର୍ତ୍ତନ୍ୟ ବୈଠକୀ। ଏ ସମସ୍ତ କାର୍ଯ୍ୟକ୍ରମରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ ତିନିଦିନ ଧରି ଉକ୍ତ କ୍ଷୁଦ୍ର ପଲ୍ଲୀରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କ ତରଫରୁ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା। ପ୍ରବଚନ ଶୁଣିବାପାଇଁ ଏବଂ ସଂକୀର୍ତ୍ତନ୍ୟ ବୈଠକର ମଜାନେବା ପାଇଁ ବହୁଲୋକ ରୁଣ୍ଡ ହେଇଥିବାରୁ ତିନିଦିନ ଧରି ଗାଁଦାଣ୍ଡ ଉଚ୍ଛୁଳି ପଡିଥିବା ଦେଖିବାକୁ ମିଳିଥିଲା।


ଆଧ୍ୟାତ୍ମିକ ସମାରୋହରେ ଶ୍ରଦ୍ଧାଳୁଙ୍କ ଭିଡ।

## ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଅଧାପନ୍ତରିଆ

ବିନିକା,୧୭।୧(ଡି.ଏନ୍.ଏ.)
ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାର୍କିଘିର୍ଡି ସଂହରାଚିକ୍ରା ଅଙ୍ଗନୱାଡି କେନ୍ଦ୍ର-୨ର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି। ଫଳରେ କେନ୍ଦ୍ର ଅଧୀନରେ ଥିବା ୧୭ଜଣ ଶିଶୁ ନାନା ଅବ୍ୟବସ୍ଥା ମଧ୍ୟରେ ପାଠ ପଢୁଛନ୍ତି। ୨୦୧୬-୧୭ ଆର୍ଥିକ ବର୍ଷରେ ଉକ୍ତ କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା । ଇତିମଧ୍ୟରେ ୨ବର୍ଷ ବିତିଯାଇଥିଲେ ସୁଦ୍ଧା କବାଟ ଓ ଝରକା ଏ ଯାଏଁ ଲାଗିନାହିଁ। ଏ ନେଇ ଅଙ୍ଗନୱାଡି କର୍ମୀ ବିଳାସିନୀ ଧରୁଆଙ୍କୁ ପଚାରିବାରୁ କହିଛନ୍ତି ଯେ, କାମ ସରି ନ ଥିବା ନେଇ ବ୍ଲକ ପ୍ରଶାସନ ଦୃଷ୍ଟି ଆକର୍ଷଣ କରାଯାଇଛି । ହେଲେ କାମ ଆଗଉ ନାହିଁ। ଦରକାର ପଡିଲେ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବ ବୋଲି କହଛନ୍ତି।

### ଦାନିଏଲ ସ୍ମାରକୀ ହକି ଟୁର୍ଣ୍ଣାମେଣ୍ଟ
## ରେଢ଼ାଖୋଲ, ଉଲୁଣ୍ଡା ବିଜୟୀ

ଅମରପାଲି, ୧୭।୧ (ଡି.ଏନ.ଏ)
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ସୁରଧାପାଲି (ହୋତାପାଲି)ଠାରେ ହେଉଥିବା ୫ମ ଦାନିଏଲ ସ୍ମାରକୀ ହକି ଟୁର୍ଣ୍ଣାମେଣ୍ଟର ଗୁରୁବାର ଥିଲା ତୃତୀୟ ଦିବସ। ଏହିଦିନ ଶାନ୍ତି ପ୍ରକାଶ କ୍ଲବ ଉଲୁଣ୍ଡା, ଆଦିବାସୀ କ୍ଲବ ଗେନ୍ଦ୍ରାମାଲ ଓ ରେଢ଼ାଖୋଲ ବିଜୟୀ ହୋଇଛି । ପ୍ରଥମ ମ୍ୟାଚ ଶାନ୍ତିପ୍ରକାଶ କ୍ଲବ ଉଲୁଣ୍ଡା ଓ ଦାନିଏଲ କ୍ଲବ ସୁରଧାପାଲି ମଧ୍ୟରେ ହୋଇଥିଲା। ଏଥିରେ ଉଲୁଣ୍ଡା ୪-୦ଗୋଲରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ସମଲେଇ କ୍ଲବ ଚାରମାଲ ଓ ଆଦିବାସୀ କ୍ଲବ ଗେନ୍ଦ୍ରାମାଲ ମଧ୍ୟରେ ହୋଇଥିଲା। ଏଥିରେ ଗେନ୍ଦ୍ରାମାଲ ଦଳ ୧-୦ରେ ବିଜୟୀ ହୋଇଛି । ତୃତୀୟ ମ୍ୟାଚ ଗୋବିନ୍ଦପୁର ଓ ରେଢ଼ାଖୋଲ ମଧ୍ୟରେ ହୋଇଥିଲା । ଏଥିରେ ରେଢ଼ାଖୋଲ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା । ଖେଳଗୁଡିକରେ ସରେଶ ମିଞ୍ଜ ଓ ଟୋନଶ ଲାକ୍ରା ରେଫରୀ ଏବଂ ଫିଲିପ ଟିର୍କି, ରଞ୍ଜନ ମିଞ୍ଜ ଓ ଅନୀଲ ଲାକ୍ରା ଲାଇନ ମ୍ୟାନ କାଯର୍ୟ ତୁଲାଇଥିବା ବେଳେ ଯେଶେଫ ଲାକ୍ରା ଧାରାବିବରଣୀ ପ୍ରଦାନ କରିଥିଲେ । ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବିଧାୟକ ପ୍ରତିନିଧି ନାରାୟଣ ଲୁହା ମୁଖ୍ୟଅତିଥି ଏବଂ କ୍ରୀଡାବିତ ଧିରେନ୍ଦ୍ର ନାରାୟଣ ପଣ୍ଡା, ସତ୍ୟଜିବ ମିଶ୍ର, ଶିବାନନ୍ଦ ତ୍ରିପାଠୀ, କୃଷ୍ଣ ମେହେର, ତ୍ରିପୁରାରୀ ମେହେର ଓ ସୁରେଶ ଚାନ୍ଦ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିବା ସହିତ ଉତ୍ସାହିତ କରିଥିଲେ ।


ଦାନିଏଲ ସ୍ମାରକୀ ହକି ଟୁର୍ଣ୍ଣାମେଣ୍ଟର ଗୁରୁବାର ରେଢ଼ାଖୋଲର ଖେଳାଳିଙ୍କ ସହ ଅତିଥି ।





ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଉଦ୍ୟୋଗ ସଚେତନତା ଶିବିର

**ସୋହେଲା,୧୭।୧(ଡି.ଏନ.ଏ):** ସୋହେଲା ବ୍ଲକ ଅଫିସ ସଭା ଗୃହରେ ଜିଲା ଶିଳ୍ପ କେନ୍ଦ୍ର ତରଫରୁ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଯୁବତୀଯୁବକ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ ସ୍ଥାପନ କରିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ହସ୍ତ ଓ କୁଟୀର ଶିଳ୍ପର ବିକାଶ ପାଇଁ ହସ୍ତଶିଳ୍ପୀଙ୍କ ଥଇଥାନ ଯୋଜନା, ଶିଳ୍ପୀ ଗ୍ରାମ ଯୋଜନାରେ ଗ୍ରାମ୍ୟ ଶିଳ୍ପର ପ୍ରସାର, ହସ୍ତଶିଳ୍ପର ଉତ୍‌ଥାନ ପାଇଁ ଆଧୁନିକ କୌଶଳ ବିଧାନ ଯୋଜନା ମାଧ୍ୟମରେ ହସ୍ତଶିଳ୍ପୀଙ୍କୁ ପ୍ରୋତ୍ସାହନ ଆଦି ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ମନୋଜ କୁମାର ଶତପଥୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏମ୍‌ଡି ଆକବର ଯୋଗ ଦେଇଥିଲେ । ସୋହେଲା ବ୍ଲକ ଆଇପିଓ ପୁଷ୍ପରଞ୍ଜନ ସାହୁ ଶିବିର ପରିଚାଳନା କରିଥିଲେ ।

### ରେମଣ୍ଡା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଭେଡ଼େନ, ୧୭।୧ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ସରକାରୀ ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି । ପ୍ରଧାନଶିକ୍ଷକ ବିଜୟ କୁମାର ଜୈଶ୍ୱାଲ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେଇଥିବା ଚେସ୍ ଖେଳାଳି ନରେଶ ମେହେର ଶପଥପାଠ କରିଥିଲେ । ଏହି ପ୍ରତିଯୋଗିତାରେ ସିନିୟର ବିଭାଗରେ ଆୟୁଷ ମାଝୀ, ଗାୟତ୍ରୀ ରଣା ଏବଂ ଜୁନିୟର ବିଭାଗରେ ସଚ୍ଚିଦାନନ୍ଦ ସୁନା ଓ ସ୍ମୃତି ବଗର୍ତ୍ତି ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ପର୍ଶୁରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ ।

### ଭୁକ୍ତାରେ ନୂଆବର୍ଷ ଭେଟଘାଟ

**ଅମ୍ବାଭୋନା, ୧୭।୧ (ଡି.ଏନ.ଏ):** ଅମ୍ବାଭୋନା ବ୍ଲକର ଭୁକ୍ତା ସ୍ଥିତ ଦୁର୍ଗାମଣ୍ଡପ ସାମ୍ନା ପଡିଆରେ ନୂଆବର୍ଷ ଭେଟଘାଟ-୨୦୧୯ ପାଳିତ ହୋଇଛି। ବିଜୁ ଛାତ୍ର ଜନତା ଦଳ ତରଫରୁ ଆୟୋଜିତ ଭେଟଘାଟ ମହୋତ୍ସବରେ ବରଗଡ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି କରମ ସିକନ୍ଦର ଅଧ୍ୟକ୍ଷତା କରିଥିଲେ । ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବ୍ଲକ ବିଜେଡି ସଭାପତି ରଘୁନାଥ ପଟେଲ, ବ୍ଲକ ଅଧ୍ୟକ୍ଷା ନୀଳ କୁମାରୀ ନାୟକ, ଉପାଧ୍ୟକ୍ଷ ଠାକୁରରାମ ପଟେଲ, ବିଜୁ ଛାତ୍ର ଜନତା ଦଳ ଜିଲା ଉପସଭାପତି ରାହୁଲ ସାହୁ, ପୂର୍ବତନ ଶିକ୍ଷକ ଭାବଗ୍ରାହୀ ପଟେଲ, ଯୁବନେତା ମେଘନାଦ ପଟେଲ, ସତ୍ୟନାରାୟଣ ଗରିଆ, ହେମନ୍ତ ପଣ୍ଡା, କିର୍ତ୍ତିଚନ୍ଦ୍ର ଦୁଆନ, ସତ୍ୟଭୂଷଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ସମାଜ ଗଠନରେ ଉନ୍ନତ ଚିନ୍ତାଧାରା ପୋଷଣ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଜୁ ପଟ୍ଟନାୟକଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା । ବ୍ଲକ ବିଜୁ ଯୁବ ବାହିନୀର ପରେଶ ମହାନନ୍ଦ, ଗଣେଷ ସା ସହଯୋଗ କରିଥିଲେ ।

### ପାଇକମାଳରେ ପୋଙ୍ଗଲ ପର୍ବ

**ପାଇକମାଳ, ୧୭।୧ (ଡି.ଏନ.ଏ):** ପାଇକମାଳ ଶିବ ମନ୍ଦିର ପଡାରେ ବୁଧବାର ରାତ୍ରିରେ ପୋଙ୍ଗଲ ପର୍ବ ପାଳିତ ହୋଇଛି । ତେଲଗୁ ସମ୍ପ୍ରଦାୟର ରାଓ ପରିବାରରେ ଏହି ପର୍ବ ଧୁମଧାମ୍‌ରେ ପାଳନ କରାଯାଇଥିଲା । ବାଳିକା ବାଳକମାନଙ୍କ ମଧ୍ୟରେ ସ୍ଥାନୀୟ ହାଇସ୍କୁଲ ପଡିଆରେ କ୍ରିକେଟ, ଦୌଡ ଓ ମ୍ୟୁଜିକ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣୀ ସଭାରେ ଶଶିଭାନୁ ସାହୁ ମୁଖ୍ୟଅତିଥି, କୁସୁମ ରାଓ, ଅନୀଲ ଜିନ୍ଦଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବିଜୟ ରାଓ ସଭାପତିତ୍ୱ କରିଥିଲେ । ଅତିଥିମାନେ ବିଜେତା ଓ ଉପବିଜେତା କ୍ରିକେଟ ଦଳ ସହ କୃତୀ ଯୋଗୀଙ୍କୁ ମଧ ପୁରସ୍କୃତ କରିଥିଲେ ।





ବରଗଡ଼ ହାଟପଦା ନିକଟ ରାଧାକୃଷ୍ଣ ମନ୍ଦିରରେ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଉଛନ୍ତି (ବାମ) । ବରଗଡ଼ ତଳିପଡାରେ ଶ୍ରଦ୍ଧାଳୁମାନେ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଉଛନ୍ତି ।

## ଦିବ୍ୟାଙ୍ଗଙ୍କୁ ସହାୟକ ସାମଗ୍ରୀ ବଣ୍ଟନ



ଭେଡ଼େନ ବ୍ଲକ ପରିସରରେ ଦିବ୍ୟାଙ୍ଗଙ୍କୁ ତିନିଚକିଆ ସାଇକେଲ ବିତରଣ କରାଯାଉଛି ।

**ଭେଡ଼େନ, ୧୭।୧ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ପରିସରରେ ଗୁରୁବାର ବିଭିନ୍ନ ଗ୍ରାମର ୬୨ ଜଣ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ସାମଗ୍ରୀ ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ବିଡ଼ିଓ ମୁରଲୀଧର ନାୟକ, ଆତ୍ମା କମିଟି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ବିଜୁ ଯୁବ ବାହିନୀ ସଂଯୋଜକ ଅରବିନ୍ଦ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୩୩ ଜଣଙ୍କୁ ତିନଚକିଆ ସାଇକେଲ, ୫ ଜଣଙ୍କୁ ହ୍ୱିଲ ଚେୟାର, ୨୩ ଜଣଙ୍କୁ ଆଶାବାଡ଼ି, ୭ ଜଣଙ୍କୁ ଚାଲିବା ବାଡ଼ି, ଜଣଙ୍କୁ ସ୍ମାର୍ଟ ବାଡ଼ି,୧୬ ଜଣଙ୍କୁ ଶ୍ରବଣ ଯନ୍ତ୍ର ସମେତ ଅନ୍ୟାନ୍ୟ ଉପକରଣ ବିତରଣ କରାଯାଇଥିଲା । ସାମାଜିକ ସୁରକ୍ଷା ଅଧିକାରୀ ଦୟାରାମ ମେହେର, ଭକ୍ତବନ୍ଧୁ ମହାନ୍ତି, ଆଞ୍ଚଳିକ ଜନକଲ୍ୟାଣ ଭିନ୍ନକ୍ଷମ ସଙ୍ଗଠନ ସଭାପତି ବସନ୍ତ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜୁ ଯୁବବାହିନୀଙ୍କୁ କ୍ରୀଡ଼ା ସାମଗ୍ରୀ ବିତରଣ

**ଭେଡ଼େନ, ୧୭।୧ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ପରିସରରେ ଗୁରୁବାର ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କୁ କ୍ରୀଡ଼ା ସାମଗ୍ରୀ ବିତରଣ କରାଯାଇଛି। ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ୨୧ଟି ପଞ୍ଚାୟତର ଯୁବ ବାହିନୀ କର୍ମକର୍ତ୍ତା ମାନଙ୍କୁ ଏହି ସାମଗ୍ରୀ ବିତରଣ କରିଥିଲେ। ବିଡ଼ିଓ ମୁରଲୀଧର ନାୟକଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଆତ୍ମା କମିଟି ସଭାପତି ହରିଶଙ୍କର ବେହେରା, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଯୁବ ବାହିନୀ ସଂଯୋଜକ ଅରବିନ୍ଦ ହୋତା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତି ଗ୍ରାମପଞ୍ଚାୟତକୁ ୧୦ଟି ଫୁଟବଲ, ୨ଟି ଫୁଟବଲ ନେଟ, ୪ଟି ଗୋଲକିପର ଗ୍ଲୋଭ୍‌ସ, ୧୦ଟି କ୍ରିକେଟ ବ୍ୟାଟ, ୨୭ଟି ବଲ, ୧୨ ଷ୍ଟମ୍ପ, ୮ ଗ୍ଲୋଭ, ୧୦ଟି ଭଲିଭଲ, ୨ ଭଲିଭଲ ନେଟ, ୬ ବ୍ୟାଡମିଣ୍ଟନ ର୍ୟାକେଟ, ୨୦ ସଟଲ କର୍କ, ୨ଟି ନେଟ, ୬ କ୍ୟାରମ ବୋର୍ଡ଼ ସେଟ, ଗୋଟିଏ ଜିମ୍ ସେଟ ଓ ୨ଟି ଲେଖାଁଏ ଚେସ ବୋର୍ଡ଼ ସେଟ ପ୍ରଦାନ କରାଯାଇଛି। ଏଥିରେ ବିଭିନ୍ନ ଗ୍ରାମପଞ୍ଚାୟତର ଯୁବ ବାହିନୀ ସଦସ୍ୟ ଯୋଗ ଦେଇଥିଲେ।

# ଧନୁଯାତ୍ରାରେ ମଥୁରା କଳାକାର

ଏବେ ବରଗଡ଼ ପାଲଟିଛି ମଥୁରାନଗରୀ । ଏଠାରେ ଚାଲିଛି କଂସ ରାଜୁତି । କିନ୍ତୁ ଦ୍ୱାପର ଯୁଗର ଯେଉଁ ମଥୁରାରେ ଚାଲିଥିଲା କୃଷ୍ଣଲୀଳା, ଉତ୍ତରପ୍ରଦେଶ ରାଜ୍ୟର ସେହି ମଥୁରାର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଏହି ଧନୁଯାତ୍ରା ମହୋତ୍ସବକୁ ଆସିଛନ୍ତି । ରାଜ ଦରବାର, ରଙ୍ଗମହଲଠାରୁ ଆରମ୍ଭ କରି ନନ୍ଦ ଦରବାରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି । ଗିରିରାଜ କ୍ରିଷ୍ଣ ସାଂସ୍କୃତିକ କଳା ସମିତି, ମଥୁରାରୁ ଆସିଥିବା ସେହି କଳାକାରମାନଙ୍କୁ ଗୁରୁବାର ଆମେ ଭେଟିଥିଲୁ । ସେମାନେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା...



ବରଗଡ଼ ଧନୁଯାତ୍ରା ମହୋତ୍ସବରେ ଯେଉଁ କୃଷ୍ଣଲୀଳା ଦେଖିବାକୁ ମିଳୁଛି । ତାହା କେବଳ ଆମ ମଥୁରା ନୁହେଁ, ସାରା ବିଶ୍ୱର ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ । ଆମେ ଏଠାକୁ ପହଞ୍ଚି ଧନୁଯାତ୍ରା ଦୃଶ୍ୟାଭିନୟ ଦେଖିବା ମାତ୍ରକେ ଦ୍ୱାପର ଯୁଗରେ ପହଞ୍ଚିଲୁ ବୋଲି ଅନୁଭବ କରୁଛୁ । ଏଠାକାର ସବୁ ଅଭିନୟ ଜୀବନ୍ତ। ଫଳରେ ଅନ୍ୟ ମହୋତ୍ସବଠାରୁ ବରଗଡ଼ ଧନୁଯାତ୍ରା ଅନନ୍ୟ ।**–ମୁରଲିଧର ଶର୍ମା**



ଆମ ସାଂସ୍କୃତିକ ଦଳରେ ମୁଁ ଜଣେ ଢ଼ୋଲକ ବାଦକ । ବିଗତ ୩ ବର୍ଷ ହେଲା ଆମ ସାଂସ୍କୃତିକ ଦଳର ଅନ୍ୟ କଳାକାରଙ୍କ ସହିତ ଏହି ଧନୁଯାତ୍ରା ମହୋତ୍ସବକୁ ଆସୁଛି । ମହୋତ୍ସବର ସମସ୍ତ ଦୃଶ୍ୟାଭିନୟ ଦେଖିବାକୁ ବହୁତ ଭଲ ଲାଗୁଛି । ଏଥର ଅନେକ କିଛି ପରିବର୍ତ୍ତନ ଘଟିଛି । ଅଭିନୟରେ ଉନ୍ନତି ହୋଇଥିବା ବେଳେ ଗୋପପୁରରେ ବହୁତ କିଛି ବଦଳି ଯାଇଛି ।**–ରାଜୁ ଗୋସ୍ୱାମୀ**



ଏହି ମହୋତ୍ସବରେ ମଥୁରା, ଗୋପପୁରର ବାସ୍ତବ ମାନଚିତ୍ର ବାରି ହୋଇ ପଡୁଛି । ଦ୍ୱାପର ଯୁଗର କୃଷ୍ଣଲୀଳା ଦେଖିବାକୁ ମିଳୁଛି । ଆମେ ମଥୁରା ଅଞ୍ଚଳର । ହେଲେ ସେଠାରେ ଏଭଳି ଏକ କାର୍ଯ୍ୟକ୍ରମ ଦେଖିବାକୁ ପାଇ ନ ଥିଲି। ଏଠାକୁ ଆସି ଦୃଶ୍ୟାଭିନୟ ଗୁଡ଼ିକୁ ଦେଖି ବହୁତ ଖୁସି ଅନୁଭବ କରୁଛି। ସୁଯୋଗ ମିଳିଲେ ଆରଥରକୁ ପୁଣି ଆସିବି ।**–ବଏଜୁ**



ଆମ ସାଂସ୍କୃତିକ ଅନୁଷ୍ଠାନରେ କି ବୋର୍ଡ଼ ପ୍ଲେୟାର ଭାବେ କାମ କରିଥାଏ। ବୁଧବାର ଆମ ଅନୁଷ୍ଠାନର ୧୨ଜଣ ଏଠାକୁ ଆସିଛୁ । ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରିଛୁ । ପ୍ରଥମଥର ପାଇଁ ଏଠାକୁ ଆସିଛି । ମହୋତ୍ସବର ପ୍ରତି ବ୍ୟବସ୍ଥା, କୃଷ୍ଣଲୀଳା, ସାଜସଜ୍ଜା ସବୁ ଭଲ ହୋଇଛି । ସବୁ ଦୃଶ୍ୟାଭିନୟ ଚମତ୍କାର ଲାଗୁଛି ।**–ପବନ ସଇନି**



ମଥୁରା କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।



ଆମ ସାଂସ୍କୃତିକ ଦଳର କୃଷ୍ଣଲୀଳାର ବିଭିନ୍ନ ଚରିତ୍ରରେ ମୁଁ ଅଭିନୟ କରିଥାଏ । ବୁଧବାର ଭୋଲେ ବାବା ଭୂମିକାରେ ଅଭିନୟ କରିଥିଲି । ଆଗକୁ ମାତା କାଳୀ ଭୂମିକାରେ ଅଭିନୟ କରିବି । ପ୍ରଥମଥର ଏଠାକୁ ଆସିଛି । ବହୁତ ଭଲ ଲାଗୁଛି । ଏଭଳି ଏକ କାର୍ଯ୍ୟକ୍ରମ ଦେଖି ନ ଥିଲି । ଯାହା ଆମ ବ୍ରଜଧାମରେ ହେବା କଥା, ତାହା ଏଠାରେ ହେଉଛି । ଏହି ମହୋତ୍ସବରେ ଯୋଗଦେଇ କଳାକାରଙ୍କ ଅଭିନୟ ଦେଖିବା ସହିତ ନିଜେ ଅଭିନୟ କରିବାର ସୁଯୋଗ ପାଇଥିବା ଯୋଗୁ ଖୁସି ଲାଗୁଛି। **–ପବନ ବ୍ରଜୱାସୀ**



ଆମ ସାଂସ୍କୃତିକ ଦଳରେ ଶ୍ରୀରାଧା, ପାର୍ବତୀ, ଅଷ୍ଟଭୂଜା ଭୂମିକାରେ ଅଭିନୟ କରିଥାଏ । ପ୍ରଥମଥର ପାଇଁ ଏଠାକୁ ଆସିଛି । ମହୋତ୍ସବର ସାଜସଜ୍ଜା ଯେଭଳି ହୋଇଛି, ତାହା ବାସ୍ତବରେ ମଥୁରା ଓ ଗୋପପୁର ମାନଚିତ୍ରକୁ ପ୍ରତିଫଳିତ କରୁଛି । କଳାକାରଙ୍କ ଅଭିନୟ ମଧ୍ୟ ବହୁତ ଭଲ ଲାଗୁଛି । କଂସ ଜଣେ ଦୁରାଚାରୀ । କିନ୍ତୁ ପ୍ରଥମେ ସେ ଜଣେ କଳାକାର । ଫଳରେ ତାଙ୍କ ସମ୍ମୁଖରେ ଅଭିନୟ ବେଳେ ଭୟ ଲାଗି ନ ଥାଏ ବରଂ ଅଭିନୟ କରିବାକୁ ଭଲ ଲାଗେ ।**–ଲଳିତ ସଇନି** ।

**ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ**

## ସରକାରୀ ହାଇସ୍କୁଲରେ ଟ୍ରାଫିକ ସଚେତନତା ଶିବିର

**ଅତାବିରା, ୧୭।୧ (ଡି.ଏନ.ଏ)**

ବରଗଡ଼ ଜିଲା ଭେଡେନ ବ୍ଲକ ଡାଳବ ସରକାରୀ ହାଇସ୍କୁଲ ପରିସରରେ ଗୁରୁବାର ଅପରାହ୍ନରେ ଟ୍ରାଫିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭୋରାସାଗର ଟ୍ରାଫିକ ନିୟମ, ଦୁର୍ଘଟଣା ବିହୀନ ଯାତ୍ରା ଉପରେ ସଚେତନ କରିଥିଲେ । ରାସ୍ତାରେ ବାଇକ୍ ଯୋଗେ ଯାତାୟାତ ବେଳେ ହେଲମେଟ୍ ବ୍ୟବହାର କରିବା ପାଇଁ ସେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରିଥିଲେ । ଶିକ୍ଷକ ରାଜେଶ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଟ୍ରାଫିକ ନିୟମ ଉପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମର ସ୍ୱଦେଶ ପୁରୋହିତ, ବିକାଶ ବାଗ, ସୁଜିତ ସେଟ, ନିକିତା ସେଟ, ଝୁନୁ ଷଣ୍ଢଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ କ୍ରୀଡା ଶିକ୍ଷକ ଦେବାନନ୍ଦ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

■ ବେପାରୀକର କବ୍‌ଜାରେ କେଉଁଟିପାଲି ମାର୍କେଟ ୟାର୍ଡ

# ଚାଷୀ ସରକାରୀ ସାହାଯ୍ୟରୁ ବଁଚିତ ଆଶଁକା

**ବିଜେପୁର, ୧୭।୧ (ଡି.ଏନ.ଏ)**

ବିଜେପୁର ବ୍ଲକ୍ କେଉଁଟିପାଲି ମାର୍କେଟ ୟାର୍ଡ ଏହେଦେ ବେପାରୀମାନକର କବଜାରେ ରହିଛେ। ଚାଷୀମାନକର କାର୍ଡକେ ଚାଲକରି ବେପାରୀମାନେ ଧାନ ଘିନୁଥିବାର ଅଭିଯୋଗ ହେଉଛେ। ଇଆଡ଼େ ଇ ବ୍ଲକକେ ସରକାର ମରଡି ଘୋଷନା କରିଛନ୍। ଯେନ୍‌ଥିରଲାଗି ଆଏବାର ଦିନେ ଚାଷୀ ପାଏବାକେ ଥିବାର ସରକାରୀ ସାହାଯ୍ୟରୁ ବଁଚିତ୍ ହେବାର ଆଶଁକା ଦେଖା ଦେଇଛେ। ନଭେମ୍ବର ୫ରୁ ଇ ବ୍ଲକରେ ଧାନଘିନା କେନ୍ଦ୍ର ଖୁଲାଯାଇଛେ। ହେଲେ ପାଖାପାଖି ଦେଢ଼ମାସ ତକ୍ ଇ ମଣ୍ଡିକେ ବସ୍‌ତେ ବି ଧାନ ବିକ୍ରିର ଲାଗି ନାଇଁଆସି। ଘଟନାଟା ମଣ୍ଡିର ଧାନଘିନା ରିପୋର୍ଟରୁ ଫଟିକ ଜନାପଡୁଛେ। କେଉଁଟିପାଲି ମାର୍କେଟ ୟାର୍ଡରେ ବିଜେପୁର ଆର ଏମଶ୍ରୀଗିଡା ସମବାୟ ସମିତି ଜରିଆରେ ଧାନଘିନା ଯାଉଛେ। ଗୁରୁବାର ବେଲବୁଡ଼ା ତକ୍ ବିଜେପୁର ସମବାୟ ସମିତି ୧୧୧ ଝନ ଚାଷୀକର ନାଁରେ ୫୬୬୬.୭୦ କୁଇଣ୍ଟାଲ ଧାନ ଘିନି ଟଁକା ଦେଇଛେ। ଏହେଦ୍‌କା ୨ ଝନ୍ ଚାଷୀକର ୧୯୦ ପ୍ୟାକେଟ ଧାନ ଅବିକ୍ରି ହେଇ ପଡ଼ିରହିଛେ। ମରଡି



କେଉଁଟିପାଲି ମାର୍କେଟ ୟାର୍ଡରେ ପଡି ରହିଥିବାର ଧାନ ।

**ବିଜେପୁର ବ୍ଲକ**

ପରଭାବିତ ବିଜେପୁର ସେବା ସମବାୟ ସମିତିର ଚାଷୀମାନେ କେଉଁଟିପାଲି ମଣ୍ଡିରେ ୨୩,୧୭୮ କୁଇଣ୍ଟାଲ ଧାନ ବିକ୍‌ବାର ଲାଗି ନାଁ ଲେଖେଇଥିଲା ବେଲେ ଆଏଜ୍‌ତକ୍ ୫୬୬୬.୭୦ କୁଇଣ୍ଟାଲ ଧାନ ବିକ୍ରି ହେଇଛେ। ସେନ୍‌ତା ଏମଶ୍ରୀଗିଡା ସେବା ସମବାୟ ସମିତିର ଚାଷୀମାନେ ଇ ମଣ୍ଡିରେ ୩୪ ହଜାର କୁଇଣ୍ଟାଲ ଧାନ ବିକ୍‌ବାକେ ଯୋଜନା କରିଥିଲା ବେଲେ ୧୫୦ ଝନ୍ ଚାଷୀକର ନାଁରେ ୮୫୧୪.୭୬ କୁଇଣ୍ଟାଲ ଧାନ ବିକ୍ରି ହେଇଛେ। ଇଆଡ଼େ ୪୧ ଝନ ଚାଷୀକର ୫୩୦୦ ପ୍ୟାକେଟ ଧାନ୍ ଅବିକ୍ରି ହେଇ ପଡ଼ିରହିଛେ। ଏଭ୍‌ତକ୍ ଇ ମଣ୍ଡିକେ ଧାନ ଘିନବାର ଲାଗି ମିଲର୍ସ ସିଧାସଳଖ ନାଇଁ ଆଏବାର। ବେପାରୀମାନେ ଚାଲାକି କରି ମିଲର୍ସନ୍ତୁ ଅଥରାଇଜେସନ୍ ଆନି ଧାନ ଘିନୁଥିବାର ଅଭିଯୋଗ ହେଉଛେ। ସତ୍ କହେବାକେ ଗଲେ ଇ ମଣ୍ଡିରେ ହାତଗନତି କେତେଝନ୍ ଚାଷୀ ଧାନ ବିକିଥିଲା ବେଲେ ନବେ ପରତିଶତ ବେପାରୀ ଚାଷୀ ପରିଚୟ ପତରକେ ଆଧାର କରିଥିବାର ଅଭିଯୋଗ ହେଉଛେ। ଯେନ୍‌ଥିରଲାଗି ଆଏବାର ଦିନେ ସରକାରୀ ସାହାଯ୍ ପାଏବାରୁ ଚାଷୀମାନେ ବଁଚିତ ହେବାର ବହୁତ ସମ୍‌ଭାବନା ଅଛେ। ଇ ଦିଗେ ଜିଲାପାଲ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ଦାବି ହେଉଛେ। ଇ ବାବ୍‌ଦେ ପଦ୍ମପୁର ଉପଖଣ୍ଡର ଏସସିଏସଓ ଶମ୍ଭୁ ପ୍ରସାଦ ହରିପାଲଙ୍କୁଁ ପଚରାଲାରୁ ଘଟନାର ତଦଁତ କରବାକେ ଶୁକୁରବାର କେଉଁଟିପାଲି ମଣ୍ଡିକେ ଯିମି ବଲି ସେ କହିଥିଲେ।

## ପୁଡ଼ାପାଲି ମକର ମହୋତ୍ସବ ଉଦ୍‌ଯାପିତ

**ଭେଡ଼େନ, ୧୭।୧ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଶିଳାକ୍ଷେତ୍ର ପୁଡ଼ାପାଲିରେ ଚାଲିଥିବା ମକର ମହୋତ୍ସବ ତଥା ମୁକ୍ତମଞ୍ଚ ନୃସିଂହଲୀଳା କାର୍ଯ୍ୟକ୍ରମ ହିରଣ୍ୟକଶିପୁ ବଧ ସହ ଉଦ୍‌ଯାପିତ ହୋଇଛି । ଏହି ନାଟ୍ୟାଭିନୟର ବିଭିନ୍ନ ଦିବସରେ ପ୍ରହଲ୍ଲାଦ ଚରିତ, ହୋଲିକା ଦହନ, ନୃସିଂହ ମହାପ୍ରଭୁଙ୍କ ଆବିର୍ଭାବ, ହିରଣ୍ୟକଶିପୁଙ୍କ ବଧ ଆଦି ଅଭିନୀତ ହୋଇଥିଲା । ସମ୍ବଲପୁରୀ କୋଶଲୀ ଭାଷାରେ ହୋଇଥିବା ଏହି ନାଟ୍ୟାଭିନୟ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ରାଜ ଦରବାରରେ ବିଭିନ୍ନ ଦିବସରେ ସାମାଜିକ କର୍ମୀ ଗୋବିନ୍ଦ ନାଗ, ଭାଜପା ନେତା ଉର୍କୁଲୁ ତାଣ୍ଡି, ଭେଡ଼େନ ରାମଲୀଳାର କଳାକାର ରାଜଅତିଥି ଭାବେ ଯୋଗ ଦେଇଥିଲେ। ଅଭିନେତା ହିରାଲାଲ ବଡ଼େଇ ହିରଣ୍ୟକଶିପୁ ଭୂମିକାରେ ଅଭିନୟ କରିଥିଲେ ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ। - ଟଲଷ୍ଟୟ



## ସଂକ୍ଷେପରେ

### କେଶେଇପାଲି-ଭାଲୁପାଲି କେନାଲ ରାସ୍ତା ଶୋଚନୀୟ

**ଲୋଇସିଂହା,୧୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କେଶେଇପାଲିରୁ ଭାଲିପାଲି ଅଙ୍ଗ କେନାଲ ରାସ୍ତା ଶୋଚନୀୟ ହୋଇପଡିଛି। ମରାମତି ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଉକ୍ତରାସ୍ତାରେ ନିୟମିତ ଛୋଟବଡ ଦୁର୍ଘଟଣା ଘଟୁଛି। ଆଗଲପୁର ବ୍ଲକ ଡୁଡୁକା ପଞ୍ଚାୟତ ଅନ୍ତର୍ଗତ କେଶୋଇପାଲିରୁ ଭାଲୁପାଲି ଅଙ୍ଗକେନାଲ ରାସ୍ତା ରୋଡରେ ସଂଯୋଗ ହୋଇଛି। ତେବେ ଉକ୍ତ ୪କିମି ରାସ୍ତା ଦୀର୍ଘ ୪ବର୍ଷ ହେଲା ଶୋଚନୀୟ ହୋଇ ପଡିଛି। ରାସ୍ତାରୁ ପିଚୁ ଓ ମେଟାଲ ଉଠି ଯାଇ ବିପଦସଙ୍କୁଳ ହୋଇପଡିଛି। ମାରାମତି ପାଇଁ କେଶେଇପାଲି ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ ସୁଦ୍ଧା ଏଯାଏ ପଦକ୍ଷେପ ନିଆଯାଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ରାସ୍ତା ଉନ୍ନତୀକରଣ ଦିଗରେ ପଦକ୍ଷେପ ନେବାକୁ ରାଧେଶ୍ୟାମ ସାହୁ, ମନୋରଞ୍ଜନ ଷାଣ୍ଡ, ନରସିଂହ ଜୁଏଡ, ରାମେଶ୍ୱର କଠାରଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

### କାଳିଆ ଯୋଜନା ପ୍ରଥମ ପର୍ଯ୍ୟାୟରେ ୧୭,୭୨୫ ଆବେଦନ

**ଖପ୍ରାଖୋଲ, ୧୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକରେ ଚାଷୀଙ୍କ ହିତ ପାଇଁ ସରକାରଙ୍କ ଘୋଷିତ କାଳିଆ ଯୋଜନା ହିତାଧିକାରୀ ପାଇଁ ପ୍ରଥମ ପର୍ଯ୍ୟାୟ ଆବେଦନ ଶେଷଦିନ ୧୫ ତାରିଖ ଥିଲା। ସୂଚନା ଅନୁସାରେ ବ୍ଲକରେ ୧୭ ହଜାର ୭ ଶହ ୨୫ ଜଣ ସବୁଜ ଫର୍ମ ପୂରଣ କରି ଯୋଜନାରେ ସାମିଲ ପାଇଁ ଆବେଦନ କରିଛନ୍ତି। ସେହିପରି ବ୍ଲକରେ ୫ହଜାର ୯ଶହ ୧୦ଜଣ ଚାଷୀ ପୂର୍ବରୁ ଏହି ଯୋଜନା ପାଇଁ ଯୋଗ୍ୟ ଥିବା ତାଲିକା ବାହାରିଥିବାବେଳେ ଏଥିରୁ ବାଦ୍ ପାଇଁ ୭୫ ଜଣ ନାଲିଫର୍ମ ପୂରଣ କରିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣି ସୁନା କହିଛନ୍ତି।

### ଭ୍ରାତୃତ୍ୱଭାବ ସମାଜକୁ ସମୃଦ୍ଧ କରିଥାଏ

**ଦେଓଗାଁ,୧୭।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ଜରାସିଂହା ନେତ୍ରଭାନୁ ହାଇସ୍କୁଲର ୧୯୭୦ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ଲକ୍ଷ୍ମଣଝୁଲାଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଜିଲା ଶିକ୍ଷାଧୀଶ ସର୍ବେଶ୍ୱର ତ୍ରିପାଠୀଙ୍କ ଅଧକ୍ଷତା ଏବଂ ବାସୁଦେବ ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୃତ୍ୟୁ ବରଣ କରିଥିବା ସାଥୀ ବନ୍ଧୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅନୁଷ୍ଠିତ ସଭାରେ ଭ୍ରାତୃତ୍ୱଭାବ ସମାଜକୁ ସମୃଦ୍ଧିଶୀଳ କରିଥାଏ ବୋଲି ଉପସ୍ଥିତ ବନ୍ଧୁମାନେ ମତପୋଷଣ କରିଥିଲେ। ସମାଜରେ ବର୍ତ୍ତମାନ ଆଧୁନିକତାର ଦ୍ୱାହିଦେଇ ପାଶ୍ଚାତ୍ୟ ସଭ୍ୟତା ପ୍ରତି ଯୁବସମାଜ ଆକର୍ଷିତ ହେବା ଦ୍ୱାରା ସାମାଜିକ ମୂଲ୍ୟବୋ କ୍ଷୁଣ୍ଣ ହେଉଛି ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି ଦିଗରେ ସମସ୍ତ ଅଭିଭାବକ ସଜାଗ ହେବା କଥା ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବ୍ୟାଚର ୩୬ଜଣ ବନ୍ଧୁ ଉପସ୍ଥିତ ଥିବା ବେଳେ ଶେଷରେ ସୁନ୍ଦରମଣି ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

ବେଆଇନ ବାଲି ଚାଲାଣ

# ଗାଡ଼ି ଜବତ କଲେ ତହସିଲଦାର, ଛାଡ଼ିଲା ପୋଲିସ

**ଲୋଇସିଂହା, ୧୭।୧ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ତହସିଲ ଅଞ୍ଚଳରେ ରୀତିମତ ଭାବେ ବେଆଇନ ବାଲି ଚୋରଚାଲାଣ ଚାଲିଛି। ଏଥିରେ ରୋକ ଲଗାଇବା ପାଇଁ ତହସିଲ ପ୍ରଶାସନ ତରଫରୁ ବିଭିନ୍ନ ସମୟରେ ପଦକ୍ଷେପ ଗ୍ରହଣ କରାଯାଉଛି। ହେଲେ ସ୍ଥାନୀୟ ପୋଲିସ ଆଗଲପୁର ତହସିଲକୁ ଚକମା ଦେକାଉଥିବା ଅଭିଯୋଗ ହୋଇଛି। କିଛିଦିନ ପୂର୍ବରୁ ଜବତ କରିଥିବା ଏକ ବାଲି ବୋଝେଇ ହାଇୱାକୁ ତାଙ୍କ ବିନା ପରାମର୍ଶରେ ପୋଲିସ ଛାଡିଦେଇଥିବା ଅଭିଯୋଗ କରିଛନ୍ତି ତହସିଲଦାର ଉଗ୍ରସେନ ଓରାମ। ପୋଲିସର ଏଭଳି କାର୍ଯ୍ୟକୁ ସେ ନାପସନ୍ଦ କରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଅଭିଯୋଗ ମତେ, ଆଗଲପୁର ଦେଇ ଅଙ୍ଗନଦୀ ପ୍ରଭାବିତ ହୋଇଛି। ଆଗଲପୁର ତହସିଲ ପକ୍ଷରୁ ବିଭିନ୍ନ ଘାଟରୁ ବାଲି ଉଠାଣ ପାଇଁ ଲିଜ ପ୍ରଦାନ କରାଯାଇଛି। ଲିଜଧାରୀମାନେ ବକେୟା ଟଙ୍କା ତହସିଲରେ ପୈଠ କରୁନାହାନ୍ତି। ଖିଲାପି ଲିଜଧାରୀଙ୍କୁ ତହସିଲ ପକ୍ଷରୁ ନୋଟସି ଜାରି କରାଯାଇଛି। ବାଲିଘାଟରୁ ବେଆଇନ ବାଲି ଚୋରାଚାଲାଣ ରୋକିବା ପାଇଁ ତହସିଲ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। କିଛିଦିନତଳେ ତହସିଲଦାର ଓରାମ ଲୁହୁରାମୁଣ୍ଡା ପଞ୍ଚାୟତ ଅଧୀନ ସାନଫାସଡସ୍ଥିତ ଘାଟରୁ ଏକ ହାଇୱାରେ ବାଲି ସାଲେଭାଟ ପଟକୁ ଯାଉଥିବାବେଳେ ଅଟକାଇଥିଲେ। ସମ୍ପୃକ୍ତ ଗାଡିର ଡ୍ରାଇଭର ୱାଏଫର୍ମ ଦେଖାଇ ନ ପାରିବାରୁ ସାଲେଭଟା ଫାଣ୍ଡିରେ ଗାଡି ଲଗାଇବାକୁ କହିଥିଲେ। ସେଠାରେ ଫାଣ୍ଡି ଅଧିକାରୀ ନ ଥିବାରୁ କୌଣସି ଜରିମାନା ଆଦାୟ କରାଯାଇ ପାରି ନ ଥିଲା। ଜବତ ଗାଡି ଓଆର୦୯ଏନ ୪୪୨୮କୁ ଫାଣ୍ଡିର ଅନ୍ୟ କର୍ମଚାରୀଙ୍କ ଜିମା ଦେଇ ତହସିଲଦାର ଫେରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଉକ୍ତ ଗାଡିକୁ ପୋଲିସ ଛାଡିଦେଇଥିବା ଜଣାପଡିଥିଲା। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ହାନୀ ହେବା ସହ ଚୋରା ଚାଲାଣକାରୀମାନେ ପ୍ରଶାସନକୁ ବେଖାତିର କରିବେ ବୋଲି ତହସିଲଦାର କହିଛନ୍ତି। କେବଳ ଏହି ଘଟଣା ନୁହେଁ ପୂର୍ବରୁ ମଧ୍ୟ ରୋଡରେ ଏପରି ହୋଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ମଦନମୋହନ ମେଶ୍ରାଙ୍କୁ ପଚାରିବାରୁ ଆଇଆଇସିଙ୍କ ପରାମର୍ଶ କ୍ରମେ ଗାଡିକୁ ଛାଡି ଦେଇଥିବା କହିଛନ୍ତି।



ତହସିଲଦାର ଜବତ କରିଥିବା ଗାଡି।

### ମେନ୍‌ରୋଡ ହନୁମାନ ମନ୍ଦିରରୁ ପିତ୍ତଳ ଘଣ୍ଟ ଚୋରି

**ବଲାଙ୍ଗୀର ଅଫିସ, ୧୭।୧**

ବଲାଙ୍ଗୀର ସହର ମୁଖ୍ୟ ମାର୍କେଟ୍ ରାସ୍ତା ଉପରେ ଥିବା ହନୁମାନ ମନ୍ଦିରରୁ ଦୁର୍ବୃତ୍ତମାନେ ୨୬କେଜି ଓଜନର ପିତ୍ତଳ ଘଣ୍ଟ, ଅନ୍ୟ ଏକ କଂସା ଘଣ୍ଟ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ମନ୍ଦିର ପଛପଟ ଗେଟ୍ ଲୁହା ଗ୍ରୀଲ ଭାଙ୍ଗି ଦୁର୍ବୃତ୍ତମାନେ ଚୋରି ହୋଇଥିବା ନେଇ ମନ୍ଦିର କମିଟି ସଭାପତି ବାଦଲ ମହାକୁଡ ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

### ଶାରୀରିକ ସୁସ୍ଥତା ଦିବସ ପାଳିତ

**ସଇଁତଲା, ୧୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲାସ୍ଥିତ କୋଶଳ କରାଟେ ସ୍କୁଲ ଓ ନେହେରୁ ଯୁବକେନ୍ଦ୍ର ବଲାଙ୍ଗୀର ଆନୁକୂଲ୍ୟରେ ସହିଦ ଭଗତ ସିଂ କ୍ଲବ ପରିସରରେ ଶାରୀରିକ ସୁସ୍ଥତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ ଯୋଗଦେଇଥିଲେ। ସଇଁତଲା ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ଭୋଇ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ନିରୋଗ ରହିବା ପାଇଁ ନିତ୍ୟ ବ୍ୟାୟାମ ସହ ଠିକ ସମୟରେ ଖାଇବା ଏବଂ ଶୋଇବା ଦରକାର ବୋଲି ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ସକାଳୁ ସୂର୍ଯ୍ୟୋଦୟ ପୂର୍ବରୁ ଉଠିବା ସହ ଚାଲିବା ଦ୍ୱାରା ଦେହକୁ ସୁସ୍ଥ ରଖିହେବ ବୋଲି ସମ୍ମାନୀତ ଅତିଥି କହିଥିଲେ। କରାଟେ ସ୍କୁଲର ନିର୍ଦ୍ଦେଶକ ଅଶୋକ କୁମାର ନାଗ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭଗତ ସିଂ କ୍ଲବର ସଭାପତି ଶଶୀଭୂଷଣ ନାଗ ମଞ୍ଚ ପରିଚାଳନା କରିଥିଲେ। ନିମାଇଁ ଚରଣ ସାହୁ, ଉମାକାନ୍ତ ନାଗ, କରାଟେ ସ୍କୁଲର ସହନିର୍ଦ୍ଦେଶକ ସୁଦାମ ସୁନା, ଧନୁର୍ଯ୍ୟ ଛତ୍ରିଆ, ସୁଶାନ୍ତବାଗଙ୍କ ସହ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ନିର୍ମାଣ ସରିଛି

## କାର୍ଯ୍ୟକ୍ଷମ ହୋଇନି ଡାକ୍ତରଖାନା ଶୌଚାଳୟ

**ବେଲପଡା, ୧୭।୧(ଡି.ଏନ.ଏ.)**

ଗତ ୩ମାସ ହେଲା ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବର୍ହିବିଭାଗ ରୋଗୀଙ୍କ ପାଇଁ ଡାକ୍ତରଖାନା ପରିସରରେ ଶୌଚାଳୟ ନିର୍ମାଣ ସରିଛି। ହେଲେ ଡାକ୍ତରଖାନାକୁ ଚାବି ହସ୍ତାନ୍ତର ନକରି ଶୌଚାଳୟ କାମ କରୁଥିବା ଠିକାଦାର ତାଲା ପକାଇ ରଖିଥିବାରୁ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ହିନସ୍ତା ହେଉଥିବା ଦେଖିବାକୁ ମିଳିଛି। ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ଶୌଚାଳୟ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ପରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଏହି କାମକୁ ଜନୈକ ଠିକାଦାରଙ୍କ ଦ୍ୱାରା ସମ୍ପନ୍ନ କରାଇଛି। ନିର୍ମାଣ ସରିଥିଲେ ମଧ୍ୟ ମହିଳା ରୋଗୀ ପରୀକ୍ଷା ପାଇଁ ପରିଶ୍ରା ସଂଗ୍ରହ କରିବାକୁ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ଏ ନେଇ ଡାକ୍ତର ରବୀନ୍ଦ୍ର ମେହେରଙ୍କୁ ପଚାରିବାରୁ ଠିକାଦାର ଚାବି ହସ୍ତାନ୍ତର କରି ନ ଥିବା ପ୍ରକାଶ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ପଚାରିବାରେ ଏନଆରଏଚଏମ ଏହାର ଦାୟିତ୍ୱ ନେଇଥିବା କହିଛନ୍ତି। ଏନଆରଏଚଏମ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରେ କାମ ଶେଷ ହୋଇଛି। ହେଲେ ସମ୍ପୃକ୍ତ ଠିକାଦାରଙ୍କ ବିଲ ହୋଇ ନ ଥିବାରୁ ତାଲା ପଡିଥିଲା। ବିଲ ହୋଇଗଲାଣି, ଖୁବଶୀଘ୍ର ଚାବି ଖୋଲିବ ବୋଲି କହିଥିଲେ।



ତାଲା ପଡି ରହିଥିବା କୋଠା।

ନୂଆଁପାଲି ଧନୁଯାତ୍ରା

## କୃଷ୍ଣଜନ୍ମ, କୃଷ୍ଣଙ୍କୁ ନେଇ ବସୁଦେବଙ୍କ ଗୋପପୁର ଗମନ

**ଦେଓଗାଁ,୧୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲିରେ ୫ ଦିନଧରି ଚାଲିଥିବା ମୁକ୍ତାକାଶ ଧନୁଯାତ୍ରା ମହୋତ୍ସବର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କମିଟି ସଭାପତି କୌସ୍ତୁଭମଣି ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସରପଞ୍ଚ ପ୍ରମୋଦିନୀ ନାଏକ, ସମ୍ମାନୀତ ଅତିଥିଭାବେ ଧବଳେଶ୍ୱର ନାୟକ ଯୋଗଦେଇଥିଲେ। ଏହି ସନ୍ଧ୍ୟାରେ ପୌରାଣିକ କଥାବସ୍ତୁକ ନେଇ ମହାରାଜ କଂସଙ୍କ ଦ୍ୱାରା ଦେବକୀଙ୍କ ଗର୍ଭସ୍ଥ ୬ଟି ସନ୍ତାନଙ୍କୁ ହତ୍ୟାପରେ ଅଷ୍ଟଘଡି ରାତ୍ରରେ କୃଷ୍ଣଙ୍କ ଜନ୍ମ ଓ ବସୁଦେବ କୃଷ୍ଣଙ୍କୁ ନେଇ ଗୋପପୁର ଗମନ, ଗୋପପୁର ଯିବା ରାସ୍ତାରେ ଉଗ୍ରସେନ ଏବଂ ବସୁଦେବଙ୍କ ଭେଟ ଓ ବାର୍ତ୍ତାଳାପ ଆଦି ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। କଂସ ମହାରାଜ ଭୂମିକାରେ ଗୋପାଳ ସାହୁ (ଏଲି), ମହାମନ୍ତ୍ରୀ କଳାକୃଷ୍ଣ ସାହୁ, ସେନାପତି ଆକାଶ ବିଶ୍ୱାଳ, ମୁଷ୍ଟିକ ଶଙ୍କର ସାହୁ, ବସୁଦେବ ସତ୍ୟନାରାୟଣ ବିଶ୍ୱାଳ, ଦେବକୀ ବେବୀ ବିଶ୍ୱାଳ, ଉଗ୍ରସେନ ଭୂମିକାରେ ଦେବେନ୍ଦ୍ର କଣ୍ଡେର ଅଭିନୟ କରିଥିଲେ। ପ୍ରତିବର୍ଷପରି ଚଳିତ ବର୍ଷ ମଧ ମୀନାବଜାର, ନାଟକ, ସଂଚାର ଆକାଶଦୋଳି ଆଦି ଆକର୍ଷଣର କେନ୍ଦ୍ର ସାଜିଛି। ଯାତ୍ରାକୁ ଉପସଭାପତି ସୁକଲ୍ୟାଣ ବିଶ୍ୱାଳ, ସମ୍ପାଦକ ନୀଳମଣି ନାଏକ, କୋଷାଧକ୍ଷ ଅଶୋକ ଶତପଥୀ, ଚକାମନ ଭୋଇ, ପିଙ୍କୁ ଭୋଇ, ସହସମ୍ପାଦକ ଘାସିରାମ ନାଏକ ତଥା ଗ୍ରାମବାସୀ ସହଯୋଗ କରୁଛନ୍ତି।



ପାତ୍ରମନ୍ତ୍ରୀ ଓ ଅତିଥିଙ୍କ ସହ ଦରବାରରେ ମହାରାଜ କଂସ।

# ପିଠା କାର୍ଯ୍ୟକ୍ରମକୁ ବିରୋଧ

**ଲାଠୋର, ୧୭।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ଜାମଟୁଆ, ଫୁଲଝର, ଜଲପାଙ୍କେଲ, କହ୍ନେଇଛାପର ଗ୍ରାମକୁ ନେଇ ନୂତନ ମାଲପଡ଼ା ପଞ୍ଚାୟତ ଗଠନ ହୋଇଥିଲା। ମାଲପଡ଼ାରେ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ମାଲପଡ଼ାରେ ପଞ୍ଚାୟତ କାର୍ଯ୍ୟାଳୟ କରା ନ ଯାଇ ଜାମଟୁଆଁରେ ହେଉ ବୋଲି ଅନ୍ୟ ଗ୍ରାମବାସୀ ବିରୋଧ କରି ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଏପରିକି ମାଲପଡ଼ାରେ କାର୍ଯ୍ୟାଳୟ କରାଯିବାକୁ ବାରଣ କରି ଅନ୍ୟ ଗ୍ରାମର ଲୋକ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା ମଧ ଦାଏର କରିଛନ୍ତି। ଇତିମଧରେ ସରକାରଙ୍କ ପିଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ମାସ ପିଠା କାର୍ଯ୍ୟକ୍ରମକୁ ମାଲପଡ଼ା ଗ୍ରାମକୁ ଛାଡ଼ିଦେଲେ ଅନ୍ୟ ଗ୍ରାମର ଅଧିବାସୀ ଯୋଗ ଦେଇ ନ ଥିଲେ। ଚଳିତ ମାସ ପିଠା କାର୍ଯ୍ୟକ୍ରମକୁ ସମ୍ପୃକ୍ତ ଚାରିଖଣ୍ଡ ଗ୍ରାମର କେହି ଆସି ନ ଥିଲେ। ଏକ ଅଭିନବ ଉପାୟରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜାମଟୁଆ ଗ୍ରାମରେ ଏକତ୍ରିତ ହୋଇ ନିଜସ୍ୱ ଉଦ୍ୟମରେ ପିଠା କାର୍ଯ୍ୟକ୍ରମ କରି ସରକାରୀ ଭାବେ ମାଲପଡ଼ାରେ ହେଉଥିବା ପିଠା କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ। ଯେ ପର୍ଯ୍ୟନ୍ତ ସରକାର ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ଜାମଟୁଆ ଗ୍ରାମରେ ସ୍ଥାପନ ନ କରିଛନ୍ତି ସେତେଦିନ ପର୍ଯ୍ୟନ୍ତ ଅନ୍ୟ ଗ୍ରାମବାସୀ କୌଣସି ପ୍ରକାର ସହଯୋଗ କରିବେ ନାହିଁ ବୋଲି ରୋକଠୋକ ମନା କରିଦେଇଛନ୍ତି। ଶୁକ୍ରବାରଠାରୁ ଗ୍ରାମବାସୀ ନିଜ ପିଲାଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କୁ ଛାଡ଼ିବା ପାଇଁ ବାରଣ କରିବେ ବୋଲି ମଧ ନିଷ୍ପତ୍ତି ଗ୍ରହଣ କରିବା ସହ ଆଗାମୀ ବିଧାନ ସଭା ଓ ଲୋକ ସଭା ଭୋଟ ମଧ ବର୍ଜନ କରାଯିବ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷେ ସରକାରୀ ଭାବେ ତା୧୭।୧।୨୦୧୯ରିଖରେ ମାଲପଡ଼ାରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ କରି ଉପସ୍ଥିତ ଥିବା ଅଧିବାସୀଙ୍କୁ ସରକାରଙ୍କର ଉନ୍ନୟନମୂଳକ ଯୋଜନା ଉପରେ ଅବଗତ କରାଯାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ବିଡିଓ ତରଣି ସୁନାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଘଟଣାଟି ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବାରୁ ଆମେ କୌଣସି ନିଷ୍ପତ୍ତି ନେଇ ପାରିବୁ ନାହିଁ। ରାୟ ଆସିଲା ପରେ ଯାହା ନିଷ୍ପତ୍ତି ନିଆଯାଇ ପାରିବ ବୋଲି କହିଛନ୍ତି।

ସଁକଟରେ କିଡ଼୍‌ନୀ ରୁଗୀ

# ସରକାରୀ ସାହାଯ୍ ଅପେକ୍ଷାରେ ଟୁନୁ

**ଲାଠୋର, ୧୭।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଗାଁର ବାଗପଡ଼ାର ଟୁନୁ ବାଗ(୪୮)। ପରିବାର କହେଲେ ମାଏକିନା ଟିନି, ଝି ରୂପାମୁଦ୍ରା ଆର ପୁଓ ଦଶରଥକୁଁ ନେଇ ତାକର ସୁଖର ସଁସାର। ସଁପତି କହେଲେ ଏକ୍‌ରେ ଜମି ଆର ଘରବାରି ଟିକେ ଅଛେ। ଜମି ଚାଷ୍ କରବାର ସଂଗେ ପର୍‌ହର କାମବୁତା କରି ସେମାନେ ଚଲିଯାଉଥିଲେ। ହେଲେ ଦଏବ ତାକର ସୁଖ ସହି ନାଇଁପାରଲା, ୮ ବଛର ତଲେ ଟୁନୁର କିଡ଼ନୀ ବେମାର ହେଲା। ଯାହା ଗଁଧେପୁଷ୍‌ପେ ଧନ୍ ସଁପତି ସଁଚିଥିଲେ ସେଟାକେ ଭଁଜେଇ ଇ ଡାକ୍‌ତରଖାନା ସେ ଡାକ୍‌ତରଖାନା ବୁଲି ଚିକିତ୍ସା କରାଲେ। ହେଲେ ରୋଗ୍ ଛାଡ଼ବାର ଜାଗାରେ ଦିନୁ ଦିନ୍‌କେ ବଢ଼ତେଲ ଗଲା। ଏନ୍‌ତାଥି ପରିବାର ଲୋକ୍ ସରବ୍‌ହରା ହେଇ ଭଗବାନ ଭରଷାରେ ହାତ୍ ଟେକିଦେଇଛନ୍। ଇ ବାବ୍‌ଦେ ଖବର ପାଇ ଥାନୀୟ ଧରିତ୍ରୀ ପରତିନିଧି ଭୁବନେଶ୍ୱର ବାରିକ ଟୁନୁ ବାଗକଁର ପରିବାର ଲୁକ୍‌କୁ ଭେଟିଥିଲେ। ପରିବାର ଲୁକ୍‌କର କହେବାର ହିସାବେ ଟୁନୁକେ ୮ ବଛର ତଲେ କିଡ଼ନୀ ରୋଗ୍ ହେଇଥିବାର ଜନାପଡ଼ଲା। ଘରେ ଯାହା ଥିଲା ବିକାଭଂଗା କରି ଅନେକ ଡାକ୍‌ତର ଦେଖେଇ ଚିକିତ୍ସା କରାଲେ। ହେଲେ କିଛି ଲାଭ ନାଇଁ ହେଲା। ପରିବାରଟା ଚିକିତ୍ସା ଖରଚରେ ସରବ୍‌ସୁଆଁନ୍ତ୍ ହେଇଗଲେ। ଏହେଦେ ଘରର ପରିସ୍ଥିତି ଏନ୍‌ତା ଯେ, ଟୁନୁ ମାଏକିନା ପର୍‌ହର ଗରେ କାମ୍‌ବୁତା କରି କୁଟୁମ ପୁଷୁଛନ୍। ଟୁନୁର ଦେଖାଶୁନା କରବାକେ ଘରେ ଯେହେଲେ ଝନେ ରହେବାକେ ପଡୁଛେ। ନିଜର ଲାଗେଲେସରମାନକରନୁ ଧାର ଉଧାର କରି ଉଷୋ ଖାଉଛନ୍। ସେଟା ବି ପଏସା କଉଡ଼ ଅଭାବୁ କେନ୍‌ମାସ କେନ୍‌ତା ବଁଦ୍ ହେଇଯାଉଛେ। ତିନ ବଛର ତଲେ ଲାଠୋର ଡାକ୍‌ତରଖାନାରୁ କେତେ କରମ୍‌ଚାରୀ ତାକର ଘରକେ ଆସି ପରିସ୍ଥିତି ଦେଖି ଫିମାସ ମାହାଲି ଉଷୋ ଯୁଗେଇ ଦିଆଯିବା ବଲି କହିଥିଲେ। ହେଲେ ଆଏଜ୍‌ତକ୍ ମାହାଲିଆ ଉଷୋର ଦେଖା ନାଇଁ ବଲି ପରିବାର ଲୋକ କହିଛନ୍। ସରକାରୀ ସାହାଯ୍ ବଏଲେ ପରିବାରକେ ଫିମାସ ମିଳୁଥିବାର ୩୫ କେ.ଜି. ଚାଉଲ। ଏତ୍‌କିରେ ଗୁଟେ ପରିବାର ମାସେ ଚଲବାରେ ଭିଡ଼ ହେଉଥିଲା ବେଲେ ଟୁନୁର ଚିକିତ୍ସା କଥା କିଏ ପଚାରେ। ଇ ନିହାତି ଗରିବ୍ ଦୁଖି ପରିବାର ଉପରେ ପରଶାସନ ଦୁରୁଷ୍ଟି ଦେଇ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ଲାଠୋର ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡା.ବିଶ୍ୱଭୂଷଣ ମଲ୍ଲିକକୁଁ ଯୋଗାଯୋଗ କଲାରୁ ଟୁନୁ ବାଗ ଖପ୍ରାଖୋଲ ସିଏଚସିକେ ଯାଇ ଭରତି ହେବାର ବେବସ୍ତା କରାଯାଇଛେ। ହେଲେ ସେ ଭରତି ନାଇଁ ହେବାର, ଯେନ୍‌ଥିଲାଗି ଆମେ କିଛି କରି ନାଇଁ ପାରବାର। ଯେତେ ଜଲ୍‌ଦି ହେବା ଆମେ ତାକର ଚିକିତ୍ସା ଆରମ୍ କରବାର ଚେଷ୍ଟା କରୁଛୁଁ ବଲି ସେ କହିଥିଲେ।



ଅସାହା କିଡ଼୍‌ନୀ ରୁଗୀ ଟୁନୁ ବାଗ।






“ଇନ୍ଦ୍ରିୟ ସ୍ୱଭାବତଃ ଚଞ୍ଚଳ, ତାକୁ ସ୍ଥିର ରଖିବା ହେଉଛି ସାଧକର କର୍ତ୍ତବ୍ୟ, ଇନ୍ଦ୍ରିୟ ବସ୍ତୁ ପଛରେ ଗୋଡ଼ାଇଥାଏ। ଇନ୍ଦ୍ରିୟର ଦାସ ହୋଇ ସାଧକ ତା'ର ବୋଲ ମାନିବା ଉଚିତ୍ ନୁହେଁ।

- ଶିରିଡି ସାଇବାବା

## ସଂକ୍ଷେପରେ

### ବାଗମୁଣ୍ଡା ଧନୁଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା

**ତରବୋଡ,୧୭।୧(ଡି.ଏନ.ଏ.)** ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସିଆଲଲଟି ଗ୍ରାମପଞ୍ଚାୟତ ବାଗମୁଣ୍ଡା ଗ୍ରାମରେ ତୃତୀୟ ତମ ବିରାଟ ଧନୁଯାତ୍ରା ମହୋତ୍ସବର ଗୁରୁବାର ଥିଲା ଚତୁର୍ଥ ସନ୍ଧ୍ୟା । ଚତୁର୍ଥ ରଜନୀରେ ନୂଆପଡା ଲୋକପାଳ ଏମଜିଏନଆରଇଏସ ଆର.ବିଜୟ ରାଜ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଥିବା ବେଳେ ମୁକେଶ ଶ୍ରୀବାସ୍ତବ ବ୍ୟାବସାୟୀ ଖରିଆର ରୋଡ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଚତୁଥ ରଜନୀରେ କଂସ ମହାରାଜଙ୍କ ସିଂହାସନ ଆହରଣ ବା ସର୍ଗପୁର ଆକ୍ରମଣ, ଦେବକୀଙ୍କ ଗୋଟି ଗୋଟି କରି ଷଢ ପୁତ୍ର ନିଧନ, ସପ୍ତମ ଗର୍ଭ ଯାଇଛି ଉଭେଇ ଅଷ୍ଟମ ଗର୍ଭକୁ କଂସ ମାମୁ କରିଛି ଅପେକ୍ଷା, ରୋହିଣି ଗର୍ଭରେ ଗୋପପୁରେ ବଳରାମ ଜନ୍ମ ଅଭିନିତ ହୋଇଛି। ମହୋତ୍ସବ କମିଟି ସଭାପତି ଶାନ୍ତିଲାଲ ମଟାରୀ, ଉପସଭାପତି ଓସରାମ ସାହୁ, ସମ୍ପାଦକ ଭୁବନ ସତନାମୀ, ସହ ସମ୍ପାଦକ ଦେଓଲାଲ ବାଗ, କୋଷାଦଧ ମିଟୁ ମଟାରୀ, ସହ କୋଷାଦକ୍ଷ କେଶବ ଦୁରିଆ, ରବୀନ୍ଦ୍ର ମଙ୍ଗରାଜ, ପଞ୍ଚାନନ୍ ମଟାରୀ, ଉପେନ୍ଦ୍ର ମଟାରୀ, ପ୍ରେମଲାଲ ସତନାମୀ, ଗଜିନ୍ଦ୍ର ମଟାରୀ, ନବିନ ସାହୁ, ରିଖିରାମ ସତନାମୀ ପ୍ରମୁଖ ସହଯୋଗ କରୁଛନ୍ତି।

# ପୋଲିସ ବର୍ବରତା କଲେ ଆମେ ଛତିଶଗଡ଼ ଯିବୁ

**ନୂଆପଡା ଅଫିସ,୧୭।୧**

ନୂଆପଡା ଜିଲା ଜୋଙ୍କ ଜଳ ସେଚନ ପ୍ରକଳ୍ପରୁ ରବି ଚାଷ ସକାଶେ ପାଣି ଛଡାଯିବା ଘଟଣାକୁ ଛକାପଞ୍ଝା ଜୋର ଧରିଛି । ଗୋଟିଏ ପଟେ ଜିରୋହ୍ୟାଡରୁ ପାଣି ଦେବା ଦାବିରେ ଉପର ମୁଣ୍ଡ ଚାଷୀମାନେ କେନାଲ ମୁଣ୍ଡରେ ଚଳାଇଥିବା ଧାରଣା ଦୀର୍ଘ ୨୪ ଦିନରେ ପହଞ୍ଚିଥିବାବେଳେ ତଳ ମୁଣ୍ଡଚାଷୀମାନେ ପାଣି ପାଇଁ ବାରମ୍ବାର ଆନ୍ଦୋଳନ କରୁଛନ୍ତି । ଶେଷରେ ତଳ ମୁଣ୍ଡଚାଷୀମାନେ ତୁରନ୍ତ ପାଣି ଛାଡିବାକୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ହାଇକୋର୍ଟ ଜିଲାପାଳଙ୍କୁ ପାଣି ଛାଡିବାକୁ ନିର୍ଦ୍ଦେଶନାମା ଆଣିବା ପରେ ପୋଲିସ ପ୍ରଶାସନ ତନାଘନା ଚଳାଇଛି । ଏହାକୁ ଦେଖି ଉପର ମୁଣ୍ଡ ଚାଷୀମାନେ ଜୀବନ ଦେବୁ ପଛେ ପାଣି ଛାଡିବୁ ନାହିଁ । ପୋଲିସ ଆମ ଉପରକୁ ବର୍ବରତା ଦେଖାଇଲେ ଆମେ ଆଇନ କାନୁନ ଉପରେ ଭରସା ଛାଡି ପଡୋଶୀ ଛତିଶଗଡକୁ ଚାଲିଯିବୁ ବୋଲି ଚେତାବନୀ ଦେଇଛନ୍ତି ।
ଗତ ମାସ ୨୫ ତାରିଖରେ ତଳ ମୁଣ୍ଡ ଚାଷୀଙ୍କୁ ରବିଚାଷ ସକାଶେ ପାଣି ଛାଡିବାକୁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ହେଲେ ସେହି ଦିନଠାରୁ ଉପର ମୁଣ୍ଡଚାଷୀମାନେ କେନାଲ ମୁଣ୍ଡରେ ଧାରଣାରେ ବସିଛନ୍ତି।ଏହା ଉପରେ



ଯୋଗେଶ୍ୱର ମଞ୍ଚର ଚାଷୀ ବୈଠକ ।

### ଉପର ମୁଣ୍ଡ ଚାଷୀଙ୍କ ଚେତାବନୀ

ପ୍ରଶାସନ ସିଦ୍ଧାନ୍ତ ନେବାରେ ବିଫଳ ହୋଇଥିଲା । ଶେଷରେ ତଳମୁଣ୍ଡ ଚାଷୀମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇ ନିର୍ଦ୍ଦେଶନାମା ଆଣିଛନ୍ତି । ସୂଚନାଯୋଗ୍ୟ ଯେ, ବୁଧବାର ତଳମୁଣ୍ଡ ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରି ତୁରନ୍ତ ପାଣି ନ ଦେଲେ ସେମାନେ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେବା ସହ ହାଇକୋର୍ଟର ଚିଠି ପ୍ରଦାନ କରିଥିଲେ। ଏହା ପାଇବା ପରେ ଜିଲାପାଳ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ନିଷ୍ପତ୍ତି ନେଇଛନ୍ତି । ଗୁରୁବାର ସନ୍ଧ୍ୟାରେ ନୂଆପଡା ଥାନାଧିକାରୀ ଧାରଣାସ୍ଥଳକୁ ଯାଇ ଏ ବିଷୟରେ ଜଣାଇଛନ୍ତି । ଆନ୍ଦୋଳନକାରୀମାନଙ୍କୁ ଆଇନକୁ ସହଯୋଗ କରିବାକୁ ଅନୁରୋଧ କରିଥିବାବେଳେ ଅନ୍ୟଥା ପୋଲିସ ତାର ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବ ବୋଲି ଚେତାଇ ଦେଇ ଆସିଛି । ଏହା ପରେ ଚାଷୀମାନେ ଏକ ପ୍ରସ୍ତୁତି ବୈଠକ କରି ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି । ଶୁକ୍ରବାର ପୋଲିସ ପ୍ରଶାସନ ଏଠାକୁ ପାଣି ଆଣିବାକୁ ଆସିଲେ ସେମାନେ ତାକୁ ଅହିଂସା ମାଧ୍ୟମରେ ପ୍ରତିବାଦ କରିବେବେ ବୋଲି ଆନ୍ଦୋଳନକାରୀ ଯୋଗେଶ୍ୱର ମଞ୍ଚ ସମ୍ପାଦକ ଭରତଲାଲ ରାଉତ କହିଛନ୍ତି । ଏହା ପରେ ମଧ୍ୟ ପୋଲିସ ପ୍ରଶାସନ ସେମାନଙ୍କ ଉପରେ ବର୍ବରତା ଦେଖାଇଲେ ଆଇନ କାନୁନ ଉପରେ ଭରସା ତୁଟାଇ ପଡୋଶୀ ଛତିଶଗଡ ଚାଲିଯିବାକୁ ବାଧ୍ୟ ହେବୁ ବୋଲି ଚେତାଇ ଦେଇଛନ୍ତି । ଆହୁରି କହିଛନ୍ତି ଯେ, ବର୍ତ୍ତମାନ ହାଇକୋର୍ଟ ଜିଲାପାଳଙ୍କୁ ମାସକର ସମୟ ଦେଇଛନ୍ତି । ଏବେ ବି ଜିଲାପାଳ ଏହା ଉପରେ ବିଚାର ବିମର୍ଶ କରି ଆମରି ଦାବି ଉପରେ ପଦକ୍ଷେପ ନେବାର ସମୟ ଅଛି। ସେ ଚାହିଁଲେ କରିପାରିବେ । ଆଲୋଚନା ପାଇଁ ଆମେ ପ୍ରସ୍ତୁତ ବୋଲି କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନଚର ସଭାପତି ପ୍ରକାଶ ଦିକ୍ଷୀତ, ଲାଲ ସିଂ ମାଝି, ସନ୍ତୋଷ ଦଣ୍ଡସେନା, ରାମ ଚରଣ ସାହୁ, ସନ୍ତୋଷ ଦେୱାଙ୍ଗନଙ୍କ ସମେତ ଶତାଧିକ ସମର୍ଥକ ଉପସ୍ଥିତ ଥିଲେ ।

# କଳାହାଣ୍ଡି ଉତ୍ସବରେ କବିତା ପାଠୋତ୍ସବ

**ଭବାନୀପାଟଣା,୧୭।୧(ଡି.ଏନ.ଏ.)**

୨୩ତମ କଳାହାଣ୍ଡି ଉତ୍ସବ-୨୦୧୯ ଉତ୍ସବର ତୃତୀୟ ଦିନରେ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଏହାକୁ କବି ସୁଶ୍ରୀ ସୁଚେତା ମିଶ୍ର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡରେ ସଦସ୍ୟ ସୁଜିତ କୁମାର, ମହାବୀର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ କୁମାର ବେହେରା, କବି ଓ ନାଟ୍ୟକାର ମନୋଜ କୁମାର ରଥ ଓ ବିଶିଷ୍ଟ ଗାଳ୍ପିକା ଜାଜ୍ଞସିନି ସାହା ପ୍ରମୁଖ ଯୋଗଦେଇଥିଲେ । କବିତାପାଠ ଉତ୍ସବ କମିଟି ଅଧକ୍ଷ ଡ. ତପନ କୁମାର ରଥ ଅଧକ୍ଷତା କରିଥିଲେ । ଡ. ସତ୍ୟନାରାୟଣ ମୁଣ୍ଡଛେନା ସ୍ୱାଗତ ଭାଷଣ ଦେଇଥିଲେ । କବିତା ପାଠୋତ୍ସବ କମିଟି ଉପାଧ୍ୟକ୍ଷ ସନ୍ତୋଷ ରଥ ସଂଯୋଜନା କରିଥିଲେ । ଏହି ଆବସରରେ 'ନିଷାନ' ପତ୍ରିକା, କୁଳମଣି ସିଂଙ୍କ ଲିଖିତ କବିତା ସଂକଳନ 'ଜମକ ମଞ୍ଜରି', ମମତା ପଣ୍ଡାଙ୍କ ଜତୁଗୃହ ଏବଂ ସନ୍ତୋଷ ଶତପଥୀଙ୍କ 'ମାଣିକ' ବହିକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କବିତା ପାଠୋତ୍ସବ କମିଟି ପକ୍ଷରୁ ପ୍ରକାଶିତ 'ନିଷାନ' ପୁସ୍ତକରେ ଜିଲାର ବିଭିନ୍ନ ଅଞ୍ଚଳର ୧୦୨ଜଣ କବୟତ୍ରୀ ଓ କବିଙ୍କ କବିତା ପ୍ରକାଶ ପାଇଛି। ଏହି କବିତା ପାଠକୁ ମଞ୍ଜୁମେଧା ଗୁରୁ, ମାନସ ରଞ୍ଜନ ପଣ୍ଡା, ସୁଶିଲ କୁମାର ବାଗ, ହେମନ୍ତ ସାହୁ, ବନଶ୍ରୀ ଦାସ, ସୁଧିର ମେହେର କବିତା ସଂଯୋଜନା କରିଥିଲେ।

# ୮ ଛାତ୍ରୀଛାତ୍ରଙ୍କୁ ବେଦାନ୍ତର ଜ୍ଞାନଶ୍ରୀ ପୁରସ୍କାର

**ଭବାନୀପାଟଣା,୧୭।୧(ଡି.ଏନ.ଏ.)**

କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ରେ ବିଭିନ୍ନ ବିଭାଗରେ ସଫଳତା ପାଇଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି । ମାଟ୍ରିକ ପରୀକ୍ଷାରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭବାନୀପାଟଣାର ଛାତ୍ର ଜ୍ୟୋତିରାଜ ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୁନାଗଡ ଛାତ୍ରୀ ଦେବକି ଗୋଏଲ, ସିବିଏସଇ ପାଠ୍ୟକ୍ରମରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ଡିଏଭି ବେଦାନ୍ତ ଇଣ୍ଟରନେଶନାଲ ସ୍କୁଲ ଲାଞ୍ଜିଗଡ ଛାତ ଆଶିଷ କୁମାର ସାହୁ ଏବଂ ଭବାନୀପାଟଣା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ନିଭିୟା ନାୟର, ଆଇସିଏସଇ ପାଠ୍ୟକ୍ରମରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ବିମଳା କନଭେଣ୍ଟର ଛାତ୍ର ଆୟୁସ କୁମାର ଅଗ୍ରୱାଲ ଏବଂ ବିମଳା କନଭେଣ୍ଟର ଛାତ୍ରୀ ଐଶ୍ୱରିଆ ପଟ୍ଟନାୟକ, ଏସଏସଡି ସ୍କୁଲ ଟମ୍ପର ସରକାରୀ ଏସଏସଡି ହାଇସ୍କୁଲ ଲାଞ୍ଜିଗଡ ଛାତ୍ର ଟଙ୍କଧର ହରିଜନ, ଏସଏସଡି ହାଇସ୍କୁଲ ଦୁଲକିବନ୍ଧର ଛାତ୍ରୀ ଡାଳିମ୍ବ ପୂଝାରୀଙ୍କୁ ବେଦାନ୍ତ ପକ୍ଷରୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ବିଶିଷ୍ଟ ଲୋକସଙ୍ଗୀତ କଳାକାର ତଥା ବିସମିଲ୍ଲାଖାଁ ଯୁବପୁରସ୍କାର ପାଇଥିବା ଯୁବକଳାକାର ସର୍ବେଶ୍ୱର ଭୋଇ ଏବଂ ସଙ୍ଗୀତ ଶିକ୍ଷକ ମଧୁଲିତା ମହାପାତ୍ରଙ୍କୁ କଳାହାଣ୍ଡି ଉତ୍ସବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି ।



ଜଣେ କୃତୀ ଛାତ୍ରୀଙ୍କୁ ବେଦାନ୍ତ ଜ୍ଞାନଶ୍ରୀ ପୁରସ୍କାର ପ୍ରଦାନ କରାଯାଉଛି।

# ସିନାପାଲିରେ କବିତା ଆସର

**ସିନାପାଲି,୧୭।୧(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲିଠାରେ ଗଙ୍ଗାଧର ସାରସ୍ୱତ ସମିତି ସିନାପାଲି ଆନୁକୂଲ୍ୟରେ ନୂଆବର୍ଷ ଉପଲକ୍ଷେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ କବିତା ଆସରରେ ଗଙ୍ଗାଧର ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ରବୀନ୍ଦ୍ରନାଥ ଯୋଷୀ ଓ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ହୃଦାନନ୍ଦ ମେହେର ଯୋଗଦେଇଥିଲେ। କବିତା ଆସରରେ ଅଞ୍ଚଳର ବହୁ ସାହିତ୍ୟ ପ୍ରେମୀ, ଲେଖକ ଯୋଗଦାନ କରି ସ୍ୱରଚିତ କବିତା ପାଠ କରିଥିଲେ।





କବିତା ଆସରରେ ଯୋଗଦେଇଥିବା କବିମାନେ।

# ମକର ଉତ୍ସବ ପାଳିତ

**ଜୟପାଟଣା,୧୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକ୍ ଅନ୍ତର୍ଗତ ମହୁଲପାଟଣା ପଞ୍ଚାୟତ ମହୁକମା ନିକଟ ଇନ୍ଦ୍ରାତବୀ ଜଳ ଭଣ୍ଡାର କୂଳରେ ଯୋଗ ବେଦାନ୍ତ ସେବା ସମିତି ଆନୁକୁଲ୍ୟରେ ମକର ଉତ୍ସବ ପାଳିତ ହୋଇଯାଇଛି । ଅହମହଦାବାଦସ୍ଥିତ ଛତିଶ ଭାଇଙ୍କ ଗୀତା ଓ ଭାଗବତ ପ୍ରବଚନ ପରେ ଭଜନ କର୍ତ୍ତୀନ ସହ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ଦୁଇ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ସମସ୍ତ ବନବାସୀଙ୍କୁ ଅର୍ଣ୍ଣ ଦାନ କରାଯାଇଥିବା ବେଳେ ଛଅ ଶହ ଗରିବ ମହିଳା ଓ ପୁରୁଷ ବନବାସୀଙ୍କୁ ଶୀତବସ୍ତ୍ର ଖାଦ୍ୟ ସାମଗ୍ରୀ ଆଦି ପ୍ରଦାନ କରାଯାଇଥିଲା। ଜୟପାଟଣା ଓ ଲଡୁଗାଁ ଶାଖା ପରିଚାଳନା ଦାୟିତ୍ୱ ନେଇଥିଲେ।

# ଧବଳେଶ୍ୱର କ୍ରିକେଟ : ଭବାନୀପାଟଣା ବିଜୟୀ

**ମୋହନଗିରି,୧୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଚାଲିଥିବା ଧବଳେଶ୍ୱର କ୍ରୀଡା ଓ ସାଂସ୍କୃତିକ ଅନୁଷ୍ଠାନର ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପଞ୍ଚମ ଲିଗ୍ ମ୍ୟାଚରେ ବାଲିଗୁଡାକୁ ହରାଇ ଭବାନୀପାଟଟଣା ବିଜୟୀ ହୋଇଛି । ବାଲିଗୁଡା ଦଳ ପ୍ରଥମେ ବ୍ୟାଟିଂ କରି ୯୨ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଭବାନୀପାଟଣା ୪ ଉଇକେଟରେ ନିର୍ଦ୍ଧାରିତ ରନ କରି ବିଜୟ ହୋଇଥିଲା। ୨୭ ରନ ଓ ୩ ଉଇକେଟ ନେଇଥିବା ଭାବାନୀପାଟଣା ଦଳର କରୁଣାକର ମାଝିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା। ମ୍ୟାଚରେ ଅମ୍ପିୟାର ଭାବେ ସତ୍ୟ ମାହାପାତ୍ର ଓ ସତ୍ୟମ୍ ହୋତା ଖେଳ ପରିଚାଳନା କରିଥିବା ବେଳେ ଧାରାବିବରଣୀରେ ସ୍ୱପ୍ନେଶ୍ୱର କର୍ମୀ, ସ୍କୋର ବୋର୍ଡରେ ଚନ୍ଦ୍ରଭାନୁ ବେହେରା ଦାୟିତ୍ୱ ତୁଲାଇଥିଲେ। ୧୮ ତାରିଖରେ ଟୁର୍ନାମେଣ୍ଟର ଷଷ୍ଠ ଲିଗ ମ୍ୟାଚ ସମ୍ବଲପୁର ଓ ବଲାଙ୍ଗୀର ମଧରେ ଅନୁଷ୍ଠିତ ହେବ।

# ଏଲ୍‌ଇଡି ବଲ୍‌ବ ବଣ୍ଟନ

**ଜୁନାଗଡ,୧୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ପଞ୍ଚାୟତରେ ଗୁରୁବାର ଏଲଇଡି ବଲବ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ଶହେ ଜଣେ ରାଶନ କାର୍ଡ ହିତାଧିକାରୀଙ୍କୁ ୪ଟି ଲେଖାଏଁ ଏଲଇଡି ବଲବ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ପିଇଓ ନେତ୍ରାନନ୍ଦ ସାହୁ, ଯୋଗାଣ ସହାୟକ ସ୍ୱୟମ୍ବର ବଣିଆ, ୟୁଥ୍ ସାନ୍ତନୁ ବଣିଆ, ସ୍ଥାନୀୟ ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ ସମେତ ସମସ୍ତ ୱାର୍ଡ ସଦସ୍ୟ ଉପସ୍ଥିତ ରହିଥିଲେ।



ମହିଚଲା ସରପଞ୍ଚ ଜଣେ ହିତାଧିକାରୀଙ୍କୁ ବଲବ ବଣ୍ଟନ କରୁଛନ୍ତି।

# ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ଘର ଜଳିଗଲା

### ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

**କୋକସରା,୧୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡହଗାଁ ଗ୍ରାମରେ ଗୁରୁବାର ସକାଳେ ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗି ଘର ଜଳି ଯାଇଥିବା ବେଳେ ପରିବାର ଲୋକେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ।
ଗ୍ରାମର ମହେଶ୍ୱର ଭରତିଆଙ୍କ ସାନପୁଅ ତୁଲସିରାମଙ୍କ ସ୍ତ୍ରୀ ସକାଳେ ଚା କରିବା ପାଇଁ ଗ୍ୟାସ ଚୂଲା ଜାଳିବା ବେଳେ ହଠାତ୍ ସିଲିଣ୍ଡରରୁ ନିଆଁ ଲାଗି ବ୍ୟାପି ଯାଇଥିଲା । ଜୀବନ ବିକଳରେ ପରିବାରର ୬ ସଦସ୍ୟ ଘରୁ ପଦାକୁ ବାହାରି ଆସି ପାଟି କରିଥିଲେ । ସାହିପଡିଶାକୁ ଡାକିବା ସହ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। କୋକସରା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ତୁରନ୍ତ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଏହା ମଧ୍ୟରେ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏହା ସହ ଘରେ ଥିବା ଆସବାବପତ୍ର, ଧାନ, ଚାଉଳ, କପଡା ଓ ନଗଦ କିଛିଟଙ୍କା ମଧ ପୋଡି ଯାଇଥିବା ଜଣାପଡିଛି। ମହେଶ୍ୱର ସିଲେଇ କାମକରି ଘର ପ୍ରତିପୋଷଣ କରୁଥିବା ବେଳେ ଘର ସହ ସମ୍ପତ୍ତି ନଷ୍ଟ ପରେ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡିଛନ୍ତି। ଏହି ବେସାହାରା ପରିବାରକୁ ଆର୍ଥିକ ସାହାଯତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।



ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି ।

# ମକରମେଳା, ଷୋହଳ ପ୍ରହର ନାମଯଜ୍ଞ

**ପଲମ,୧୭।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଭୀମକେଲା ପଞ୍ଚାୟତସ୍ଥିତ ଭିମକେଲା ସାନ୍ଦୁଲନଦୀ ତଟରେ ଥିବା ରାମେଶ୍ୱର ମହାଦେବ ଓ ରାମଚଣ୍ଡି ପୀଠରେ ମକର ମେଳା ପାଳନ ସହ ଷୋହଳ ପ୍ରହର ନାମଯଜ୍ଞ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ପାଳିତ ହୋଇଯାଇଛି । ୧୪ ବର୍ଷ ହେଲା ଏହି ପୀଠରେ ମକର ମେଳା ଓ ନାମଯଜ୍ଞ ପାଳିତ ହୋଇଆସୁଛି। ପୂଜକ ଭାବେ ଲଳିତ ଥନାପତି ପୂଜାର୍ଚ୍ଚନା କରିଥାନ୍ତି। ମନ୍ଦିର ତଥା ଅନ୍ୟାନ୍ୟ ଦେବୀଙ୍କ ପୂଜା କାର୍ଯ୍ୟ କରିବା ପାଇଁ କର୍ତ୍ତା ଭାବେ ରାଘବ ମାଝି, ଉଗ୍ରେସନ ଭୋଇ, ଅଞ୍ଚଳ ସାହୁ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ଷୋହଳ ପ୍ରହର ନାମଯଜ୍ଞରେ କର୍ତ୍ତା ଭାବେ ଲିଙ୍ଗରାଜ କରୁଆଁ, ସପୁର କରୁଆଁ ପୂଜା କାର୍ଯ୍ୟ ତୁଲାଇଛନ୍ତି । ପ୍ରହରୀ ପୂଜକ ଭାବେ ବିଷ୍ଣୁ ପଣ୍ଡା ରହିଥିବା ବେଳେ ଜପକ ଭାବେ ଗୌରଚନ୍ଦ୍ର ମିଶ୍ର ଓ ପାଠକ ଭାବେ ଗୋପବନ୍ଧୁ ବେହେରା ପୂଜା କାର୍ଯ୍ୟ କରିଥାନ୍ତି । ନାମଯଜ୍ଞରେ ୯ଟି ସଂକିର୍ତ୍ତନ୍ୟ ଦଳକୁ ନେଇ ଯଜ୍ଞ ଆରମ୍ଭ କରାଯାଇଥିଲା । ମକର ମେଳା ଓ ପ୍ରହରୀ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସଭାପତି ଜପରାମ କରୁଆଁ, ସମ୍ପାଦକ ରୋହିତ ସ୍ୱାଇଁ, କୋଷାଧ୍ୟକ୍ଷ ସନ୍ତୋଷ ସା, ଉପସଭାପତି ଅର୍ଜ୍ଜୁଭାଟି ପ୍ରମୁଖ ଅନେକ ଭକ୍ତ ସାମିଲ ହୋଇ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିଥାନ୍ତି ।



ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୧୮ ଜାନୁୟାରୀ, ୨୦୧୯



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### କୋସଲ ରାଜ୍ୟ ପାଇଁ ଆରମ୍ଭ ହେଲା ବରିଷ୍ଠ ନାଗରିକ ୱାର୍ଡ ଅଭିଯାନ

**ବଲାଙ୍ଗୀର ଅଫିସ, ୧୭।୧:** ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ ପାଇଁ ବିଭିନ୍ନ ବର୍ଗ ଓ କ୍ଷେତ୍ରରେ ଆନ୍ଦୋଳନକୁ ତ୍ୱରାନ୍ୱିତ କରାଯାଉଛି। ବିଭିନ୍ନ ୱାର୍ଡରେ ବରିଷ୍ଠ ନାଗରିକମାନଙ୍କୁ ନେଇ କମିଟି ଗଠନ ଓ ସ୍ୱତନ୍ତ୍ର କୋସଲ ରାଜ୍ୟ ଗଠନ ଆନ୍ଦୋଳନରେ ଯୋଡିବା ଅଭିଯାନ ଗୁରୁବାର ଠାରୁ ଆରମ୍ଭ ହୋଇଛି। ବଲାଙ୍ଗୀର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୬ର ବରପାଲିପଡାଠାରେ ବରିଷ୍ଠ ନାଗରିକ ଗୋପଭୂଷଣ ନାଥଙ୍କ ସଭାପତିତ୍ୱରେ ତଥା ଅଭିଯାନ ଆବାହକ ମନୋରଞ୍ଜନ ମିଶ୍ରଙ୍କ ଆବାହକତ୍ୱରେ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କୋସଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁ ଯୋଗଦେଇ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ମାର୍ଚ୍ଚ ମାସ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ଏକ ଜିଲାସ୍ତରୀୟ ସମ୍ମିଳନୀ ବଲାଙ୍ଗୀରରେ ପ୍ରଥମ କରି ଆୟୋଜନ କରିବା ପାଇଁ ସେ ମତ ଦେଇଥିଲେ। ଷ୍ଟିୟରିଂ କମିଟି ବରିଷ୍ଠ ସଭ୍ୟ ନରେଶ ଚନ୍ଦ୍ର ଦାଶ, ବାଦଲ ମହାକୁଡ, କୃଷ୍ଣଚନ୍ଦ୍ର ନାଥ, ସତ୍ୟ ନାରାୟଣ ନନ୍ଦ, ଭକ୍ତଚରଣ ମିଶ୍ର, ସୁରେନ୍ଦ୍ର କୁମାର ସରାଫ, ଭାଗବତ ହୋତା ଓ ରମେଶ ଚନ୍ଦ୍ର ନାଥ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏହି ୱାର୍ଡରେ ଶତାଧିକ ସଭ୍ୟ ସଂଗ୍ରହ କରି ଅଲଗ କୋସଲ ରାଜ୍ୟ ଆନ୍ଦୋଳନ ପାଇଁ ସମସ୍ତ ପ୍ରକାରର ସହଯୋଗ କରିଯିବ ବୋଲି ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଥିଲା।

#### ନିଆଁରେ ପୋଡି ମହିଳାଙ୍କୁ ହତ୍ୟା ଘଟଣା

### ସ୍ୱାମୀଙ୍କ ସହ ଶାଶୁ, ନଣନ୍ଦ ଗିରଫ

ଡୁଙ୍ଗୁରିପାଲି, ୧୭।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟପାଲି ଗ୍ରାମରେ ଜଣେ ବିବାହିତ ମହିଳାଙ୍କୁ ନିଆଁରେ ପୋଡି ମାରିଦେବା ଅଭିଯୋଗରେ ଡୁଙ୍ଗୁରିପାଲି ପୋଲିସ ଗୁରୁବାର ୩ଜଣଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ମୃତା ମହିଳା ବାସନ୍ତୀଙ୍କ ସ୍ୱାମୀ ଜଳନ୍ଧର ମେହେର, ଶାଶୁ ଲକ୍ଷ୍ମୀ ମେହେର ଓ ନଣନ୍ଦ ଚନ୍ଦ୍ରମା ମେହେର। ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଗୁରୁବାର ସକାଳେ ବଲାଙ୍ଗୀରରୁ ଆସିଥିବା ସାଇଣ୍ଟିଫିକ ଟିମ୍ ଖୁଣ୍ଟପାଲିରେ ପହଞ୍ଚି ମୃତାଙ୍କ ଘର ଛାନଭିନ କରିବା ସହ ପୋଡାଜଳାର ନମୁନା ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ, ଖୁଣ୍ଟପାଲି ଗ୍ରାମର ଧର୍ମୁ ମେହେରଙ୍କ ସାନ ପୁଅ ଜଳନ୍ଧର ୨୦୧୫ ମେ ମାସରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ରେଙ୍ଗାଲି ଗ୍ରାମର ମୁରଲୀ ମେହେରଙ୍କ ଝିଅ ବାସନ୍ତୀଙ୍କୁ ବିବାହ କରିଥିଲେ। ଅଧିକ ଯୌତୁକ ଆଣିବା ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପ୍ରାୟ ଗଣ୍ଡଗୋଳ ଲାଗି ରହିଥିଲା। ଏନେଇ ଝିଅ ଘର ଲୋକଙ୍କ ହସ୍ତକ୍ଷେପ ପରେ ସେମାନେ ଏକତ୍ର ରହୁଥିଲେ। ବର୍ତ୍ତମାନ ତାଙ୍କର ଏକ ଅଢେଇ ବର୍ଷର ଝିଅ ଅଛନ୍ତି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବାସନ୍ତୀଙ୍କୁ ଗୁରୁତର ଅବସ୍ଥାରେ ଶାଶୁ ଘର ଲୋକେ ଡୁଙ୍ଗୁରିପାଲି ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାପଘର ଲୋକେ ଡାକ୍ତରଖାନାରେ ପହଞ୍ଚିଥିବା ବେଳେ ବାସନ୍ତୀ ନିଆଁରେ ପୋଡି ମୃତ୍ୟୁ ଘଟିଥିବା ଶାଶୁଘର ଲୋକେ କହିଥିଲେ।

#### ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

# କୃଷିର ଉନ୍ନତି ହେଲେ ଅର୍ଥନୈତିକ ପ୍ରଗତି ହେବ

**ବଲାଙ୍ଗୀର ଅଫିସ, ୧୭।୧**



ବଲାଙ୍ଗୀର ଟାଉନ୍ ହଲଠାରେ ଅନୁଷ୍ଠିତ ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଉଠାଜଳସେଚନ ବିଭାଜନ ତରଫରୁ ସ୍ଥାନୀୟ ଟାଉନ ହଲଠାରେ ଗୁରୁବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶିଷ କୁମାର ପାଟଯୋଷୀ, ମୁଖ୍ୟବକ୍ତା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ଆଶିଷ କୁମାର ଦାଶ, ଭୂତତ୍ତ୍ୱବିତ୍ ଅନନ୍ତ କୁମାର ଆଚାର୍ଯ୍ୟ, ଜିଲା କୃଷି ଅଧିକାରୀ ହିମାଂଶୁ ଶେଖର ପାଢ଼ୀ, ଜିଲା ଉଦ୍ୟାନ ବିଭାଗ ଅଧିକାରୀ କେଶବ ଚନ୍ଦ୍ର ମିଶ୍ର ଯୋଗଦାନ କରିଥିଲେ । ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସ୍ନେହାଂଶୁ କୁମାର ପାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ପାଣିପଞ୍ଚାୟତ ପକ୍ଷ ପାଳନ ଅବସରରେ କୃଷି ସୁପରିଚାଳନା ଓ ଜଳର ସୁବିନିଯୋଗ ବିଷୟରେ ଆଲୋଚନା କରାଯାଇଥିଲା । ଅତିଥିମାନେ ବୈଜ୍ଞାନିକ ପଦ୍ଧତିରେ ଚାଷ ଓ ଜଳ ପରିଚାଳନା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବଲାଙ୍ଗୀର ଭଳି ମରୁଡି ପ୍ରପୀଡିତ ଜିଲାରେ ଉଠା ଜଳସେଚନ ମାଧ୍ୟମରେ କୃଷିର ଉନ୍ନତି ଓ ଅର୍ଥନୈତିକ ଅଗ୍ରଗତି କରାଯାଇପାରିବ ଓ ଏଦିଗରେ ଉଠା ଜଳସେଚନ ବିଭାଗ ଅନେକାଂଶରେ ସଫଳ ହୋଇଛି ବୋଲି ଅତିଥିମାନେ କହିଥିଲେ । କୃଷକମାନଙ୍କୁ ସୁପରାମର୍ଶ ଓ କୃଷିବିଭାଗ, ଉଠାଜଳସେଚନ ବିଭାଗ ଓ ବିଜୁଳି ବିଭାଗର ସମନ୍ୱୟରେ ଚାଷୀମାନେ ସୁଫଳ ପାଇପାରିବେ ବୋଲି କୁହାଯାଇଥିଲା । ଏହି ପକ୍ଷ ପାଳନ ପରିପେକ୍ଷୀରେ ପାଣି ପଞ୍ଚାୟତ ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ଏବଂ ଏକାଭିମୁଖତା କାର୍ଯ୍ୟକ୍ରମ ସମ୍ପାଦନ ବିଷୟରେ ସ୍ଥାନୀୟ ରାମଗୋପାଳ ହିନ୍ଦୀ ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । କୁଶଙ୍ଗ ଗାଁର ଚାଷୀ ପ୍ରତିନିଧି ରବିଚନ୍ଦ୍ର ସାହୁ, ମାୟାବର୍ହା ଗାଁର ପ୍ରତିନିଧି ପ୍ରଫୁଲ୍ଲ ବାରିକ କରିଥିବା ପ୍ରଶ୍ନ ଉପରେ କୃଷି ବିଶେଷଜ୍ଞ ଉତ୍ତର ରଖିଥିଲେ । ବିଭାଗୀୟ ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ନାଏକ ଧନ୍ୟବାଦ ଦେଇଥିଲେ ।

#### ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ:

### ୱାର୍ଡମେମ୍ବର ସଂଘର ଧାରଣା

**ବଲାଙ୍ଗୀର ଅଫିସ, ୧୭।୧**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଚାଲିଥିବା ଆନ୍ଦୋଳନକୁ ଗୁରୁବାର ଦେଢ଼ମାସ ପୂରିଛି । ଗୁରୁବାର ଜିଲା ଗ୍ରାମପଞ୍ଚାୟତ ୱାର୍ଡମେମ୍ବର ସଂଘର ସଦସ୍ୟମାନେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧାରଣାରେ ସଂଘ ସଭାପତି ଦ୍ୱିଜ ଦଳପତି ଉଦ୍‌ବୋଧନ ଦେଇ ଦାବି ହାସଲ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ । ହରି ନନ୍ଦ, ରଘୁନାଥ ମୁଗ୍ରୀ, ନଟୁ ମାଝି, ନୃତ୍ୟ କୁଅଁର, ରାଜୁ କାଲସାଏ ଓ ବେଣୁଧର ବାରିକ ଉଦ୍‌ବୋଧନ ଦେଇ ଆନ୍ଦୋଳନକୁ ସମର୍ଥନ କରିଥିଲେ । ଜିଲା ଓକିଲ ସଂଘର ସରୋଜ ଗୁପ୍ତା, ଭବାନୀ ଶଙ୍କର ଶତପଥି, ଅଶୋକ ରାଉତ୍, ସ୍ୱର୍ଣ୍ଣଭୂଷଣ ସାହୁ, ନିହାର ଆଚାର୍ଯ୍ୟ, ରତନ ମହାରଣା, ଆଶିଷ ଦର୍ଜୀ, ପ୍ରମୋଦ ତ୍ରିପାଠୀ, ଅଗ୍ନିବିନ୍ଦାକ୍ଷ ପୂଜାରୀ, ଅନନ୍ତ ବିଶ୍ୱାଳ ଉପସ୍ଥିତ ଥିଲେ ।

#### ସାମାଜିକ ସୁରକ୍ଷା ଯୋଜନା ବାଟବଣା

### ଭତାରୁ ବଞ୍ଚିତ ଭିନ୍ନକ୍ଷମ ବୁରୁଧି ଫେପଲ

**ଖପ୍ରାଖୋଲ, ୧୭।୧ (ଡି.ଏନ.ଏ.)**



ଭିନ୍ନକ୍ଷମ ଫେପଲ ଛତ୍ରିଆ।

ସରକାର ୬୦ ବଛରରୁ ଅଧିକା ବୁଢ଼ାବୁଢ଼ୀକୁ ସାମାଜିକ ସୁରକ୍ଷା ଯୋଜ୍‌ନାରେ ଭତା ଯୁଗେଇ ଦେଉଛନ୍। ସେନ୍‌ତା ଭିନ୍ନକ୍ଷମ, ବିଧବା ମହିଲାମାନକର ଲାଗି ଭିନେ ଭିନେ ପରକାର ବେବସ୍‌ତା କରିଛନ୍। ହେଲେ ଇ ଯୋଜ୍‌ନାରେ ହିତାଧିକାରୀ ବଛାନିଛାରେ ବଡ଼ଭାରି ଗଫଲତି ଲାଗି ହକ୍‌ଦାର ହିତାଧିକାରୀ ଯୋଜ୍‌ନାରୁ ବାଦ୍ ପଡୁଥିବାର ଅଭିଯୋଗ ହେଉଛେ। ଏନ୍‌ତା ଗୁଟେ ଉଦାହରନ ଦେଖବାକେ ମିଲିଛେ ଖପ୍ରାଖୋଲ ବ୍ଲକ ତେଲେନପାଲି ଗାଁର ଫେପଲ ଛତ୍ରିଆ(୬୬)କଁର କ୍ଷେତ୍‌ରରେ। ଫେପଲ ଝନେ ଭିନ୍ନକ୍ଷମ, ଶାରୀରିକ ସ୍ତରରେ ସେ ଅକ୍ଷମ ହେଇଥିଲା ବେଲେ ଜନ୍‌ମୁ କଥା ବି କହି ନାଇଁ ପାରବାର। ହେଲେ ଦୁଖର କଥା ଆଏଜ୍‌ତକ୍ ସେ ଭିନ୍ନକ୍ଷମ, ବୁଢ଼ାବୁଢ଼ୀ ଭତା ପାଏବାରୁ ବଁଚିତ ହେଇ ରହିଛନ୍। ବହୁତ ଥର ଗାଁରେ ହେଉଥିବାର ପଲ୍ଲିସଭା, ଗ୍ରାମସଭାରେ ନାଁ ଲେଖେଇ, ଫର୍ମ ଭରି ବ୍ଲକକେ ଦେଇଛନ୍। ହେଲେ ଆଏଜ୍‌ତକ୍ ତାହାକୁ ଭତା ନୁହେ ମିଲେ ବଲି ତାକର ମାଏକିନା ସପୁର ଛତ୍ରିଆ(୬୧) ଅଭିଯୋଗ କରିଛନ୍। ଆଧାର କାର୍ଡ ଅନ୍‌ସାରେ ଏହେଦେ ଫେପଲକଁର ବଏସ ୬୬ ବଛର ହେଇଥିଲା ବେଲେ ଭିନ୍ନକ୍ଷମ ଭତା ପାଏବାର ଲାଗି ବଏସର କିଛି ସୀମା ନାଇଁନ। ହେଲେ ସେ ଯୋଜ୍‌ନାରୁ ବାଦ୍ ପଡ଼ିଛନ୍। ଯେନ୍‌ଟା କି ସରକାରକଁର ସାମାଜିକ ସୁରକ୍ଷା ଯୋଜନା ଉପରେ ଗୁଟେ ପ୍ରଶ୍ନବାଚୀ ସୁରୁଷ୍ଟି କରୁଛେ। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣୀ ସୁନାକୁଁ ପଚରାଲାରୁ ଘଟଣାର ତଦଁତ କରି ପଦକ୍ଷେପ ନିଆଯିବା ବଲି ସେ କହିଛନ୍।

# ସିଆର୍‌ପିଏଫ୍‌ର ଜନସମ୍ପର୍କ କାର୍ଯ୍ୟକ୍ରମ

**ଖପ୍ରାଖୋଲ, ୧୭।୧(ଡି.ଏନ.ଏ.)**



ସ୍କୁଲ ପିଲାଙ୍କୁ ବ୍ୟାଗ ପ୍ରଦାନ କରାଯାଉଛି।

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଏବଂ ଘୁନସରଠାର ସିଆରପିଏଫ୍ ତରଫରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନାନ୍ଦୁପଲା ଆୟୁର୍ବେଦିକ ଡାକ୍ତରଖାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହରିଶଙ୍କରଠାରେ ଅବସ୍ଥାପିତ ଡି/୧୮୯ ବାଟାଲିଅନ୍ ଆଶିଷ୍ଟାଣ୍ଟ କମାଣ୍ଡାଣ୍ଟ ସନ୍ତୋଷ କୁମାର ସିଂ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କମାଣ୍ଡାଣ୍ଟ ଯୁଗେଶ ସିଂ ମୌର୍ଯ୍ୟ, ସମ୍ମାନିତ ଅତିଥି ଡି.ସି.ଏସ୍ ସୁରେଶ୍, ଇନ୍ସପେକ୍ଟର ସରୋଜ କୁମାର କଲେତ୍, ଭାନପୁର ସରପଞ୍ଚ ତ୍ରିନାଥ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୮୩ଟି କମ୍ବଳ, ୨୮ଟି ସୋଲାର ଲାଇଟ, ୬୮ଟି ଆଲିମୁନିୟମ ଓ ଷ୍ଟିଲ ବାସନ ସେଟ୍, ୮୩ଟି ସ୍କୁଲ ବ୍ୟାଗ, ପଢିବା ଉପକରଣ ସହିତ ୪ଟି ଗାଁର ଯୁବକମାନଙ୍କୁ ଖେଳ ଉପକରଣ ବଣ୍ଟନ କରିଥିଲେ । ସେହିପରି ଡା. ସୁରଜ ଦୀପ, ଫାର୍ମାଶିଷ୍ଟ ଅମ୍ବରିସ୍ ସ୍ୱାଇଁ, ଗଣପତି ବେହେରା ପ୍ରମୁଖ ଯୋଗଦେଇ ଶିବିରରେ ୧୫୦ ଜଣଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରିଥିଲେ । ସେହିପରି ଏ/୧୮୯ ବାଟଲିଅନ ଖପ୍ରାଖୋଲ ତରଫରୁ ଘୁନସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜନସମ୍ପର୍କ କାର୍ଯ୍ୟକ୍ରମରେ କମ୍ବଳ, ବାସନ, ଖେଳ ଉପକରଣ, ସୋଲାର ଲାଇଟ, ସ୍କୁଲ ବ୍ୟାଗ ବଣ୍ଟନ ସହିତ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଶିବିରରେ ସିଆରପିଏଫ୍ ଅଧିକାରୀଙ୍କ ସହିତ ସରପଞ୍ଚ କପିଳ ବୁଡେକ, ପୂର୍ବତନ ସରପଞ୍ଚ ମୋହନ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

# ୧୦ମ ଦିନରେ ଲୋୟର ସୁକତେଲ ପ୍ରକଳ୍ପ ବଞ୍ଚାଅ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୧୭।୧**

ଭିଲେଜର୍ସ ଇଣ୍ଡିଆପାର୍ଟି, ଆଦିବାସୀ ଅଧିକାର ମହାସଂଘ, ଆଦିବାସୀ, ଦଳିତ ପଛୁଆ ବର୍ଗ ଓ ସଂଖ୍ୟାଲଘୁ ଏକତା ପରିଷଦ, ପଶ୍ଚିମ ଓଡିଶା ଲକ୍ଷେ ଘର ଗଣ୍ଡା ସମାଜ ବିକାଶ ମହାସଂଘ, ପ୍ରାଉଟିଷ୍ଟ ବ୍ଲକ ଅଫ୍ ଇଣ୍ଡିଆ ମିଳିତ ଉଦ୍ୟମକ୍ରମେ ଲୋୟର ସୁକ୍‌ତେଲ ପ୍ରକଳ୍ପ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଦଶମ ଦିନରେ ପହଞ୍ଚିଛି । ବିସ୍ଥାପିତ ହେବାକୁ ଥିବା ଜନସାଧାରଣଙ୍କୁ ୨୦୧୩ ଭୂମି ଅଧିଗ୍ରହଣ ଆଇନ୍ ଅନୁଯାୟୀ ଶୀଘ୍ର ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନେ କରାଯିବା ସହ ଶୀଘ୍ର ପ୍ରକଳ୍ପ କାମ ଶେଷ କରିବା ଉଦ୍ଦେଶ୍ୟରେ ଆନ୍ଦୋଳନକାରୀମାନେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲୋୟର ସୁକତେଲ ପ୍ରକଳ୍ପ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଭିଆଇପି ଅଧ୍ୟକ୍ଷ ଡ. ବିପିନ କୁଶୁଲିଆ, ଆଦିବାସୀ ଅଧିକାର ମହାସଂଘ ଅଧ୍ୟକ୍ଷ ଦ୍ୱିଜ ଦଳପତି, ଆଦିବାସୀ, ଦଳିତ, ପଛୁଆବର୍ଗ ଓ ସଂଖ୍ୟାଲଘୁ ଏକତା ପରିଷଦ ଅଧ୍ୟକ୍ଷ ରାତୁ କାଲସାଏ, ସଦାଇପାଲି ୱାର୍ଡମେମ୍ବର ମୀନା ସାଏ, ଦ୍ରୋପଦୀ ସେଠ, ଲମ୍ବୋଦର ସାଏ, ସୁକାନ୍ତ ନନ୍ଦ, ହରିନନ୍ଦ, ରୂପେଶ ନାଗ, ନବଲତା ସେଠ, ବୀରେନ୍ଦ୍ର ପଟେଲ, ଶୈଳେନ୍ଦ୍ର ପଟେଲ, ଗୀତାରାଣୀ ପଟେଲ, ମୁକ୍ତା ସାଏ ଧାରଣାରେ ଯୋଗଦେଇଛନ୍ତି । ଡ. କୁଶୁଲିଆ ଲୋୟର ସୁକତେଲ ପ୍ରକଳ୍ପ ବଞ୍ଚାଇବାକୁ ହେବ ଓ ବିସ୍ଥାପିତ ଲୋକଙ୍କୁ ସରକାର ଶୀଘ୍ର ଥଇଥାନ କରିବାକୁ ଦାବି କରିଥିଲେ । ଏହି ପ୍ରକଳ୍ପ ବଲାଙ୍ଗୀରର ଜିଲାର ଭାତହାଣ୍ଡି ହେବ ବୋଲି ସେ କହିଥିଲେ ।



ଜୟ ଜଗନ୍ନାଥ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଦିବସରେ ଖେଳାଳିଙ୍କ ସହ ଅତିଥି ବୃନ୍ଦ।

## ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ: ମୁରସିଂ ବିଜୟୀ

**ଦେଓଗାଁ, ୧୭।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଶିରାବାହାଲରେ ଗୁରୁବାର ଷଷ୍ଠବର୍ଷ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ଜୟଜଗନ୍ନାଥ ଫୁଟବଲ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ମୁରସିଂ ଓ ଜରାସିଂହା ଡେଞ୍ଜର ଇଲେଭେନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ୩–୧ଗୋଲରେ ମୁରସିଂ ଦଳ ବିଜୟୀ ହୋଇଥିଲା । ଖେଳକୁ ମଣି ଧରୁଆ ଓ ସୁରେନ୍ଦ୍ର ଭୋଇ, ଭୁବନେ ଭୋଇ ପରିଚାଳନା କରିଥିଲେ । କମିଟି ସଭାପତି ସୁରେନ୍ଦ୍ର ସିଂ ଭୋଇଙ୍କ ସଭାପତିତ୍ୱ ତଥା ବୀରେନ୍ଦ୍ର କୁମାର ପୋଢ଼ଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୁରେଶ କୁମାର ମେହେର, ସମ୍ମାନୀତ ଅତିଥି ସ୍ଥାନୀୟ ସରପଞ୍ଚ କାହ୍ନୁଚରଣ ମେହେର, ବ୍ଲକ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ବହିଦାର ଫୁଟବଲ ଖେଳାଳି ଅକ୍ଷୟ ମେହେର, ସୁନ୍ଦରମଣୀ ଦଣ୍ଡସେନା ପ୍ରମୁଖ ଯୋଗଦେଇଥିଲେ।। ଟୁର୍ନାମେଣ୍ଟ ପରିଚାଳନାରେ ସ୍ୱାଧିନ ମାଝୀ, ରିଙ୍କୁ ମାଝୀ, ଆନନ୍ଦ ଲୁହୁରା, ବିଭୂତି ଧରୁଆ, ସୁଶାନ୍ତ ଭୋଇ,ରିଙ୍କୁ ବିଶ୍ୱାଳ ପ୍ରମୁଖ ସହଯୋଗ କରୁଛନ୍ତି ।

#### ମଲମୁଣ୍ଡା ପଞ୍ଚାୟତ ହାଇସ୍କୁଲ ବାର୍ଷିକ କ୍ରୀଡା

## ଗୋପାଳ, ବିଶ୍ୱନାଥ ବାଳକ, ଶିବାନୀ ବାଳିକା ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୧୭।୧**



ମଲମୁଣ୍ଡା ହାଇସ୍କୁଲ ପଡିଆରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ଉତ୍ସବରେ ମଞ୍ଚାସୀନ ଅତିଥି ।

ପୁଇଁନ୍ତଲା ବ୍ଲକ୍ ଅନ୍ତର୍ଗତ ମଲମୁଣ୍ଡା ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ସ୍କୁଲ ଖେଳପଡିଆରେ ଅନୁଷ୍ଠିତ ହୋଇଥିଲା । ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପୁରୋହିତ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁଇଁନ୍ତଲା ବ୍ଲକ୍ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ମୁଖ୍ୟବକ୍ତାଭାବେ ସ୍କୁଲ ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ମିଶ୍ର ଯୋଗ ଦେଇଥିଲେ। କ୍ରୀଡା ଶିକ୍ଷକ ଦେବୀ ପ୍ରସାଦ ରାଉତ୍ ବାର୍ଷିକ ବିବରଣୀ ପାଠ ସହ କ୍ରୀଡା ପ୍ରତିଯୋଗିତା ପରିଚାଳନା କରିଥିଲେ । ବାଳକ ବିଭାଗରେ ଗୋପାଳ ଚନ୍ଦ୍ର ବାରିକ ଓ ବିଶ୍ୱନାଥ ଭୁଏ ଓ ବାଳିକା ବିଭାଗରେ ଶିବାନୀ ପଧାନ ଚାମ୍ପିୟନ୍ ହୋଇଥିଲେ । କ୍ରୀଡା ପ୍ରତିଯୋଗିତା ପରିଚାଳନାରେ ସନ୍ତୋଷ କୁମାର ମିଶ୍ର, ଅକ୍ଷୟ କୁମାର ପଟେଲ, ସନ୍ତୋଷ କୁମାର ସିଂ, ରୋହିତ କୁମାର ପଟେଲ, କାର୍ତ୍ତିକ ପଟେଲ, ସୁଦେଷ୍ଣା ନାଏକ, ରାଜେନ୍ଦ୍ର ନାଗ, ବିଧୁଭୂଷଣ ବିଭାର, ବିନୋଦ ବିହାରୀ ପଟେଲ ସହଯୋଗ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ କୃତୀ କ୍ରୀଡାବିତ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷକ ପୁରେନ୍ଦ୍ର ପଟେଲ ଧନ୍ୟବାଦ ଦେଇଥିଲେ।।

# ଉପଜିଲାପାଳଙ୍କୁ ଗୁହାରି କଲେ ୨ ବୁରୁଧ

**ଲୋଇସିଂହା, ୧୭।୧(ଡି.ଏନ.ଏ)**



ବୁରୁଧି ତ୍ରିବେଣୀ ଆର କପିଳ ବିଡିଓଙ୍କୁ ଭେଟବାକେ ଆସିଛନ୍ ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପରଧିଆପାଲି ଗାଁର ବୁରୁଧି ତ୍ରିବେଣୀ ଚିରଗୁନ(୬୪), କପିଳ ଲୁହାର(୬୫) ବୁଢ଼ାବୁଢ଼ୀ ଭତା ପାଏବାରୁ ବଁଚିତ ହେଇଛନ୍। ଗୁରୁବାର ସେମାନେ ଉପଜିଲାପାଳ ଭୈରବସିଂ ପଟେଲଙ୍କୁ ଗୁହାରୀ କରବାକେ ଯାଇଥିଲେ। ଉପଜିଲାପାଳକଁର ପରାମର୍ଶ୍ ହିସାବେ ସେମାନେ ଲୋଇସିଂହା ବ୍ଲକକେ ଆସି ବିଡିଓ ରାମଚନ୍ଦ୍ର ଖାଡ଼ିଆକୁଁ ସାକ୍ଷାତ କରିଥିଲେ। ବିଡିଓ ସେମାନକୁ ବହୁତ ଜଲ୍‌ଦି ଇ ଦିଗେ ପଦକ୍ଷେପ ନିଆଯିବା ବଲି କଥା ଦେଇଥିବାର ଜନାଯାଇଛେ। ଜନାଯାଇଛେ ଯେ, ଲୋଇସିଂହା ବ୍ଲକ ଝାରମୁଣ୍ଡା ପଁଚେତ୍ ପରଧିଆପାଲି ଗାଁର ସୁରୁ ଚିରଗୁନକଁର ମାଏକିନା ତ୍ରିବେଣୀ ଚିରଗୁନ ଆର କପିଳ ଲୁହାରକଁର ସମେତ ୮ ଝନ୍ ବୁଢ଼ାବୁଢ଼ୀ ଭତା ପାଏବାର ଲାଗି ଆବେଦନ କରିଥିଲେ। ଇମାନକୁ ବାଦ ଦେଇ ଉନିଆ ୬ ଝନକୁ ଭତା ଦେବାର ଲାଗି ବଛା ଯାଇଥିଲା। ହେଲେ ତ୍ରିବେଣୀ ଆର କପିଳ ନିହାତି ଗରିବ ହେଇଥିଲା ବେଲେ ଭତାରୁ ବାଦ୍ ପଡ଼ଲାକେ ଆଶିରିଯ୍ ହେଇଥିଲେ। ଭାତାରୁ ବଁଚିତ ହେବାର କାରନ୍ ଜାନ୍‌ବାକେ ସେମାନେ ଉପଜିଲାପାଳକୁଁ ପଚରାବାକେ ଯାଇଥିଲେ। ଉପଜିଲାପାଳକଁର ପରାମର୍ଶରେ ସେମାନେ ଲୋଇସିଂହା ବିଡିଓକୁଁ ଭେଟିଥିଲେ, ବୁରୁଧି କପିଳକଁର ନାଁ ତାଲିକାରେ ଥିଲାବେଲେ ବୁରୁଧି ତ୍ରିବେଣୀକଁର ନାଁ ନାଇଁଥିବାର ଜନା ପଡ଼ିଥିଲା। ଆଗ୍‌ରୁ ତ୍ରିବେଣୀ ଅନେକ ଥର ଭତାର ଲାଗି ଆବେଦନ କରିଥିଲେ। ହେଲେ ତାକର ନାଁ ତାଲିକାରେ ନାଇଁଥିବାର କଥାକେ ନେଇ ପୂରବର ସମିତି ସଭ୍ୟ ଧର୍ମରାଜ ସାହୁ ଅସନ୍‌ତୋଷ ପରକାଶ କରିଛନ୍।

# ଫଟାମୁଣ୍ଡା କପ୍ ଫୁଟବଲ : ଝରବାହାଲି ଚାମ୍ପିୟନ

**ଟିକ୍ରାପଡା, ୧୭।୧ (ଡି.ଏନ.ଏ.)**



ଅତିଥିଙ୍କ ଗହଣରେ ଫାଇନାଲ ଖେଳିଥିବା ଦଳର ଖେଳାଳି ।

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧିନ ମେରାବାହାଲ ଫୁଟବଲ ପଡିଆରେ ଚାଲିଥିବା ଫଟାମୁଣ୍ଡା କପ ଫୁଟବଲ ଟର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫଟାମୁଣ୍ଡା ଯୁବଗୋଷ୍ଠୀ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଦେବକାନୀ ଦଳ ଓ ଝରବାହାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବକାନୀ ଦଳକୁ ୧–୦ ଗୋଲରେ ହରାଇ ଝରବାହାଲି ଚାମ୍ପିୟନ ହୋଇଥିଲା । ଦୀପକ ରାଜହଂସ, ଚିତ୍ତରଞ୍ଜନ ପାଣ୍ଡେ ଖେଳ ପରିଚାଳନା କରିଥିଲେ। ମାନସ ରାଉତ, ବାଳଗୋପାଳ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ । ଗୁଲ୍ଲଭ ଭୋଇଙ୍କ ଅଧ୍ୟକ୍ଷତା ଓ ଧ୍ରୁବଲେଶ୍ୱର କଠାରଙ୍କ ସଂଯୋଜନାରେ ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ଆଇନଜୀବୀ ଟୁନୁ ରାଜପଲିଆ, ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ ଅତିଥିଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୭୦୦୦ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୫୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ଦୁଃଖିଶ୍ୟାମ ନାଏକ, ଅକ୍ଷୟ କଠାର, ରାଜୁ ଭୋଇ, ବିବେକ ଭୋଇ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।



ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ,
ସେ ସୁଖ ଅନ୍ୟ କେଉଁଠି ମିଳେନାହିଁ।

- ଭଲଟାୟର



**ସଂକ୍ଷେପରେ**

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଭବାନୀପାଟଣା,୧୭।୧(ଡି.ଏନ.ଏ.) ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବରଗାଁ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ଜୁନାଗଡ ଥାନା ଗୁଞ୍ଜୁଗୁଡାର ବିଚିତ୍ର ଜାନୀ (୩୦)ଙ୍କ ମୃତ୍ୟୁ ଘଟିଛି। ବିଚିତ୍ର ଏକ ବାଇକ (ନଂ.ଓଡି୦୮ବି-୧୨୯୫)ରେ ନିଜ ଘରକୁ ଫେରୁଥିବା ବେଳେ ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ବରଗାଁ ନିକଟରେ ଏକ ଟାଟା ଜେନ ଗାଡି (ନଂ. ଓଡି ୦୮ଏ -୭୫୦୯) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ବିଚିତ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଗୁର୍ଘଟଣା ପରେ ଟାଟା ଜେନ ଫେରାର ହୋଇଯାଇଛି। ଘଟଣାସ୍ଥଳରେ ସଦର ଥାନା ପୋଲିସ ଆଇଆଇସି ପ୍ରଦୀପ ଧରୁଆ ପହଞ୍ଚି ଶବ ଜବତ କରି ଭବାନୀପାଟଣା ଡାକ୍ତରଖାନାକୁ ପଠାଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଜିଲାର ବିଭିନ୍ନ କ୍ଷେତ୍ରରେ ଦକ୍ଷତା ହାସଲ କରିଥିବା ୧୬ ଜଣଙ୍କୁ ସମ୍ମାନିତ

ଭବାନୀପାଟଣା,୧୭।୧(ଡି.ଏନ.ଏ.) ୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରିଥିବା ୧୬ ଜଣ ଯୁବକ ଓ ଯୁବତୀଙ୍କୁ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ଜାତୀୟ ସ୍ତରରେ ହାଇଜମ୍ପ ୧୬ ବର୍ଷରୁ କମ ସ୍ୱର୍ଣ୍ଣ ପଦକ ପାଇଥିବା ସୁମନ୍ତ ସୁନାନି, ଜାତୀୟସ୍ତରରେ ୧୬ ବର୍ଷରୁ କମ ୧୦୦ ମି. ରିଲେ ରନରେ ସ୍ୱର୍ଣ୍ଣପଦକ ପାଇଥିବା ପୂଜା ମେହେର, ଜାତୀୟସ୍ତରରେ ସିଲଭର ପଦକ ପାଇଥିବା ହରି ସାହୁ, କେନ୍ଦ୍ରିୟ ସାହିତ୍ୟ ଏକାଡେମି ଯୁବପୁରସ୍କାର ପାଇଥିବା ଜୟଦ୍ରଥ ସୁନା, ଇଣ୍ଡିଆନ୍ ଇଞ୍ଜିନିୟରିଂ ସର୍ଭିସରେ ପାଇଥିବା ସିର୍ଦ୍ଧାଥ ମିଶ୍ର, ଗୋଟିଏ ଏକର ଜମିରେ ୮୧୬ ପ୍ରକାର ଧାନ ଚାଷ କରିଥିବା ଧର୍ମଗଡର ବସୁଲ ଗ୍ରାମର ଚାଷୀ ମାନସ ସାହୁ, ୨୦୧୮ ଜାତୀୟ ସ୍ତରୀୟ ସ୍କୁଲ କ୍ରୀଡାରେ ଭାଗ ନେଇଥିବା ଲାଞ୍ଜିଗଡ ଏସଏସଡି ସ୍କୁଲର ଛାତ୍ର ମାନସ ମାଝି, ଲାଲୁ ପ୍ରସାଦ ଭୋଇ ଏବଂ ଜୁନାଗଡ ଏସଏସଡି ହାଇସ୍କୁଲର ଛାତ୍ରୀ ସୀତା ସୁନାନି, ରାଜ୍ୟସ୍ତରିୟ ସୁରଭି ବକ୍ତୃତା ପ୍ରତିଯୋଗିତାରେ ରିତା ବାଗ, ରାଜ୍ୟସ୍ତରୀୟ କ୍ରୀକେଟ ୧୪ ବର୍ଷରୁ କମ୍ ଶ୍ରେଷ୍ଠ ବୋଲର୍ ପ୍ରିୟାଲ କୁମାର ସିଂ, ଇଜେଡସିସି ରେ ଓଡିଶାରୁ ପ୍ରତିନିଧି କରୁଥିବା ସଦଶ୍ୟ ପ୍ରବୋଦ ରଥ ଏବଂ ଶିକ୍ଷକ ଜଳେଶ୍ୱର ଦୀପ, ମହୁରି ପତ୍ରିକା ଏବଂ ରାଜ୍ୟସ୍ତରୀୟ ସୁରଭି କୁଇଜରେ ପ୍ରଥମ ହୋଇଥିବା ଲଳିତ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଛି।








ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଗୁରୁବାର ଉଦ୍‌ଯାପିତ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

### ୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଉଦ୍‌ଯାପିତ

# ରଙ୍ଗବେରଙ୍ଗ ଆତସବାଜିରେ ଝଲସିଲା ମଞ୍ଚ

**ନିଶାନ, ଢୋଲ ନୃତ୍ୟ, ରୁପ ଡ୍ୟାନ୍ସରେ ଝୁମିଲେ ଦର୍ଶକ**

ଭବାନୀପାଟଣା,୧୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ୪ ଦିନ ଧରି ଚାଲିଥିବା ୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଗୁରୁବାର ସନ୍ଧ୍ୟାରେ ରଙ୍ଗବେରଙ୍ଗ ଆତସବାଜି ସହିତ ଉଦ୍‌ଯାପିତ ହୋଇଯାଇଛି । ଅତିଥିମାନେ ରେଣ୍ଡୋ ମାଝି ମଞ୍ଚରେ ସ୍ଥାପିତ ମା' ମାଣିକେଶ୍ୱରୀ ଓ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଉଦ୍‌ଯାପନୀ ଦିବସରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଗାଭିଲ ପରାଗ ହର୍ଷଦ, ନୂଆପଡା ଜିଲାପାଳ ପୋମା ଟୁଡୁ ଏବଂ ପିଡିଡିଆରଡିଏ ପ୍ରଶନ୍ନ କୁମାର ଷଡଙ୍ଗୀ ଯୋଗଦେଇଥିଲେ । ଅତିରିକ୍ତ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଉପାଧ୍ୟକ୍ଷ ଶରତ କୁମାର ଶ୍ରୀଚନ୍ଦନ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭିକ ସଙ୍ଗୀତ ନାରାୟଣ ସଦେଇ ସଙ୍ଗୀତ ସ୍କୁଲର କଳାକାରମାନେ ପରିବେଷଣ କରିଥିଲେ । ଅତିଥିମାନେ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ମହୋତ୍ସବ ଦ୍ୱାରା ସଂସ୍କୃତି ଭାବ ବିନିମୟ, ବୁଝାମଣା, ଶାନ୍ତି ଓ ଭାଇଚାରା ହୋଇଥାଏ । ନିଶାନ୍, ମହୁରୀ, ଢ଼ୋଲ ଓ ଘୁମୁରା ଧୀରେ ଧୀରେ ଅବଲୁପ୍ତ ହେବାକୁ ବସିଥିବା ବେଳେ ଲୋକଗୀତ ଓ ଲୋକବାଦ୍ୟ ମଧ୍ୟ ଲୋପ ପାଇବାକୁ ବସିଛି । ପାଶ୍ଚାତ୍ୟ ସଭ୍ୟତାକୁ ଅନୁକରଣ କରି ଆମେ ଭୁଲି ଯାଉଛୁ ଆମର ଐତିହ୍ୟ ସମ୍ପନ୍ନ ସଂସ୍କୃତିକୁ । ଏହି ସଂସ୍କୃତିକୁ ବଞ୍ଚାଇ ରଖିବା ଆମର କେବଳ କର୍ତ୍ତବ୍ୟ ନୁହେଁ ଆମର ଧର୍ମ ମଧ୍ୟ ଅଟେ ବୋଲି ଅତିଥିମାନେ କହିଥିଲେ । ପରେ ପ୍ରତିବର୍ଷ ପରି ଜିଲାର ଏବଂ ଜିଲା ସଂସ୍କୃତି ପରିଷଦ ତରଫରୁ ସମ୍ମାନ ଜନକ କଳାହାଣ୍ଡି ରତ୍ନ ସମ୍ମାନ ବିଶିଷ୍ଟ ନାଟ୍ୟକାର ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ସ୍ୱର୍ଗତ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥଙ୍କୁ ପ୍ରଦାନ କରାଯାଇଛି । ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଜିଲାର ବରପୁତ୍ର ଭାବେ ବିଶିଷ୍ଟ ଚିତ୍ରଶିଳ୍ପୀ ଭବାନୀପାଟଣାର ଅକ୍ଷୟ କୁମାର ପଟ୍ଟନାୟକ, ଭବାନୀପାଟଣା ବ୍ଲକ ଦାଦପୁର ପଞ୍ଚାୟତର ଯମୁନାବାହଲ ଗ୍ରାମର ବିଶିଷ୍ଟ ଫୁଟବଲ ଖେଳାଳିଙ୍କୁ କ୍ରୀଡା କ୍ଷେତ୍ରରେ ଜଗଦୀସ ଚନ୍ଦ୍ର ପ୍ରଧାନ, ଜୟପାଟଣା ବ୍ଲକର ପୋଡାଗୁଡା ଗ୍ରାମର ବିଶିଷ୍ଟ ସାହିତିକ ତଥା ଗାଳ୍ପିକ ଶ୍ରୀନିବାସ ବେହେରାଙ୍କୁ ସାହିତ୍ୟ ଏବଂ ବିଶିଷ୍ଟ ଚାଷୀ ଜୟପାଟଣା ବ୍ଲକର ବିଜମରା ଗ୍ରାମର ସତ୍ୟାନନ୍ଦ ଠାକୁରଙ୍କୁ କୃଷି କ୍ଷେତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଉତ୍ସବର ସ୍ମରଣିକା "କଳାଝରଣ" ଉନ୍ମୋଚିତ ହୋଇଥିଲା । ଉଦ୍‌ଯାପନୀ ଦିବସରେ ପଞ୍ଜାବର ଭାଙ୍ଗଡା, ଆସାମର ବିହୁ, ବେଙ୍ଗଲୋରର ଓଡିଶୀ, ଜମ୍ମୁକାଶ୍ମିରର ରୁପ ଡ୍ୟାନ୍ସ, ଭବାନୀପାଟଣା ଜେକେ ୱାଲ୍ଡ ଲୋକନୃତ୍ୟ, ପ୍ରତିଭାର ସିଙ୍ଗାରି, ମହାବୀର ସାଂସ୍କୃତିକ ଅନୁଷ୍ଠାନର ବଜାସାଲ, କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଲୋକନୃତ୍ୟ ଆଦି ନୃତ୍ୟ ସହିତ ଜିଲା ଓ ଜିଲାବାହାରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳମାନେ ଲୋକ ନୃତ୍ୟ, ସମ୍ବଲପୁରୀ ଆଦି ଲାଲବାହାଦୂରଶାସ୍ତ୍ରୀ ଷ୍ଟାଡିୟମର ଭରପୁର ଦର୍ଶକଙ୍କୁ ମଧ୍ୟରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ପରେ ଆତସବାଜୀ ଏବଂ ଘୁମୁରା, ନିଶାନ, ଢୋଲ, ମହୁରୀ ସ୍ୱର ଭିତରେ ୨୩ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଉଦ୍‌ଯାପିତ ହୋଇଥିଲା । ଖୋଲାଯାଇଥିବା ବିଭିନ୍ନ ଷ୍ଟଲମାନଙ୍କରେ ପ୍ରବଳ ଭିଡ ପରିଲକ୍ଷୀତ ହୋଇଥିଲା।




କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ ଗୁରୁବାର ଉଦ୍‌ଯାପିତ ସନ୍ଧ୍ୟାରେ ଉପସ୍ଥିତ ଅତିଥି ।

## ଧର୍ମଗଡ଼ଠାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଶେଷ



ଧର୍ମଗଡଠାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

ଧର୍ମଗଡ,୧୭।୧(ଡି.ଏନ.ଏ.)

କଳାର ହାଣ୍ଡି..କଳାହାଣ୍ଡି...। କଳାହାଣ୍ଡିର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ମହାନ । ଘୁମୁରା ହେଉଛି ଆମ ସଂସ୍କୃତିର ପ୍ରତୀକ, ଏହା କେବଳ ଏକ ଲୋକ ନୃତ୍ୟ ନୁହେଁ, ଏହି ଘୁମୁରା ସାମ୍ପ୍ରତିକ ପରିସ୍ଥିତି ଉପରେ ବାର୍ତ୍ତା ଦେଇଥାଏ । ସେଥିପାଇଁ କଳାହାଣ୍ଡି ଉତ୍ସବକୁ ଘୁମୁରାର ନାମକରଣ କରାଯାଇଛି । ଧର୍ମଗଡଠାରେ ପାଳନ ହେଉଥିବା ଉତ୍ସବ ପ୍ରତ୍ୟେକ ବର୍ଷ ଏକ ନୂଆ ଚିନ୍ତାଧାରା, ଏକ ନୂଆ ବାର୍ତ୍ତା ନେଇ ଆସିଥାଏ । ଏଠାକାର ଭାଇଚାରା ଅନନ୍ୟ । ସେହିପର ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ଧର୍ମଗଡ ଜିଲା ନିଶ୍ଚିତ ଭାବରେ ଯୁକ୍ତି ସଚଗତ ରହିଛି ବୋଲି କଳାହାଣ୍ଡି ଜିଲା ଧର୍ମଗଡଠାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୧୯ର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ କହିଛନ୍ତି । ଉଦ୍‌ଯାପନୀ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସିଭିଲ ଜଜ୍ ସିନିୟର ଡିଭିଜନ ଅରବିନ୍ଦ ରଥ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ ପ୍ରମୁଖ ଯୋଗଦେଇ ଧର୍ମଗଡ ଉତ୍ସବର ପ୍ରସଂଶା କରିଥିଲେ । ଧର୍ମଗଡ ଉପଜିଲାପାଳ ତଥା ଉତ୍ସବ ପାଳନ କମିଟି ଅଧ୍ୟକ୍ଷ ପଦ୍ମନାଭ ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଅଧ୍ୟାପକ ଲିଙ୍ଗରାଜ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧର୍ମଗଡ ତହସିଲଦାର ତନ୍ମୟ କୁମାର ଦରଓାନ ସ୍ୱାଗତ ଭାଷଣ ଏବଂ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଳାହାଣ୍ଡି ଉତ୍ସବ ଘୁମୁରା ଉପଲେକ୍ଷ ଆୟୋଜତି ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଚଳିତବର୍ଷ 'ପ୍ରଣାମ କଳାହାଣ୍ଡି' ତରଫରୁ ଆୟୋଜିତ ଫଟୋଚିତ୍ର ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । ପରେ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଆରମ୍ଭ ହେଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ । ଯୁବ ସଂଯୋଜକ ମାନସ ମୁଣ୍ଡ, ରାଜେନ୍ଦ୍ର ମୁନୀ, ଘନଶ୍ୟାମ ମେହେର, ଗୋପାଳ ମେହେର ଏବଂ ଅଧ୍ୟାପକ ସଞ୍ଜୀବ କୁମାର ମୁଣ୍ଡଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କଳାହାଣ୍ଡିର ଘୁମୁରା ନୃତ୍ୟ ସମେତ ଭବାନୀପାଟଣାର ନଟରାଜ, ଶକ୍ତିମଣ୍ଡପ ଡ୍ୟାନ୍ସ ଗ୍ରୁପ, ଏଲନିସି ମିଶନ, ମହିଳା ମହାବିଦ୍ୟାଳୟ ଧର୍ମଗଡ, ଘୁମୁରା ଚିଚିଆ, ମହାଲକ୍ଷ୍ମୀ ସାଂସ୍କୃତିକ ଅନୁଷ୍ଠାନ, କେଡିଏମଇ ସ୍କୁଲ, ଏଚଏଲ ମ୍ୟୁଜିକ, କଳା ବିକାଶ କେନ୍ଦ୍ର, ପର୍ଏଁରି ସୋନପୁର, ମୃଣମୟୀ କଳାହାଣ୍ଡି, ଆସାମର ବିହୁ, ଭିଜନ ଭବାନୀପାଟଣା ଏବଂ ରାଜ୍ୟ ତଥା ରାଜ୍ୟ ବାହାରର ବହୁ କଳାକାରମାନଙ୍କ ନୃତ୍ୟ ଦର୍ଶକମାନଙ୍କୁ ବାନ୍ଧି ରଖିଥିଲା। ଏହି କାର୍ଯ୍ୟକ୍ରମରେ ଅର୍ଥ କମିଟି ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲଙ୍କ ସମେତ ସମସ୍ତ କମିଟି ଅଧ୍ୟକ୍ଷ ଏବଂ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଏ.ପି.ଜେ ଅବଦୁଲ କଲାମଙ୍କ ଦଶମ ବର୍ଷ ପରିଦର୍ଶନ ଦିବସ ପାଳିତ

ଭବାନୀପାଟଣା,୧୭।୧(ଡି.ଏନ.ଏ.)

ଡ. ଏ.ପି.ଜେ ଅବଦୁଲ କଲାମ ଫାଉଣ୍ଡେଶନ ଟ୍ରଷ୍ଟ କଳାହାଣ୍ଡି ପକ୍ଷରୁ ଅଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ସ୍ଥାନୀୟ ବିନାୟକ ଆବାସିକ ମହାବିଦ୍ୟାଳୟର ମିଳିତ ଉଦ୍ୟମରେ ଡ. ଏ.ପି.ଜେ ଅବଦୁଲ କଲାମଙ୍କ ଦଶମ ବର୍ଷ କଳାହାଣ୍ଡି ପରିଦର୍ଶନ ଦିବସ ମହାସମାରୋହରେ ଗୁରୁବାର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ପି.ଡି ଡି.ଆରଡିଏ ପ୍ରଶନ୍ନ କୁମାର ଷଡଙ୍ଗୀ ଉତ୍ସବ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଥି. ରାମପୁର ମା' ମାଣିକେଶ୍ୱରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ସମ୍ମାନିତ ଅତିଥି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମ.ରାମପୁର ରମାନୀ ଯାଫ୍ରିନ୍, ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ଅଧ୍ୟାପକ ବିଶ୍ୱରଞ୍ଜନ ମୁଣ୍ଡ, ପୂର୍ବତନ ଡିଏଫଓ ବିଶ୍ୱନାଥ ହୋତା, ଅଧ୍ୟକ୍ଷ, ବିନାୟକ ମହାବିଦ୍ୟାଳୟ ତ୍ରିଲୋଚନ ମହାପାତ୍ର, ଲଳିତ କାନୁନଗୋ ପ୍ରମୁଖ ଯୋଗଦେଇଥିଲେ। ଟ୍ରଷ୍ଟର ଉପାଧ୍ୟକ୍ଷ ସ୍ୱାଧୀନ ପାତ୍ର କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ମୁକୁନ୍ଦ ରେଡି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସହସମ୍ପାଦକ ବିରଞ୍ଚିନାରାୟଣ ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୋଷାଧ୍ୟକ୍ଷ ଧନଞ୍ଜୟ ପାଣିଗ୍ରାହୀ, ଅଧ୍ୟାପକ ବିକାଶ ସ୍ୱାଇଁ, ସଦସ୍ୟ ଧନଞ୍ଜୟ ସାହୁ, ଭୃକୁଟି ଗଉଡ, ବିଶ୍ୱଜିତ ରଏ, ସତ୍ୟନାରାୟଣ ସାହୁ, ଭାରତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଇଣ୍ଟର କଲେଜ ବକ୍ତୃତା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ ଆଲେକଜାଣ୍ଡାର ଫିଲିପ୍, ଅନୁପ କୁମାର ପଟ୍ଟନାଏକ, ଅଧ୍ୟାପକ ପ୍ରଦୀପ କୁମାର ମିଶ୍ର, ବିଶ୍ୱରଞ୍ଜନ ମୁଣ୍ଡ ପ୍ରମୁଖ ପରିଚାଳନା କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ଯୋଗେନ୍ଦ୍ର ପଟେଲ, ଦ୍ୱିତୀୟ ସୁରେଖା ପଟ୍ଟନାୟକ, ତୃତୀୟ ଆଲିମୁର ରେହେମାନ କୁ ପୁରସ୍କୃତ କରାଯାଇଥିଲା। ଆଲୋଚନାଚକ୍ରରେ ପ୍ରଥମ ସୁରକ୍ଷା ପଟ୍ଟନାୟକ, ଦ୍ୱିତୀୟ ସୋହାନୀ ବେହେରା, ତୃତୀୟ ବିକାଶ ନନ୍ଦ ହୋଇଥିବା କୃତି ପ୍ରତିଯୋଗିଙ୍କ ସହିତ ଉଲ୍ଲେଖନୀୟ ଅବଦାନ ନିମନ୍ତେ କଳାହାଣ୍ଡି ଜିଲାର ଶ୍ରେଷ୍ଠ ମହିଳା ପ୍ରଶାସକ ଭାବେ ମ. ରାମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରମାନୀ ଯାଫ୍ରିନ, ଶ୍ରେଷ୍ଠ ସାହିତ୍ୟିକ ପ୍ରଶାନ୍ତ ଦାଶ, ଶ୍ରେଷ୍ଠ କଳାକାର ଚିଣ୍ଟୁ ପ୍ରଶାଦ ନାଏକ, ଶ୍ରେଷ୍ଠ ଶିଶୁ ବୈଜ୍ଞାନିକ ବେଦାନ୍ତ ଇଣ୍ଟର ନେସନାଲ ସ୍କୁଲ ଲାଞ୍ଜିଗଡର ଛାତ୍ର ନିଳାଞ୍ଚଳ ପାଣି ଓ ନିବେନ୍ଦୁ ବିଶ୍ୱାସ, ଶେଷ୍ଠ ଖବରଦାତା ବିରଞ୍ଚି ଜାଲଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସୁରକ୍ଷା ପଟ୍ଟନାୟକ, ଛାତ୍ର ଅଭିଷେକ ଯୋଷୀ, ଅଧ୍ୟାପକ ସରୋଜ ସାହୁ, ବିକାଶ ସ୍ୱାଇଁ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ତ୍ରିଲୋଚନ ମହାପାତ୍ର ସମସ୍ତ ଅତିଥିଙ୍କୁ ଉତ୍ତରୀୟ ଓ ସ୍ମୃତିଉପହାର ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଡ. ଏ.ପି.ଜେ ଅବଦୁଲ କଲାମଙ୍କ ଦଶମ ବର୍ଷ କଳାହାଣ୍ଡି ପରିଦର୍ଶନ ଦିବସ ମହାସମାରୋହରେ କୃତୀଙ୍କୁ ପୁରସ୍କୃତ କରାଯାଉଛି ।

## ବ୍ଲକ୍ କଂଗ୍ରେସର କର୍ମୀ ସମ୍ମିଳନୀ

ଜୟପାଟଣା,୧୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ବାଣ୍ଡିଗାଁ ବଗିଚାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ କମିଟି ଆହ୍ୱାନକ୍ରମେ ବାଣ୍ଡିଗାଁ, ରଣମାଲ, ବଡ଼ଟେମେରୀ, ଭେଜିଗୁଡ଼ା ୪ଟି ଗ୍ରାମପଞ୍ଚାୟତ ନେତା ଓ କର୍ମୀଙ୍କୁ ନେଇ ବ୍ଲକ୍ ସଭାପତି ପ୍ରକାଶ ଦୁରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଗାମୀ ୨୦୧୯ ସାଧାରଣ ନିର୍ବାଚନ ପାଇଁ ଆଲୋଚନା କରାଯାଇଛି । ଉକ୍ତ ୪ଟି ପଞ୍ଚାୟତର ୧୭ଟି ବୁଥ୍‌କୁ ମଜଭୁତ୍ କରି ବୁଥ୍‌ରେ ମୋ ବୁଥ୍ ମୋ ଗୌରବ କାର୍ଯ୍ୟକ୍ରମ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରର ଦୁର୍ନୀତି ଓ ବିଫଳତା ତଥା ଆମ ଦଳର ଆଗାମୀ ଜନହିତକର କାର୍ଯ୍ୟପନ୍ଥା ସମ୍ବନ୍ଧରେ ଅବଗତ କରାଇବା ଏବଂ ସମସ୍ତ କର୍ମୀ ସକ୍ରୀୟ ହୋଇ ଆଗାମୀ ନିର୍ବାଚନରେ ନିଜ ବୁଥ୍‌ରେ ବିଜୟ ହେବା ଲକ୍ଷ ନେଇ କାମ କରିବାକୁ ନେତୃବୃନ୍ଦମାନେ ଅନୁରୋଧ କରିଥିଲେ । ସଭାରେ ବହୁ କଂଗ୍ରେସ କର୍ମୀ ସହ ବରିଷ୍ଠ କଂଗ୍ରେସ ନେତା ହେମନ୍ତ କୁମାର ପଣ୍ଡା, ଜିଲା ଆଦିବାସୀ କଂଗ୍ରେସ ସଭାପତି ପ୍ରଦୀପ କୁମାର ଦିଶାରୀ, ପୂର୍ବତନ ଡ଼ି.ସି.ସି. ସଭ୍ୟ ବଦ୍ରି ନାଗ, ବ୍ଲକ ଯୁବ କଂଗ୍ରେସ ସଭାପତି ଭାସ୍କର ରାଓ ଆଚାରୀ, ଜିଲା କଂଗ୍ରେସ ଉପ ସଭାପତି ଦିଗାମ୍ବର ଦୁରିଆ, ଧର୍ମଗଡ଼ ବ୍ଲକ୍ କଂଗ୍ରେସ ସଭାପତି ସନ୍ତୋଷ କୁମାର ପାଢ଼ୀ, କଲମପୁର ବ୍ଲକ୍ ଜୋନ୍ ସଭାପତି ପୀତାମ୍ବର ସାହୁ, ପଞ୍ଚାୟତ ସଭାପତି ବିଶିକେଶନ୍ ପୁରୋହିତ, ହରି ପଟେଲ, ସୁରେନ୍ଦ୍ର ଶବର, ଗଜାନନ ଦୁର୍ଗା, ତ୍ରିନାଥ ପାଣିଗ୍ରାହୀ, ହଲଧର ଛତ୍ରିଆ, ସମୀର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## କୁସୁମଖୁଣ୍ଟିଠାରେ ପାଣିପଞ୍ଚାୟତ ପକ୍ଷ ପାଳିତ

କୋକସରା,୧୭।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ବାମ କେନାଲ କୁସୁମଖୁଣ୍ଟି ବିଭାଜନ-୧ ନିର୍ବାହୀ ଯନ୍ତ୍ରିଙ୍କ କାର୍ଯ୍ୟାଳୟ ପରିସରଠାରେ ପାଣି ପଞ୍ଚାୟତ ପକ୍ଷ ଗୁରୁବାର ପାଳିତ ହୋଇଯାଇଛି । ଏଥିରେ କୁସୁମଖୁଣ୍ଟି ଡିଭିଜନର ୧୫୫ଟି ପାଣି ପଞ୍ଚାୟତ କର୍ମକର୍ତ୍ତା ଓ ଚାଷୀମାନେ ଯୋଗଦେଇଥିଲେ । କୁସୁମଖୁଣ୍ଟି ଡିଭିଜନ ନିର୍ବାହୀ ଯନ୍ତ୍ରି ଭିକାରି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରଥମେ ପାଣି ପଞ୍ଚାୟତ ସଚେତନତା ରଥକୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସମ୍ମାନିତ ଅତିଥି ଭାବେ ପଲ୍ଲିଶ୍ରୀ ପାଣି ପଞ୍ଚାୟତ ସଭାପତି ହିମାଦ୍ରିନାଥ ପଣ୍ଡା, ଉମାଦେବି ପାଣି ପଞ୍ଚାୟତ ସଭାପତି ଗଙ୍ଗାଧର ମେହେର, ଗଙ୍ଗା ପାଣି ପଞ୍ଚାୟତ ସଭାପତି ଶରତ ପାଟ୍ଟଯୋଷୀ, ପଞ୍ଚମୁଖି ପାଣି ପଞ୍ଚାୟତ ସଭାପତି ତ୍ରିନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ କୃଷି ଓ କୃଷକର ବିକାଶ ପାଇଁ ୨୦୦୩ରୁ ପାଣି ପଞ୍ଚାୟତ ଗଠନ କରି ଚାଷୀମାନଙ୍କ ଉନ୍ନତି ସହ ଚାଷ ପାଇଁ ଆବଶ୍ୟକ ପାଣି କିପରି ପାଣି ପଞ୍ଚାୟତ ଦ୍ୱାରା କେନାଲ ମରାମତି କରି ଚାଷୀମାନଙ୍କୁ ଯୋଗାଇବ ସେହି ଉଦ୍ଦେଶ୍ୟ ନେଇ ଆରମ୍ଭ କରିଥିଲେ । ପାଣି ପଞ୍ଚାୟତ ସହ ବିଭାଗୀୟ ଅଧିକାରୀମାନଙ୍କ ତାଳମେଳ ରହୁ ନ ଥିବାରୁ କେତେକାଂଶରେ ଏହି ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । ପାଣି ପଞ୍ଚାୟତ ଅଧୀନରେ ହେଉଥିବା କାମ ସବୁ ଅଧାପହନ୍ତରିଆ କରି ରଖିବା ସହ ଠିକ୍ ଭାବେ କେନାଲ ମରାମତି ନ ହେବାରୁ ଶେଷମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚୁ ନ ଥିବା ଅଭିଯୋଗ କରିଥିଲେ । ପାଣି ପଞ୍ଚାୟତ କମିଟିକୁ ୟୁସି ନ ମିଳିବାରୁ ପାଣି ପଞ୍ଚାୟତ ଅଧୀନରେ ହୋଇଥିବା କାମର ପ୍ରାପ୍ୟ ମିଳିବାରେ ବିଳମ୍ବ ହେଉଥିବା ଓ ଉଚ୍ଚପଦସ୍ଥ ଅଧିକାରୀମାନଙ୍କ ଠାରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ଏ ସମସ୍ତ ସମସ୍ୟା ଉପରେ ଆଗାମୀ ଦିନରେ ସରକାରଙ୍କଠାରେ ଦୃଷ୍ଟି ଆକର୍ଷଣ କରାଯିବ ଓ ପାଣି ପଞ୍ଚାୟତକୁ ସମସ୍ତ ପ୍ରକାର ଆନୁସାଙ୍ଗିକ ସୁବିଧା ଯୋଗାଇ ଦିଆଯିବ ବୋଲି ନିର୍ବାହୀ ଯନ୍ତ୍ରି ପ୍ରତିଶ୍ରୁତି ଦେଇଥିଲେ। ସହକାରୀ ଯନ୍ତ୍ରି ପ୍ରସାଦ ରଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




ପାଣି ପଞ୍ଚାୟତ ପକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ଉତ୍ସବ

କିର୍ମିରା,୧୭।୧(ଡି.ଏନ୍.ଏ.)- କିର୍ମିରା ବ୍ଲକ ଅର୍ଡା ଗ୍ରାମ ଏସ୍.ଏମ୍. ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି। ଉଦ୍ଯାପନୀ ଉତ୍ସବରେ ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ, ମଳୟ ସାହୁ, ଦୁର୍ଯ୍ୟୋଧନ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ କମିଟିର ପଦ୍ମିନୀ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଡାକେଶ୍ୱରୀ ସ୍ୱାଇଁଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

### କ୍ରୀଡ଼ା ଉପକରଣ ବଣ୍ଟନ

ଝାରସୁଗୁଡ଼ା ଅଫିସ,୧୭।୧- ଝାରସୁଗୁଡ଼ା ବ୍ଲକ ପକ୍ଷରୁ ଗୁରୁବାର ବିଜୁ ଯୁବବାହିନୀକୁ କ୍ରୀଡ଼ା ଉପକରଣ ବିତରଣ କରାଯାଇଛି। ବ୍ଲକର ସମସ୍ତ ୧୭ ପଞ୍ଚାୟତର ବିଜୁ ଯୁବବାହିନୀ ସଦସ୍ୟଙ୍କୁ କ୍ରୀଡ଼ା ଉପକରଣ ବଣ୍ଟନ କରାଯାଇଥିଲା। ଏଥିରେ ଝାରସୁଗୁଡ଼ା ବ୍ଲକ ଆକାଉଣ୍ଟ ଅଫିସର ପ୍ରତିଭା କେର୍କେଟା, ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ମଦନ ସିଂ, ବିଜୁ ବିଶ୍ୱାଳ ଯୋଗଦେଇଥିଲେ।

### ରେମଣ୍ଡା ହାଇସ୍କୁଲର ବାର୍ଷିକ କ୍ରୀଡ଼ା

ଭେଡ଼େନ, ୧୭।୧ (ଡ଼ି.ଏନ.ଏ): ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ସରକାରୀ ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍ଯାପିତ ହୋଇଛି । ପ୍ରଧାନଶିକ୍ଷକ ବିଜୟ କୁମାର ଜୈଶ୍ୱାଲ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦ୍ଘାଟନ କରିଥିଲେ। ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେଇଥିବା ଚେସ୍ ଖେଳାଳି ନରେଶ ମେହେର ଶପଥପାଠ କରିଥିଲେ । ଏହି ପ୍ରତିଯୋଗିତାରେ ସିନିୟର ବିଭାଗରେ ଆୟୁଷ ମାଝୀ, ଗାୟତ୍ରୀ ରଣା ଏବଂ ଜୁନିୟର ବିଭାଗରେ ସଚ୍ଚିଦାନନ୍ଦ ସୁନା ଓ ସ୍ମୃତି ବଗର୍ତ୍ତୀ ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା ଶିକ୍ଷକ ପର୍ଶୁରାମ ପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ ।

### ନୂଆବର୍ଷ ଭେଟଘାଟ

ଅମ୍ବାଭୋନା, ୧୭।୧ (ଡି.ଏନ.ଏ): ଅମ୍ବାଭୋନା ବ୍ଲକର ଭୁକ୍ତା ସ୍ଥିତ ଦୁର୍ଗାମଣ୍ଡପ ସାମ୍ନା ପଡିଆରେ ନୂଆବର୍ଷ ଭେଟଘାଟ-୨୦୧୯ ପାଳିତ ହୋଇଛି। ବିଜୁ ଛାତ୍ର ଜନତା ଦଳ ତରଫରୁ ଆୟୋଜିତ ଭେଟଘାଟ ମହୋତ୍ସବରେ ବରଗଡ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି କରମ ସିକନ୍ଦର ଅଧକ୍ଷତା କରିଥିଲେ । ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବ୍ଲକ ବିଜେଡି ସଭାପତି ରଘୁନାଥ ପଟେଲ, ବ୍ଲକ ଅଧକ୍ଷା ନୀଳ କୁମାରୀ ନାୟକ, ଉପାଧକ୍ଷ ଠାକୁରରାମ ପଟେଲ, ବିଜୁ ଛାତ୍ର ଜନତା ଦଳ ଜିଲା ଉପସଭାପତି ରାହୁଲ ସାହୁ, ପୂର୍ବତନ ଶିକ୍ଷକ ଭାବଗ୍ରାହୀ ପଟେଲ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ।

### ଜିଏମ୍ୟୁ ଫାଟକରେ ଏବିଭିପିର ବିକ୍ଷୋଭ

ସମ୍ବଲପୁର, ୧୭।୧ (ବ୍ୟୁରୋ): ନିଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପ) ପକ୍ଷରୁ ଗୁରୁବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳ(ଜିଏମ୍ୟୁ) ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟକୁ ନେଇ ବିଦ୍ୟାର୍ଥୀମାନେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ ।

---

ପଧାନପାଲି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

# ପ୍ରଥମ ଦିନରେ ସ୍ମୃତିର ଝଲକ କାର୍ଯ୍ୟକ୍ରମ

ପଡ଼ିଆବାହାଲ, ୧୭।୧ (ଡି.ଏନ.ଏ)



ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଗୁରୁବାର ଅନୁଷ୍ଠିତ ସ୍ମୃତିର ଝଲକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଝୁମୁରା ବ୍ଲକ ବାହାମ ପଞ୍ଚାୟତ ପଧାନପାଲି ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଗୁରୁବାର ସ୍ମୃତିର ଝଲକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ସୁବୋଧ କୁମାର ବେହେରା ଏହାର ଉଦ୍ଘାଟନ କରିଥିଲେ। ଏହି ଅବସରରେ ଜୟନ୍ତୀ କମିଟି ସଭାପତି ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଓଡ଼ିଶା ସରକାରଙ୍କ ଅବସରପ୍ରାପ୍ତ ସଚିବ ପଠାଣି କୁମାର ପଣ୍ଡା, ଇଂ.ସଞ୍ଜୀବ କୁମାର ପଣ୍ଡା, ଚିତ୍ତରଞ୍ଜନ ଦାସ, ସନ୍ତୋଷ କୁମାର ସାହୁ, ଜୟଲାଲ ବେହେରା, ମହେନ୍ଦ୍ର ସାହୁଙ୍କ ସମେତ ପୁରାତନ ଛାତ୍ର ଯୋଗଦେଇ ନିଜ ସ୍କୁଲ ଜୀବନର ଅନୁଭୂତି ଏବଂ ପରବର୍ତ୍ତୀ କାଳରେ ଚାକିରି ଜୀବନ ସମ୍ପର୍କରେ କହିବା ସହ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। କମିଟି ଉପ ସଭାପତି ଦିଲୀପ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଲୁଲେନ୍ଦୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ମିଶ୍ର, ଡା.ରାଜାରାମ ଷଡଙ୍ଗୀ, ହରିହର ନାୟକ, ସିଦ୍ଧେଶ୍ୱର ସାହୁ, ରାଧାମୋହନ ଷଡଙ୍ଗୀ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

# ଧମା କଲେଜରେ ବେଟି ପଢ଼ାଓ ବେଟି ବଚାଓ ସଚେତନତା କାର୍ଯ୍ୟକ୍ରମ

ଧମା,୧୭।୧(ଡି.ଏନ.ଏ.)

ଭାରତ ସରକାରଙ୍କ କ୍ଷେତ୍ର ପ୍ରଚାର ନିର୍ଦ୍ଦେଶାଳୟ ଦ୍ୱାରା ଗୁରୁବାର ସ୍ଥାନୀୟ ମା' ଝାଡେଶ୍ୱରୀ କଲେଜରେ ବେଟି ପଢ଼ାଓ ବେଟି ବଚାଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଆଞ୍ଚଳିକ କାର୍ଯ୍ୟାଳୟ ସହକାରୀ ନିର୍ଦ୍ଦେଶକ ରାମେଶ୍ୱର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୨ଶହ ଛାତ୍ରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଧମା ଥାନା ଅଧିକାରିଣୀ ରାଜେଶ୍ୱରୀ ଭୋଇ ଯୋଗ ଦେଇଥିଲେ। ଯୁକ୍ତ ୨ ଅଧକ୍ଷ ଅଶୋକ ପୁରୋହିତ, ଯୁକ୍ତ ୩ ଅଧକ୍ଷ ଅନୀଲ ପ୍ରଧାନ, ଅଧାପକ ରବୀନ୍ଦ୍ର ଠାକୁର, ଅଧାପିକା ମୀନତି ଦାଶ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅତିଥିମାନେ ସମାଜରେ ନାରୀମାନଙ୍କ ସ୍ଥିତି, କନ୍ୟା ଭ୍ରୁଣହତ୍ୟା, ଲିଙ୍ଗଗତ ବୈଷମ୍ୟ ଆଦି ବିଷୟରେ ବିଶେଷ ଆଲୋଚନା କରି ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଆୟୋଜିତ କୁଇଜ୍ ପ୍ରତିଯୋଗୀତାରେ ଯୁକ୍ତ ୩ ଓ ଯୁକ୍ତ ୨ ଶ୍ରେଣୀର ଛାତ୍ରୀ ତାନୀ ମେହେର, ରୁଚିସ୍ମିତା ଦାସ, ମୌସୁମୀ ସାହୁ, ସୀମା ରଣା, ସନ୍ଧ୍ୟାରାଣୀ ତରିଆ, ସୁସ୍ମିତା ଓରାମ, ପଲ୍ଲବୀ ସାଲିମା, ଆରତୀ ବେହେରା, ନିହାରିକା ମିଶ୍ର ଓ ବନିତା ଗୌଡ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗୀୟ ଅଧିକାରୀ ସନ୍ତୋଷ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧାପକ ସଞ୍ଜୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧାପିକା ଶିଖାରାଣୀ ବଢ଼େଇ, ତନ୍ମୟା ବେହେରା, ଅମ୍ରିତା ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାହକଙ୍କୁ ଆକୃଷ୍ଟ କରୁଛି ଷ୍ଟାଇଲସ୍ପା ଫର୍ନିଚର

ସମ୍ବଲପୁର,୧୭।୧(ବ୍ୟୁରୋ)

ଆକର୍ଷଣୀୟ ଷ୍ଟାଇଲସ୍ପା ଫର୍ନିଚର୍ ଗ୍ରାହକଙ୍କ ମନ ଜିଣିଛି । ଗ୍ରାହାକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଆସନ୍ତା ମାସ ସମ୍ବଲପୁର ପୀରବାବା ଛକସ୍ଥିତ ଷ୍ଟାଇଲସ୍ପା ଏକ୍ସକ୍ଲୋସିଭ୍ ଶୋରୁମ୍‌ଠାରେ ବେଡରୁମ୍ ଷ୍ଟୁଡିଓ ଖୋଲିବ । ଏହା ରାଜ୍ୟର ପ୍ରଥମ ଓ ଦେଶର ତୃତୀୟ ବେଡରୁମ୍ ଷ୍ଟୁଡିଓ ହେବ। ଏହାଦ୍ୱାରା ଗ୍ରାହକମାନେ ନିଜ ମନ ମୁତାବକ ଷ୍ଟାଇଲସ୍ପା ଫର୍ନିଚର୍ କିଣି ଘର ସଜାଇ ପାରିବେ। ଗୁରୁବାର ସମ୍ବଲପୁର ଷ୍ଟାଇଲସ୍ପା ବିଜିନେସ୍ ମୁଖ୍ୟ ସୌମେନ୍ଦ୍ର ମହାପାତ୍ର ଏହା କହିଛନ୍ତି। ସେ କହିଥିଲେ ଯେ, ନବବର୍ଷ ଅଫର୍‌ରେ ଫ୍ଲାଟ୍ ୪୦ ପ୍ରତିଶତ ରିହାତି ରହିଛି । ୧ଲକ୍ଷ ସାମଗ୍ରୀ କ୍ରୟ କଲେ ଗ୍ରାହକମାନଙ୍କୁ ୪୦ ପ୍ରତିଶତ ସମେତ ଅତିରିକ୍ତ ୧୦ ପ୍ରତିଶତ ରିହାତି ଦିଆଯାଉଛି । ଏତତ୍‌ବ୍ୟତିତ ଜ୍ୟାକି ବେଡ୍‌ରୁମ୍ ପ୍ୟାକେଜ୍‌ର ମୂଲ୍ୟ ୧ଲକ୍ଷ ୨୩ ହଜାର ୧୪୦ ଟଙ୍କା ରହିଥିବା ବେଳେ ସମ୍ପ୍ରତି ଏହା ୭୩ ହଜାର ୮୪୪ ଟଙ୍କା ମୂଲ୍ୟରେ ବିକ୍ରି କରାଯାଉଛି । ୩ବର୍ଷ ଗ୍ୟାରେଣ୍ଟି ମଧ ରହିଛି। ଅପରପକ୍ଷେ ୨୯ ହଜାର ୯୯୫ ଟଙ୍କାରୁ ବେଡ୍‌ରୁମ୍ ପ୍ୟାକେଜ୍ ରହିଛି । ସେହିପରି ଷ୍ଟାଇଲସ୍ପା ଫର୍ନିଚର କ୍ରୟ କଲେ ଗ୍ରାହକମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଉଛି । ସୂଚନାଯୋଗ୍ୟ, ଗତ ୮ବର୍ଷ ତଳେ ଏହି ଶୋରୁମ୍ ଖୋଲା ଯାଇଥିଲା । ଏହା ରାଜ୍ୟର ଦ୍ୱିତୀୟ ତମ ।

## ଭିଏସ୍ଏସ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ବାର୍ଷିକ ଉତ୍ସବ

ସମ୍ବଲପୁର, ୧୭।୧ (ବ୍ୟୁରୋ)

ବୀରସୁରେନ୍ଦ୍ର ସାଏ (ଭିଏସ୍ଏସ୍) ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ୧୭ତମ ବାର୍ଷିକ ଉତ୍ସବ ଗୁରୁବାର ରାତିରେ ଧନକଉଡାଠାରେ ଅନୁଷ୍ଠିତ ହୋଇଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଝୁମି ଉଠିଥିଲେ। ଛାତ୍ରୀଛାତ୍ରଙ୍କ ନୃତ୍ୟ, ଗୀତ, କ୍ଷୁଦ୍ରନାଟକ, ଗୀଟାର୍ ଓ ତବଲା ବାଦନରେ ଉତ୍ସବ ଝୁଲୁକି ଉଠିଥିଲା । ଅନୁଷ୍ଠାନର ଅଧକ୍ଷ ଅଶ୍ୱିନୀ କୁମାର ସାହୁଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ହାସ୍ୟକବି ଗୁଣରଞ୍ଜନ ସାମିଲା ମୁଖ୍ୟଅତିଥି, ସଂଗୀତଜ୍ଞ ଶଙ୍କର ପ୍ରସାଦ ପ୍ରଧାନ ଓ କଣ୍ଠଶିଳ୍ପୀ ମହମ୍ମଦ ସୁଲେମାନ୍ ଦିୱାନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ନିର୍ଦ୍ଦେଶକ ସୌକୁମାର୍ଯ୍ୟ ପ୍ରଧାନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ନୂଆଁ ବରଙ୍ଗାମାଲରେ ସୂର୍ଯ୍ୟପୂଜା

ପଡିଆବାହାଲ,୧୭।୧(ଡି.ଏନ.ଏ.)



ନୂଆଁବରଙ୍ଗାମାଲ ଗ୍ରାମରେ ସୂର୍ଯ୍ୟ ପୂଜା କରାଯାଉଛି।

ଝୁମୁରା ବ୍ଲକ ନୂଆଁ ବରଙ୍ଗାମାଲ ପଞ୍ଚାୟତ ନୂଆଁବରଙ୍ଗାମାଲ ଗ୍ରାମରେ ଶାମ୍ବ ଦଶମୀ ଅବସରରେ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଯାଇଛି। ସନ୍ନାସୀ ବାଗ ଓ ବିଳାସିନୀ ବାଗ କର୍ତ୍ତା ଭାବେ ରହିଥିବା ବେଳେ ପଣ୍ଡିତ ଶିବ ଶଙ୍କର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମଙ୍ଗଳବାର ପୂଜା କାର୍ଯ୍ୟ ଆରମ୍ଭ ହୋଇ ବୁଧବାର ହୋମଯଜ୍ଞ ପରେ ପୂର୍ଣ୍ଣାହୁତି ପଡିଥିଲା। ପୂଜା କମିଟି ଏବଂ ସମଲେଶ୍ୱରୀ ଯୁବକ ସଂଘର ସହଯୋଗରେ ଶିଶୁ ଓ କିଶୋର କଳାକାରମାନଙ୍କୁ ନେଇ ରଙ୍ଗାରଙ୍ଗ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗୀତିକାର ତଥା ନୃତ୍ୟ ବିଶାରଦ କାଳିଚରଣ ପାଣିଗ୍ରାହୀ ବିଚାରକ ଭାବେ ପ୍ରତିଯୋଗୀଙ୍କୁ ଚୟନ କରି ପୁରସ୍କୃତ କରିଥିଲେ। ଏହି ଅବସରରେ ଅପେରା ଦଳଙ୍କ ଦ୍ୱାରା ପରିବେଶିତ ଯାତ୍ରା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେଇଥିଲା । ଏହି ଅବସରରେ ଅନୁଷ୍ଠିତ ସଭାରେ ଅନୀଲ କୁମାର ଭୋଇଙ୍କ ସଭାପତିତ୍ୱ ଏବଂ ଡା. ରାଜାରାମ ଷଡଙ୍ଗୀଙ୍କ ସଂଯୋଜନାରେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଗୋବିନ୍ଦ ଅଗ୍ରୱାଲ ମୁଖ୍ୟଅତିଥି, ବାହାମ ସରପଞ୍ଚ ମିତ୍ରଭାନୁ ପଧାନ, ଖବରଦାତା ରାଧାମୋହନ ଷଡଙ୍ଗୀ, ଭାରତୀୟ ଜନତା ପାର୍ଟି କର୍ମକର୍ତ୍ତା ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ନବୀନ ଭୋଇ, ଗୁଣମଣି ଭୋଇ, ଡୋଳାମଣି ଭୋଇ, ଗୁରୁଚରଣ ବାଗଙ୍କ ସମେତ ଗ୍ରାମବାସୀ ଓ ସଂଘ ସଦସ୍ୟଙ୍କ ପରିଚାଳନାରେ କରିଥିଲେ।

# କେଛୁପାଣି ମଦଭାଟି ବନ୍ଦ ଦାବି କଲେ ମହିଳା



ସମ୍ବଲପୁର ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କେଛୁପାଲି ଗ୍ରାମର ମହିଳାମାନେ।

ସମ୍ବଲପୁର,୧୭।୧(ବ୍ୟୁରୋ)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା କେଛୁପାଣି ଗ୍ରାମରେ ଥିବା ଦେଶୀ ମଦଭାଟି ବନ୍ଦ କରିବାକୁ ମହିଳାମାନେ ଦାବି କରିଛନ୍ତି । ଏନେଇ ଜିଲାପାଳ ସମର୍ଥ ବର୍ମାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ବାମରା-ଗଡ଼ପୋଷ ରାସ୍ତା କଡରେ ଏକ ଦେଶୀମଦ ଭାଟି ରହିଛି । ଫଳରେ ଅଞ୍ଚଳର ମଦ କାରବାର ବୃଦ୍ଧି ପାଉଥିବା ବେଳେ ଅସାମାଜିକ କାର୍ଯ୍ୟକଳାପ ବଢିବାରେ ଲାଗିଛି। ଏନେଇ ଜନସାଧାରଣ ଉକ୍ତ ରାସ୍ତାରେ ଯିବା ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷେ ପ୍ରତିଦିନ ଉକ୍ତ ରାସ୍ତାରେ ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଯାଉଥିବା ବେଳେ ମଦ୍ୟପଙ୍କ ଦୌରାତ୍ମ୍ୟ ଯୋଗୁ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏପରି କି ଯୁବ ସମାଜ ମଦ ପିଇ ପଥଭ୍ରଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଲୋକେ ମଦ୍ୟପାନ କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏନେଇ ତୁରନ୍ତ ମଦଭାଟି ବନ୍ଦ କରିବାକୁ ମହିଳାମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଦାବିପତ୍ରରେ ଶ୍ରିମତି ପିଙ୍ଗ, ଗୋମତି ଛୁରିଆ, ଯଶୋବନ୍ତି ମହାନନ୍ଦ, ସୁଜାତା ସୁନାନୀ, ଅହଲ୍ୟା ପଞ୍ଚଭାୟା, ରେବତି ଜୟପୁରିଆ, ମାଳତୀ ହାତୀ ମୁଖଙ୍କ ସ୍ୱାକ୍ଷର ରହିଛି।

## ପ୍ରସିଦ୍ଧ ବାମରା ମକର ମେଳାର ଚତୁର୍ଥ ଦିନ

# ଷ୍ଟଲ୍ ବଣ୍ଟନରେ ଅନିୟମିତତା ଅଭିଯୋଗ

ବାମରା, ୧୭।୧ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ମକର ମେଳାର ଗୁରୁବାର ଥିଲା ଚତୁର୍ଥ ଦିବସ। ମେଳା ଐତିହ୍ୟ, ସଂସ୍କୃତି, ପାରମ୍ପରା ଦୃଷ୍ଟିରୁ ଯେତିକି ମହତ୍ତ୍ୱପୂର୍ଣ୍ଣ ବ୍ୟବସାୟୀକ ଦୃଷ୍ଟିକୋଣରୁ ମଧ ସେତିକି ଗୁରୁତ୍ୱପୂର୍ଣ୍ଣ। ମେଳାରେ ଓଡ଼ିଶାର ପ୍ରାୟ ପ୍ରତି ଜିଲା ତଥା ଟାଟାନଗର, କୋଲକାତା, ଖଡଗପୁର, ରାଞ୍ଚି, ମୁମ୍ବାଇ, ବିଲାସପୁର, ରାୟପୁର, ନାଗପୁର, ରାୟଗଡ ଆଦି ଦୂରଦୂରାନ୍ତରୁ ଦୋକାନୀ ଆସି ବ୍ୟବସାୟ କରିଥାନ୍ତି। ଏହା ବ୍ୟତିତ ମୀନା ବଜାର, ଝୁଲା କୃଷି ପ୍ରଦର୍ଶନୀ, ମୌତକା କୁଆଁ ଆଦି ଚଳିତ ବର୍ଷ ପହଞ୍ଚିଥିବା ବେଳେ ମେଳାରେ ଷ୍ଟଲ ବଣ୍ଟନରେ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଛି। ଫଳରେ ପ୍ରାୟ ୨ଶହରୁ ଅଧିକ

### ବ୍ୟବସାୟ ପ୍ରଭାବିତ

ଷ୍ଟଲ ଖାଲି ପଡିଛି। ଏଭଳି ସ୍ଥିତିରେ ମେଳାର ସୌନ୍ଦର୍ଯ୍ୟ ଓ ସୁନ୍ଦରତା ମଧ ସମ୍ପୂର୍ଣ୍ଣ ହଜି ଯାଇଥିବା ଭଳି ମନେ ହେଉଛି । ଏ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖା ଦେବା ସହ ମେଳାର ଅନିଶ୍ଚିତତା ଉପରେ ପ୍ରଶ୍ନ କରିଛନ୍ତି। ଚଳିତ ବର୍ଷ ମନ୍ଦିର ସମ୍ମୁଖ ସ୍ଥାନକୁ ଖାଲି କରାଯାଇ ଗୋବିନ୍ଦପୁର ମକର ମିଳନ ପଡ଼ିଆରେ ପ୍ରାୟ ଦୋକାନ ବଜାରକୁ ସ୍ଥାନାନ୍ତରିତ କରାଯାଇଛି । ହେଲେ ଏଥିରେ କେତେକ ପୁରୁଣା ଦୋକାନୀଙ୍କୁ ଅଣଦେଖା କରାଯାଇଥିବାରୁ ସେମାନେ ଫେରି ଯାଇଥିବା ଜଣାପଡିଛି। ଏପରି କି ଷ୍ଟଲଗୁଡିକ ଚଢ଼ା ଦର ରହିଥିବାରୁ ବହୁ ଦୋକାନୀ ମେଳାକୁ ଆସି ନ ଥିବା ଜଣାପଡିଛି। ସ୍ଥାନ ପରିବର୍ତ୍ତନ ଯୋଗୁ ଚଳିତ ବର୍ଷ ବ୍ୟବସାୟ ମଧ ମାନ୍ଦା ରହିଥିବା ବ୍ୟବସାୟୀମାନେ ପ୍ରକାଶ କରିଛନ୍ତି । ଏହା ବ୍ୟତିତ ବ୍ୟବସାୟୀଙ୍କ ସୁବିଧା ପାଇଁ ଅସ୍ଥାୟୀ ଶୌଚାଳୟ କିମ୍ବା ପାନୀୟଜଳର କୌଣସି ବ୍ୟବସ୍ଥା କରାଯାଇ ନ ଥିବା ଜଣାପଡିଛି। ଏଭଳି ଅବ୍ୟସ୍ଥା ଫଳରେ ଆଗାମୀ ଭବିଷ୍ୟତରେ ବାମରା ମକର ମେଳା ବ୍ୟବସାୟୀକ ଦୃଷ୍ଟି କୋଣରୁ ନିଜ ଅସ୍ତିତ୍ୱ ହରାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ବାମରା ମକର ମେଳାରେ ଖାଲି ପଡ଼ିଥିବା ଷ୍ଟଲ।





ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର

## ସଂକ୍ଷେପରେ



### ଜିଏସ୍‌ଟି ଚଢ଼ାଉ

**ରାଉରକେଲା ଅଫିସ,୧୭।୧-** ଗୁଡସ ଆଣ୍ଡ ସର୍ଭିସ ଟ୍ୟାକ୍ସ (ଜିଏସ୍‌ଟି) ଆଞ୍ଚଳିକ ଗୁଇନ୍ଦା ଟିମ୍ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ସହରସ୍ଥିତ ଜଣଙ୍କ ଘରେ ଚଢ଼ାଉ କରାଯାଇଛି। ତାଙ୍କ ନାଁ ରିତେଶ ସିଂ (୩୨)। ସେ ଡିଲକ୍ସ ଲେନ୍ ବାସିନ୍ଦା। ଚଢ଼ାଉ ସମୟରେ ବିଭାଗୀୟ ଅଧିକାରୀ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ କିଛି ଆଧାରକାର୍ଡ ଜବତ କରିଥିବା ସୂଚନା ମିଳିଛି। ଫେକ୍ ଇନ୍‌ଭଏସ ଓ ନକଲି ଆଧାର କାର୍ଡ ଉପଯୋଗ କରି ରିତେଶ ଟିକସ ଫାଙ୍କିରେ ଅନ୍ୟ ବ୍ୟବସାୟୀଙ୍କୁ ସହଯୋଗ କରି ଭଲ ରୋଜଗାର କରୁଥିବା ଆଲୋଚନା ହେଉଥିଲା। ଏ ନେଇ ଜିଏସ୍‌ଟି ଗୁଇନ୍ଦା ବିଭାଗ ସୂଚନା ପାଇ ଏହି ଚଢ଼ାଉ କରିଥିବା ଜଣାପଡ଼ିଛି। ତାଙ୍କୁ ଅଧିକ ପଚରାଉଚୁରା ନିମନ୍ତେ ଗୁଇନ୍ଦା ଟିମ ସାଙ୍ଗରେ ନେଇଯାଇଛି। ଯାଞ୍ଚ ପରେ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି କହିଛନ୍ତି ବିଭାଗର ଜଣେ ଅଧିକାରୀ।

# ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

**ରାଉରକେଲା ଅଫିସ,୧୭।୧**

ସ୍ପଞ୍ଜ ଓ ଲୌହ କାରଖାନାରେ ବୃତ୍ତିଗତ ସୁରକ୍ଷା ଓ ସ୍ୱାସ୍ଥ୍ୟ ସନ୍ଦର୍ଭରେ ଦିନିକିଆ ମଣ୍ଡଳସ୍ତରୀୟ ସୁରକ୍ଷା କର୍ମଶାଳା ଗୁରୁବାର ସେକ୍ଟର-୧୯ ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାରଙ୍କ ଫ୍ୟାକ୍ଟ୍ରି ବୟଲର ନିର୍ଦ୍ଦେଶାଳୟ ଓ ରାଉରକେଲା ଇସ୍ପାତ କାରଖାନା ସହଯୋଗରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ଫ୍ୟାକ୍ଟ୍ରି ଓ ବୟଲର ନିର୍ଦ୍ଦେଶକ କମଳେନ୍ଦୁ ମହାପାତ୍ର ମୁଖ୍ୟଅତିଥି, ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଗୌତମ ବାନାର୍ଜୀ, ଓଡ଼ିଶା ସରକାରଙ୍କ ପୂର୍ବତନ ଫ୍ୟାକ୍ଟ୍ରି ଓ ବୟଲର ବିଭାଗ ମୁଖ୍ୟ ନିରୀକ୍ଷକ ଏନ୍. କର, ଫ୍ୟାକ୍ଟ୍ରି ଓ ବୟଲର ବିଭାଗ ପୂର୍ବତନ ନିର୍ଦ୍ଦେଶକ ଏଚ୍.ଏସ୍. ମହାନ୍ତି, ବିଭାଗୀୟ ଉପନିର୍ଦ୍ଦେଶକ ଡ. ମଳୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟଅତିଥି ମହାପାତ୍ର କହିଥିଲେ, ଶିଳ୍ପ ଉଦ୍ୟୋଗ ତଥା ଲୌହ ଓ ଇସ୍ପାତ ଉଦ୍ୟୋଗରେ ତିଷ୍ଠି ରହିବାକୁ ହେଲେ ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରାଥମିକତା ପ୍ରଦାନ କରିବାକୁ ପଡ଼ିବ। ଆର୍‌ଏସ୍‌ପି ଅଧିକାରୀ ବାନାର୍ଜୀ ଦ୍ରୁତ ଶିଳ୍ପାୟନ ପରିପ୍ରେକ୍ଷୀରେ ଅଧିକ ସମ୍ଭାବ୍ୟ ଦୁର୍ଘଟଣା ଏଡ଼ାଇବାକୁ ମତ ପ୍ରକାଶ କରିଥିଲେ। ନିପୁଣ ସୁରକ୍ଷା ସଂସ୍କୃତିର ପ୍ରୋତ୍ସାହନ ନିମନ୍ତେ ସେ ପ୍ରତ୍ୟେକ ବ୍ୟକ୍ତି, ଶିଳ୍ପୋଦ୍ୟୋଗୀ ଓ ସରକାରଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ମୁଖ୍ୟ ନିରୀକ୍ଷକ କର ନିଜ ବକ୍ତବ୍ୟରେ ଆର୍‌ଏସ୍‌ପିକୁ ଭାରତରେ ସୁରକ୍ଷା ଅଭିଯାନର ପୁରୋଧା ଭାବେ ଅଭିହିତ କରିଥିଲେ। ବିଭାଗୀୟ ପୂର୍ବତନ ନିର୍ଦ୍ଦେଶକ ମହାନ୍ତି ଜରୁରୀକାଳୀନ ସ୍ଥିତି ସର୍ବଦା ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ।

ରାଜ୍ୟରେ ଭିଜନଶୂନ୍ୟ ଲକ୍ଷ୍ୟ ହାସଲ ସମ୍ପର୍କରେ ଆଲୋଚନା କରି ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁହାର ପ୍ରତି ସଜାଗ ରହିବା ଉପରେ ଡ. ପ୍ରଧାନ ଗୁରୁତ୍ୱାରୋପ କରିଥିଲେ। ଏହି ବୃହତ କର୍ମଶାଳାର ଆୟୋଜନ ନିମନ୍ତେ ସହଯୋଗ ଯୋଗାଇ ଦେଇଥିବାରୁ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କୁ ପ୍ରଧାନ ପ୍ରଶଂସା କରିଥିଲେ। ଏହି ଅବସରରେ ସୁରକ୍ଷା ପ୍ରୟାସ ନିମନ୍ତେ କେତେଜଣ କର୍ମଚାରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ସମାରୋହରେ ସୁରକ୍ଷା ସମ୍ପର୍କିତ ଏକ ମାଗାଜିନ୍ ଉନ୍ମୋଚନ କରାଯାଇଥିଲା। ପ୍ରାରମ୍ଭରେ ଫ୍ୟାକ୍ଟ୍ରି ଓ ବୟଲର ନିର୍ଦ୍ଦେଶାଳୟ ରାଉରକେଲା ମଣ୍ଡଳ ଉପନିର୍ଦ୍ଦେଶକ ସତ୍ୟନାରାୟଣ ସେଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସହକାରୀ ନିର୍ଦ୍ଦେଶକ ମନୋଜ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଇସ୍ପାତ, ସ୍ପଞ୍ଜ ଆଇରନ ଓ ପାୱାର ପ୍ଲାଣ୍ଟର ବିଭିନ୍ନ ସୁରକ୍ଷା ପ୍ରସଙ୍ଗ ନେଇ ଆଲୋଚନା କରାଯାଇଥିଲା। ମୁଣ୍ଡୁଳିରୁ ଆସିଥିବା ଏନ୍‌ଡିଆର୍‌ଏଫ୍ ଟିମ୍ ଦ୍ୱାରା ପ୍ରାଥମିକ ଚିକିତ୍ସା ଡେମୋ ପ୍ରଦର୍ଶନ କରାଯାଇଥିଲା। ଆର୍‌ଏସ୍‌ପି ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରଦର୍ଶିତ ଉଦ୍ଧାର କାର୍ଯ୍ୟର ମକ୍‌ଡ୍ରିଲ୍ ମୁଖ୍ୟ ଆକର୍ଷଣ ହୋଇଥିଲା।




ସ୍ପଞ୍ଜ ଓ ଲୁହା କାରଖାନାରେ ବୃତ୍ତିଗତ ସୁରକ୍ଷା ଓ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳାରେ ମଞ୍ଚାସୀନ ଅତିଥି।

# ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

**ରାଉରକେଲା ଅଫିସ,୧୭।୧**

କଲୁଙ୍ଗା ପିତାମହଲ ଜଳସେଚନ ପ୍ରକଳ୍ପଠାରେ ବୁଧବାର ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସେ ସଦସ୍ୟ, କର୍ମକର୍ତ୍ତା ଓ ଚାଷୀଙ୍କୁ ପାଣି ପଞ୍ଚାୟତ ସମ୍ପର୍କିତ ବିଭିନ୍ନ ଦିଗ ଓ ସରକାରୀ ଯୋଜନା ଉପରେ ଅବଗତ କରାଇଥିଲେ। ବୃହତ, ମଧ୍ୟମ, କ୍ଷୁଦ୍ର ଏବଂ ଉଠା ଜଳସେଚନ ପ୍ରକଳ୍ପକୁ ନେଇ ଗଠନ କରାଯାଇଥିବା ପାଣି ପଞ୍ଚାୟତର ବିକାଶ ଦିଗରେ ସଙ୍କଳ୍ପ ନେବାକୁ ମହାପାତ୍ର ଆହ୍ୱାନ ଦେଇଥିଲେ। ଏଥିରେ ସୁନ୍ଦରଗଡ଼ ଜଳ ଉପବିଭାଜନ ଅଧିକାରୀ ବିଜୟ ସେଠୀ ଯୋଗଦେଇ ଏହି ଦିବସ ପାଳନ ପଛରେ ରହିଥିବା ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପିତାମହଲ ଜଳସେଚନ ପ୍ରକଳ୍ପକୁ ଶ୍ରେଷ୍ଠ ମାନ୍ୟତା ପ୍ରଦାନ କରାଯାଇଥିବା ବେଳେ ଜୟ ଜଗନ୍ନାଥ କୃଷକ ସଂଘ ପାଣି ପଞ୍ଚାୟତକୁ ୨ୟ ଶ୍ରେଷ୍ଠ ପାଣି ପଞ୍ଚାୟତ ମାନ୍ୟତା ମିଳିଥିଲା। ସର୍ବୋତ୍ତମ ଚାଷୀ ବୁରୁଙ୍ଗା ଖୋଖୋ ଉପସ୍ଥିତ ରହି ସଭା କାର୍ଯ୍ୟ ପରିଚାଳନା କରିଥିଲେ।



ପିତାମହଲଠାରେ ଆୟୋଜିତ ପାଣି ପଞ୍ଚାୟତ ପକ୍ଷ ପାଳନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ଉପଜିଲାପାଳ ବିଶ୍ୱଜିତ୍ ମହାପାତ୍ର।

### ଓଟିଇଟି ପ୍ରଶ୍ନପତ୍ର ଲିକ୍‌ର ପ୍ରତିବାଦ

# ଏବିଭିପିର ବିକ୍ଷୋଭ, ଗଣଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ରାଉରକେଲା ଅଫିସ,୧୭।୧**

ପ୍ରଶ୍ନପତ୍ର ପ୍ରଘଟ ଯୋଗୁ ଓଡ଼ିଶା ଟିଚର୍ସ ଇଲିଜିବିଲିଟି ଟେଷ୍ଟ (ଓଟିଇଟି) ପରୀକ୍ଷା ବୁଧବାର ବାତିଲ ହୋଇଥିଲା। ଏନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ସରକାର ତଥା ବିଭାଗୀୟ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ଅପାରଗତାକୁ ସଂଗଠନ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ଗୁରୁବାର ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏଭଳି ଏକ ଅପରିଣାମଦର୍ଶୀ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ଉପସ୍ଥିତ ଛାତ୍ର ନେତା ଦାବି କରିଥିଲେ। ପରୀକ୍ଷା ପରିଚାଳନାରେ ଗୁରୁତର ଅବହେଳା କରିଥିବା ବୋର୍ଡ ଅଧ୍ୟକ୍ଷଙ୍କୁ ପଦରୁ ବିଦା କରାଯାଉ। କେଉଁ ପରିସ୍ଥିତିରେ ପ୍ରଶ୍ନପତ୍ର ପ୍ରଘଟ ଓ ଭାଇରାଲ ହେଲା ସେ ନେଇ ତଦନ୍ତ କରିବାକୁ ଦାବି କରିଛି ସଂଗଠନ। ଏବିଭିପି ସୁନ୍ଦରଗଡ଼ ଜିଲା ସଂଯୋଜକ ଆଶିଷ ଦାସ ଏଥିରେ ବକ୍ତବ୍ୟ ରଖି କହିଥିଲେ, ରାଜ୍ୟ ବିଜେଡି ସରକାରଙ୍କ ଶାସନ ସମୟରେ ଶିକ୍ଷା ବ୍ୟବସ୍ଥାର ଅଧୋଗତି ଘଟିଛି। ଗରିବ ମେଧାବୀ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଡୋର ବାନ୍ଧିବା ଭଳି ପରସ୍ଥିତି ସୃଷ୍ଟି ହୋଇଛି। ପ୍ରଶ୍ନପତ୍ର ଲିକ୍ ହେବାଠୁ ନେଇ ପରୀକ୍ଷା ସମୟ ଗଡ଼ାଇବା ଏ ସରକାରଙ୍କ ଅଭ୍ୟାସ ପାଲଟିଛି। ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ବେପରୁଆ ପରିଚାଳନା ଛାତ୍ରୀଛାତ୍ରଙ୍କୁ ନିରାଶା ଭିତରକୁ ଠେଲି ଦେଇଛି ବୋଲି ଦାସ ଅଭିଯୋଗ କରିଥିଲେ। ଏହାର ପ୍ରତିଫଳନ ଆସନ୍ତା ନିର୍ବାଚନରେ ଦେଖିବାକୁ ମିଳିବ ବୋଲି ଉପସ୍ଥିତ ଛାତ୍ରନେତା ପ୍ରକାଶ କରିଥିଲେ। ସଂଗଠନର ରାଉରକେଲା ମହାନଗର ଶାଖା ସମ୍ପାଦକ ସୌମ୍ୟରଞ୍ଜନ ପ୍ରଧାନ, ସଂଯୋଜକ ଅମର ମହାପାତ୍ର, ସହସମ୍ପାଦକ ହେମରଞ୍ଜନ ଦାସ, ମନୀଷ ମହାପାତ୍ର, ବିଷ୍ଣୁ ପ୍ରସାଦ, ଅଜିତ ସା ଓ ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଏଥିରେ ଉପସ୍ଥିତ ରହି ତୁରନ୍ତ ଓଟିଇଟି ପରୀକ୍ଷାର୍ଥୀଙ୍କୁ ନ୍ୟାୟ ଦେବାକୁ ଦାବି କରିଥିଲେ।




ଓଟିଇଟି ପ୍ରଶ୍ନପତ୍ର ଲିକ୍ ପ୍ରତିବାଦରେ ଏବିଭିପି ପକ୍ଷରୁ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସଂଖ୍ୟାଲଘୁ ସେଲ୍ ସଭାପତିଙ୍କୁ ସମ୍ବର୍ଦ୍ଧନା

**ରାଉରକେଲା ଅଫିସ,୧୭।୧**

ଜିଲା କଂଗ୍ରେସର ନବନିଯୁକ୍ତ ସଂଖ୍ୟାଲଘୁ ସେଲ୍ ସଭାପତି ଇଜାଜ ଅହମ୍ମଦଙ୍କୁ ଗୁରୁବାର ଦଳ ପକ୍ଷରୁ ଭାଟିରୋଡ୍ ଅଞ୍ଚଳରେ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଜିଲା କଂଗ୍ରେସ ସଭାପତି ରବି ରାୟ, ମୁଖ୍ୟବକ୍ତା ରୂପେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସଭାପତି ରାୟ ଓ କଂଗ୍ରେସ ନେତା ମହାପାତ୍ର କହିଥିଲେ, ଇଜାଜଙ୍କ ନିଯୁକ୍ତି ଫଳରେ ସଂଖ୍ୟାଲଘୁ ସେଲ୍ ତଥା କଂଗ୍ରେସ ସଂଗଠନ ସୁଦୃଢ଼ ହେବ। ସେ ଜଣେ ସଫଳ ସଂଗଠକ। ତାଙ୍କର ଅଭିଜ୍ଞତା ରହିଛି। ଦଳୀୟ କାର୍ଯ୍ୟକ୍ରମକୁ ସେ ସଫଳତାର ସହ ଆଗେଇ ନେବେ ବୋଲି ଉଭୟ ନେତା ଆଶା ବ୍ୟକ୍ତ କରିଥିଲେ। କଂଗ୍ରେସ ନେତା, କର୍ମୀ ଓ ସ୍ଥାନୀୟ ବାସିନ୍ଦା ଇଜାଜଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ରୂପେ ଅଜିତ ସାମଲ, ଦେବକାନ୍ତ ନାୟକ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ପ୍ରଭାତୀ ମିଶ୍ର, ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ଲତା ନାୟକ ଓ କାର୍ଯ୍ୟକାରୀ ସଭାପତି ନିରୁପମା ବଳିଆରସିଂ ପ୍ରମୁଖ ମଞ୍ଚାସୀନ ଥିଲେ।



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ ନେତା।




ପଶ୍ଚିମ ଓଡ଼ିଶା ଯବାନ ବିକାଶ ପରିଷଦ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ କର୍ମକର୍ତ୍ତା।

### ପଶ୍ଚିମ ଓଡ଼ିଶା ଯବାନ ବିକାଶ ପରିଷଦର ଦାବି

# ସ୍ଥଳସେନାରେ କୋଶଲ ରେଜିମେଣ୍ଟ ଗଠନ ହେଉ

**ରାଉରକେଲା ଅଫିସ,୧୭।୧**

ପଶ୍ଚିମ ଓଡ଼ିଶା ଯବାନ ବିକାଶ ପରିଷଦ ପ୍ରତିଷ୍ଠା ଦିବସ ବୁଧବାର ଛେଣ୍ଡ କଲୋନୀଠାରେ ଅନୁଷ୍ଠିତ ହୋଇଛି। ସଂଗଠନ ସଭାପତି ମେଜର ଡ. ଅକ୍ଷୟ ସାମଲ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ, ପୂର୍ବ ସୈନିକଙ୍କୁ ସରକାର ଅବହେଳା କରୁଛନ୍ତି। ଏମାନଙ୍କ ଥଇଥାନ ନେଇ ଉଦାସୀନତା ଯବାନଙ୍କ ମନୋବଳ ଭାଙ୍ଗିଦେଇଛି। ଷ୍ଟିଲ ସିଟିରେ ବାସ କରୁଥିବା ଯବାନମାନେ କାମଧନ୍ଦା ତଥା ନିଯୁକ୍ତି ଅଭାବରୁ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଏ ନେଇ ବାରମ୍ବାର ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ଫଳ ହୋଇ ନାହିଁ। ଏହି ଅବସ୍ଥା ଲାଗି ରହିଲେ ଆଜିର ଯୁବ ପିଢ଼ି ସେନାବାହିନୀରେ ଯୋଗଦେବାକୁ ପଛଘୁଞ୍ଚା ଦେବେ। ଆଗାମୀ ଦିନରେ ନିଜ ଅଧିକାର ପାଇଁ ଲଢ଼େଇ ଜାରି ରଖିବାକୁ ସାମଲ ଆହ୍ୱାନ ଦେଇଥିଲେ। ବୈଠକରେ କୋଶଲ ଜନତା ଦଳ ରାଜ୍ୟ ସଭାପତି ବୈଦ୍ୟନାଥ ମିଶ୍ର ଅଧ୍ୟକ୍ଷତା କରି କହିଥିଲେ, ଯବାନଙ୍କ ସମସ୍ୟା ସମାଧାନ ଦିଗରେ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ। କେନ୍ଦ୍ର ପ୍ରତିରକ୍ଷା ବିଭାଗକୁ ସମସ୍ୟା ସମ୍ପର୍କରେ ଅବଗତ କରାଯିବ। ଏହି ଅବସରରେ ସେ କୋଶଲ ରେଜିମେଣ୍ଟ ଗଠନ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ। ଇଂ ନିର୍ମଳ ଦାସ କହିଥିଲେ, ଅବସର ପରେ ପୂର୍ବ ସୈନିକଙ୍କ ବୋଝ ଦ୍ୱିଗୁଣିତ ହୋଇପଡୁଛି। ପରିବାର ବୋଝ ସହ ସାମାଜିକ ପରିବର୍ତ୍ତନରେ ଅନେକ ଅବସରପ୍ରାପ୍ତ ସୈନିକ ନିଜକୁ ନିୟୋଜିତ କରୁଛନ୍ତି। କିନ୍ତୁ ତାଙ୍କ ସମସ୍ୟା ପ୍ରତି ସବୁବେଳେ ଅବହେଳା କରାଯାଉଛି ବୋଲି ଦାସ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନ ସାଧାରଣ ସମ୍ପାଦକ ଚକ୍ରାନ୍ତ ଜେନା କହିଥିଲେ, ଏହି ସଂଗଠନ ଆଗାମୀ ଦିନରେ ଅବସରପ୍ରାପ୍ତ ସୈନିକଙ୍କ ବୃହତର ସ୍ୱାର୍ଥ ପାଇଁ କାମ କରିବ। ଏଥିରେ ଅର୍ଚ୍ଚନା ଦେବତା, ସୁରମା ମିଶ୍ର, ସୁରତ ସେନାପତି, ଡି.ଏନ୍. ପଣ୍ଡା ଓ ପ୍ରକାଶ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।





ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମୋ ଭବିଷ୍ୟତ ସୁରକ୍ଷା ଅଭିଯାନ

ବ୍ରଜରାଜନଗର, ୧୭।୧ (ଡି.ଏନ୍.ଏ.)- ବ୍ରଜରାଜନଗର ସହରାଞ୍ଚଳର ୪ନଂ ୱାର୍ଡ ଗଙ୍ଗାନଗରଠାରେ ବିଜେଡି ପକ୍ଷରୁ ମୋ ଭବିଷ୍ୟତ ମୋ ସୁରକ୍ଷା ଉପରେ ଏକ ସଚେତନତା ସଭା କରାଯାଇଛି। ସଭାରେ ପୂର୍ବତନ ବିଧାୟକ ଅନୁପ ସାଏ, ଟାଉନ ବିଜେଡି ସଭାପତି ଜୟନ୍ତ ଦୀକ୍ଷିତ, ଛାତ୍ରନେତା ସରୋଜ ସା ଯୋଗଦେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ଆଗାମୀ ୨୪ ତାରିଖ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ଓ ନବ ଦାସଙ୍କ ମିଶ୍ରଣ ଉପରେ ଅବଗତ କରାଇଥିଲେ। କେନ୍ଦ୍ର ସରକାର ପୂର୍ବରୁ ରାଜ୍ୟ ସରକାରଙ୍କୁ ବିଭିନ୍ନ ଯୋଜନାରେ ଯେଉଁ ଅର୍ଥ ପ୍ରଦାନ କରି ଆସୁଥିଲେ ଏବେ ବାହାନା କରି ତାହା କାଟିବାରେ ଲାଗିଛନ୍ତି। ଯାହାର ପ୍ରଭାବ ଗରିବ ଛାତ୍ରୀଛାତ୍ରଙ୍କ ଉପରେ ପଡ଼ିବ। ଏହାକୁ ବିରୋଧ କରି ବିଜେଡି ଦସ୍ତଖତ ସଂଗ୍ରହ କରି ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବ। ଆଗାମୀ ଦିନରେ ଓଡ଼ିଶାର ଜନସାଧାରଣ କେନ୍ଦ୍ରର ଅବହେଳା ଉପରେ ଉଚିତ ଜବାବ ଦେବେ ବୋଲି ନେତାମାନେ ପ୍ରକାଶ କରିଥିଲେ। କାଉନସିଲର ରାହୁଲ ପାଣ୍ଡେ ମଞ୍ଚ ପରିଚାଳନା କରିଥିଲେ।

ମା' ମୃତଦେହକୁ ସାଇକେଲରେ ନାବାଳକ ବୋହିବା ଘଟଣା

# ପ୍ରଶାସନ ବଢ଼ାଇଲା ସହାୟତାର ହାତ

ଲଖନପୁର, ୧୭।୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ କର୍ପାବାହାଲ ଗ୍ରାମର ସୁରଜ ସିନ୍ଧେରିଆ (୧୩) ତାଙ୍କ ମା'ଙ୍କ ମୃତଦେହକୁ ସାଇକେଲରେ ବୋହିବା ଘଟଣା ନଜରକୁ ଆସିବା ପରେ ଗୁରୁବାର ପ୍ରଶାସନ ତାଙ୍କ ପରିବାର ପ୍ରତି ସହାୟତାର ହାତ ବଢ଼ାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଲଖନପୁର ତହସିଲଦାର ଜ୍ୟୋସ୍ନାରାଣୀ ସାହୁ ବନ୍ଧବାହାଲ ଆର୍‌ଆଇ ସସ୍ମିତା ବେହେରାଙ୍କ ସହ କର୍ପାବାହାଲ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ସୁରଜଙ୍କୁ ଭେଟି ଆଶ୍ୱାସନା ଦେଇଥିଲେ। ଏ ନେଇ ତହସିଲଦାର ସାହୁ କହିଛନ୍ତି, ସୁରଜଙ୍କୁ ୪ଡିସିମିଲ ସରକାରୀ ଜମି ଯୋଗାଇ ଦିଆଯିବ। ରେଡ୍‌କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗଇ ଦିଆଯିବା ସହ ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ସାମିଲ କରାଯିବ ବୋଲି ତହସିଲଦାର ସାହୁ ପ୍ରତିଶ୍ରୁତି ଦେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ପ୍ରକ୍ରିୟା ସାରି ସହାୟତା ଯୋଗାଇ ଦେବାକୁ ତହସିଲଦାର ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଡିଓ ଗୋବିନ୍ଦ ଡନ୍‌ସେନା ସରଣ୍ଡାମାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଗୁରୁବାର ସକାଳେ କର୍ପାବାହାଲ ଗ୍ରାମକୁ ପଠାଇ ସୁରଜଙ୍କୁ ୫୦କେଜି ଚାଉଳ ଓ ହରିଶ୍ଚନ୍ଦ୍ର ଯୋଜନାରେ



ତହସିଲଦାର ଜ୍ୟୋସ୍ନାରାଣୀ ସାହୁ ଘଟଣା ସମ୍ପର୍କରେ ସୁରଜଙ୍କୁ ପଚାରି ବୁଝୁଛନ୍ତି।

୨ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏ ନେଇ ବିଡିଓ ଡନ୍‌ସେନା କହିଛନ୍ତି, ସୁରଜଙ୍କୁ ଯେଉଁ ୪ ଡିସିମିଲ ସରକାରୀ ଜମି ଯୋଗଇ ଦିଆଯିବ, ସେଥିରେ ଗୃହ ନିର୍ମାଣ ପାଇଁ ବିଜୁ ପକ୍କାଘର ଯୋଜନାରେ ତାଙ୍କୁ ଅର୍ଥ ପ୍ରଦାନ କରାଯିବ। ରାଶନକାର୍ଡ ଯୋଗାଇଦେବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ନାବାଳକଙ୍କ ପାଠପଢ଼ା ଖର୍ଚ୍ଚ ମଧ୍ୟ ବହନ କରାଯିବା ପାଇଁ ସାମାଜିକ କର୍ମୀ ସାଲେଗ୍ରାମ ନାୟକଙ୍କ ସମେତ ସ୍ଥାନୀୟ ଲୋକେ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷରେ ଝାରସୁଗୁଡ଼ା ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି) ଘଟଣାକୁ ଗୁରୁତ୍ୱର ସହ ନେଇଛି। ସିଡବ୍ଲୁସି ଅଧକ୍ଷା ଆନନ୍ଦିନୀ ପାଢ଼ୀଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ଗୁରୁବାର କର୍ପାବାହାଲ ଗ୍ରାମକୁ ଯାଇ ଘଟଣା ସମ୍ପର୍କରେ ସୁରଜ ଓ ତାଙ୍କ ବଡ଼ ଭଉଣୀଙ୍କ ସହ ଆଲୋଚନା କରିଛନ୍ତି। ମା'ଙ୍କ ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ସୁରଜ ଭଉଣୀଙ୍କ ସହ ରହିବେ। ପରେ ଚାଇଲ୍ଡ ଲାଇନ ତାଙ୍କୁ ସିଡବ୍ଲୁସି ନିକଟରେ ଉପସ୍ଥାପନ କରିବା ପରେ ତାଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ। ସୁରଜଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସିଡବ୍ଲୁସି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି ସିଡବ୍ଲୁସି ପକ୍ଷରୁ ସୂଚନା ମିଳିଛି। ଏହି ଟିମ୍‌ରେ ଅଧକ୍ଷା ପାଢ଼ୀଙ୍କ ସମେତ ମମତା ତ୍ରିପାଠୀ, ଅହଲ୍ୟା ନାଏକ, ଗୁଣନିଧି ଭୈଁସା, ଚାଇଲ୍ଡ ଲାଇନର ସତୀଶ ଚନ୍ଦ୍ର ମିଶ୍ର ଏବଂ ଝରଣା ଦୀପ ପ୍ରମୁଖ ସାମିଲ ଥିଲେ।

ସୂଚନାଯୋଗ୍ୟ, କର୍ପାବାହାଲ ଗ୍ରାମର ଜାନକୀ ସିନ୍ଧେରିଆ (୫୦)ଙ୍କର ବୁଧବାର ମୃତ୍ୟୁ ହୋଇଥିଲା। ତେବେ ତାଙ୍କ ମୃତଦେହ ଶଶ୍ମାନକୁ ନେବାପାଇଁ ସମ୍ପର୍କୀୟ ଓ ଗ୍ରାମବାସୀ କେହି କାନ୍ଧ ଦେଇ ନ ଥିଲେ। ଶେଷରେ ତାଙ୍କ ଏକମାତ୍ର ପୁଅ ସୁରଜ ମୃତଦେହକୁ ସାଇକେଲ୍ ପଛରେ ବାନ୍ଧି ୩ କିଲୋମିଟର ଚାଲିଚାଲି ଜଙ୍ଗଲରେ ପୋତି ଦେଇଥିଲେ। ଏଭଳି ହୃଦୟ ବିଦାରକ ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାରା ରାଜ୍ୟରେ ଏହାକୁ ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଏହା ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଦୃଷ୍ଟିକୁ ଆସିଥିଲା। ଏହାର ତଦନ୍ତ ପାଇଁ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଜଣାପଡ଼ିଥିଲା ଯେ ଜାନକୀଙ୍କ ସ୍ୱାମୀଙ୍କର ପୂର୍ବରୁ ମୃତ୍ୟୁ ହୋଇଥିଲା। ପରିବାରଟି ଅତ୍ୟନ୍ତ ଗରିବ ଓ ଅସହାୟ। ତାଙ୍କ ପ୍ରକୃତ ଘର ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଲିପସପାଲି ଗ୍ରାମ। ସେ ଦୀର୍ଘ ୯ ବର୍ଷ ହେଲା ପୁଅ, ଝିଅଙ୍କୁ ଧରି ତାଙ୍କ ବାପଘର କର୍ପାବାହାଲରେ ରହିଥିଲେ। ଏଠାରେ ତାଙ୍କୁ କୌଣସି ସରକାରୀ ସହାୟତା ମିଳୁ ନ ଥିଲା। ଅନ୍ୟ ସମ୍ପର୍କୀୟଙ୍କ ଘରେ ପରିବାର ନେଇ ରହୁଥିଲେ। ମା'ଙ୍କ ମୃତ୍ୟୁ ପରେ ସୁରଜ ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି।

# ସାରଙ୍ଗଲୋଇ ମୟୂରଗଡ଼ରେ ଜଙ୍ଘାବଡ଼ଦେଓ ପୂଜା

ଲଇକେରା, ୧୭।୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ସାରଙ୍ଗଲୋଇ ମୟୂରଗଡ଼ରେ ପୁରାତନ ଜୟପୁର ଇଷ୍ଟେଟ ଲଇକେରା, କିର୍ମିରା ଓ କୋଲାବିରା ବ୍ଲକ ଗୋଣ୍ଡ ସମାଜର ଆରାଧ୍ୟ ଦେବତା ଜଙ୍ଘାବଡ଼ଦେଓଙ୍କ ପୂଜା ଉତ୍ସବ ଗୁରୁବାର ପାଳିତ ହୋଇଛି। ଜୟପୁର ଇଷ୍ଟେଟ ସଭାପତି ଯୋଗୀନ୍ଦ୍ର କୁମାର ନାଏକ ସମାଜର ପତାକା ଉତ୍ତୋଳନ କରିଥିଲେ। ଏଥିରେ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଯୋଗଦେଇଥିଲେ। ସେ ସମାଜର ଏକତାକୁ ପ୍ରଶଂସା କରିବା ସହ ମନ୍ଦିରର ମଣ୍ଡପ ନିର୍ମାଣ ପାଇଁ ୩ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏହି ଅବସରରେ ବିଧାୟକ ଦାସ ଅଞ୍ଚଳବାସୀଙ୍କ ସୁଖ ସମୃଦ୍ଧି କାମନା କରିବା ସହ ଜଙ୍ଘା ଦେବତାଙ୍କୁ ଧାରଣ କରି ନୃତ୍ୟ ପରିବେଷଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ୨୦୧୮ ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜର ଟଙ୍କଧର ନାଏକ, ତୁଳାରାମ ନାଏକ, ଦୟାନିଧି ନାଏକ, ନୀଳାମ୍ବର ନାଏକ, ମେଘନାଦ ନେଟୀ, ଜନ୍ମାଜୟ ନାଏକ, ପ୍ରଦୀପ କୁମାର ନାଏକ, ଲୀଳାସାଗର ଧୁରୁଆଙ୍କ ସମେତ ଅନ୍ୟ ଗୁଡ଼ିର ମୁଖ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଥିଲା।



ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଜଙ୍ଘା ଦେବତାଙ୍କୁ ଧାରଣ କରିଛନ୍ତି।

# ଡାକ୍ତରଖାନା ପାଇଁ ୫୦ ଶଯ୍ୟା ଦାବିରେ ଅନଶନ

ବେଲପାହାଡ଼, ୧୭।୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସରକାରୀ ଡାକ୍ତରଖାନାକୁ ୫୦ ଶଯ୍ୟା ବିଶିଷ୍ଟ କରିବା ତଥା ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ପାଇଁ ବୁଧବାର ସକାଳୁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆମରଣ ଅନଶନ ଆରମ୍ଭ ହୋଇଥିଲା। ଗୁରୁବାର ଅପରାହ୍ନରେ ଜି.ଏଲ୍. ଉଚ୍ଚ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଅନଶନ ଚାଲିଥିବା ସମୟରେ ବିଜେଡି ନେତା ସଞ୍ଜୟ ଦାଶବର୍ମା, ପ୍ରଣବ ପ୍ରକାଶ ଦାସ, କିଶୋର ମହାନ୍ତି ଓ ଅନୁପ ସାଏ ସେଠାରେ ପହଞ୍ଚିଥିଲେ। ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ୨୪ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ କାର୍ଯ୍ୟକ୍ରମରେ ଡାକ୍ତରଖାନା ପ୍ରସଙ୍ଗ ଉଠାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନରେ ବସିଥିବା ୫ ଜଣ ବରିଷ୍ଠ ନାଗରିକ ଅନଶନରୁ ଓହରି ଯାଇଥିଲେ। ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଆଗାମୀ ଦିନରେ ବିଜେଡିରେ ସାମିଲ ହେବାକୁ ଯାଉଥିବାରୁ ବିଜେଡି ନେତା ପ୍ରଣବ ପ୍ରକାଶ ଦାଶ ଓ ସଞ୍ଜୟ ଦାସବର୍ମା ଗୁରୁବାର କିଶୋର ମହାନ୍ତିଙ୍କୁ ମନାଇବା ପାଇଁ ଝାରସୁଗୁଡ଼ା ଆସିଥିଲେ। ସେଠାରେ ରୁଦ୍ଧଦ୍ୱାର ବୈଠକ ସରିବା ପରେ ଦୁଇ ନେତା ବେଲପାହାଡ଼ରେ ଚାଲିଥିବା ଅନଶନ ସମ୍ପର୍କରେ ସୂଚନା ପାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ବେଲପାହାଡ଼ ଡାକ୍ତରଖାନା ସମସ୍ୟା ନେଇ ଉଠିଥିବା ଅସନ୍ତୋଷକୁ ପ୍ରଶମିତ କରିବା ଉଦ୍ଦେଶ୍ୟରେ ଉଭୟ ନେତା ଅନଶନକାରୀଙ୍କୁ ବୁଝାଇବା ପାଇଁ ବେଲପାହାଡ଼ ଆସିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଗତ ପୌର ନିର୍ବାଚନ ସମୟରେ ବିଜେଡି ପ୍ରଚାର ମଙ୍ଗ ଧରିଥିବା ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବେଲପାହାଡ଼ର ବିଭିନ୍ନ ସଭାରେ ଡାକ୍ତରଖାନାର ଉନ୍ନତୀକରଣ ତଥା ବିଭିନ୍ନ ସମସ୍ୟା ସମାଧାନ ପାଇଁ ଅଞ୍ଚଳବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ଅନଶନସ୍ଥଳରେ ବିଜେଡି ନେତା ସଞ୍ଜୟ ଦାସବର୍ମା, ପ୍ରଣବପ୍ରକାଶ ଦାସ, କିଶୋର ମହାନ୍ତି ଓ ଅନ୍ୟମାନେ।

# ବିଜେଡିର ଦସ୍ତଖତ ଅଭିଯାନ

କୋଲାବିରା, ୧୭।୧ (ଡି.ଏନ୍.ଏ.)

୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡିର ଯୁବ ଓ ଛାତ୍ର ସଂଗଠନ ପକ୍ଷରୁ ଏବେ ରାଜ୍ୟ ବ୍ୟାପୀ ଯୁବକର୍ମୀଙ୍କୁ ଏକାଠି କରିବା ଉଦ୍ୟମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ କୋଲାବିରାଠାରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। କୋଲାବିରା କଲେଜଠାରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଡ଼ିଶାରୁ ପ୍ରାୟ ୨ଲକ୍ଷ ଅନୁସୂଚିତ ଜାତିର ଛାତ୍ରୀଛାତ୍ର ବୃତ୍ତି ପାଉଥିବାବେଳେ ୨୦୧୬-୧୭ରେ କେନ୍ଦ୍ର ସରକାର ୨୧୫.୮୦ କୋଟି ଓ ରାଜ୍ୟ ସରକାର ୨୨.୪୮ କୋଟି ପ୍ରଦାନ କରୁଥଲେ। ତେବେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରାକାର ଉଦ୍ଦେଶ୍ୟମୂଳକ ଭାବେ ୨୦୧୭-୧୮ରେ ନିୟମ ପରିବର୍ତ୍ତନ କରି କେନ୍ଦ୍ରୀୟ ଅଂଶ ୩୫.୧୨ କୋଟି ତଥା ୨୦୧୮-୧୯ ବର୍ଷରେ ୪୯.୩୯ କୋଟିକୁ କମ୍ କରିଛନ୍ତି। ଏପରିକି ଗତ ୨ବର୍ଷର ଅନୁଦାନ ଅଦ୍ୟାବଧି ଓଡ଼ିଶାକୁ ପ୍ରଦାନ କରାଯାଇନାହିଁ। ଫଳରେ ଜିଲାର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟି ସମ୍ମୁଖରେ ବିଜେଡିର ଯୁବ ଓ ଛାତ୍ର ନେତୃବୃନ୍ଦ ଲୋକଙ୍କଠାରୁ ଦସ୍ତଖତ ସଂଗ୍ରହ କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ କୋଲାବିରା ବ୍ଲକ ବିଜେଡି ସଭାପତି ତୁଳାରାମ ସେନାପତି, ବ୍ଲକ ପ୍ରଭାରୀ ପପ୍ପୁ ଜୈନ, ପ୍ରବୀଣ କୁମାର ସାହୁ, ପ୍ରମୋଦ ପରୁଆ ପ୍ରମୁଖ ଯୋଗଦେଇଥିଲେ। ବୃତ୍ତି ବାବଦରେ କେନ୍ଦ୍ର ସରକାର ୯୦ ପ୍ରତିଶତ ଓ ରାଜ୍ୟ ସରକାର ୧୦ ପ୍ରତିଶତ ବହନ କରୁଥିବା ବେଳେ ବର୍ତ୍ତମାନ ରାଜ୍ୟ ୮୦ ପ୍ରତିଶତ ଓ କେନ୍ଦ୍ର ୨୦ ପ୍ରତିଶତ ବହନ କରିବ ବୋଲି ଘୋଷଣା କରିଛନ୍ତି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନ୍ୟାୟ ହୋଇଥିବା ବିଜେଡି ବ୍ଲକ ସଭାପତି ତୁଳାରାମ ସେନାପତି ମତ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ କୋଲାବିରା କଲେଜରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।




କାଲାବିରା କଲେଜରେ ଦସ୍ତଖତ ଅଭିଯାନ ଚାଲିଛି।

# ସମଲେଶ୍ୱରୀ ସାହିତ୍ୟ ସଂସଦର ଫକୀର ମୋହନ ଜୟନ୍ତୀ

କୋଲାବିରା, ୧୭।୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କୋଲାବିରାସ୍ଥିତ ଅସ୍ଥାୟୀ ସଭାଗୃହରେ ସମଲେଶ୍ୱରୀ ସାହିତ୍ୟ ସଂସଦ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଜ୍ଞାସୌରଭ ଶୋଭାଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ବୀରେନ୍ଦ୍ର ମହାପାତ୍ର, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ଶ୍ୟାମସୁନ୍ଦର ସାହିତ୍ୟ ସଂସଦ ସଭାପତି ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ସ୍ୱରଝଙ୍କାର ସାହିତ୍ୟ ସଂସଦ ସମ୍ପାଦକ ପିଙ୍କୁ ଦାସ ଯୋଗଦେଇଥିଲେ। ପ୍ରଶିକ୍ଷକ ସଚ୍ଚିନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଦର ସମ୍ପାଦକ କୀର୍ତ୍ତିଚନ୍ଦ୍ର ବହିଦାର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଫକୀର ମୋହନ ସେନାପତିଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବ୍ୟାସକବି ଓଡ଼ିଆ ଭାଷା ସଂସ୍କୃତି ଉପରେ ଅନେକ ଲେଖା ସୃଷ୍ଟିକରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ପ୍ରଦାନ କରିଛନ୍ତି ବୋଲି ଏହି ଅବସରରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ସୁଶାନ୍ତ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ରାହାସ ବିହାରୀ ସାହୁ, ମାନଭଞ୍ଜନ ସିଂହ, ବିରଞ୍ଚି କୁମାର ପଟେଲ, ରିଙ୍କୁ ସାହୁ, ରିତେଶ କୁମାର ପଟେଲ, ତେଜରାଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରେଙ୍ଗାଲିରେ କଳାକାର ସମ୍ମିଳନୀ

ଲଇକେରା, ୧୭।୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ରେଙ୍ଗାଲିଠାରେ ଗୁରୁବାର ୧ମ ବାର୍ଷିକ ହରିହର ସୁରଝଙ୍କାର ସେବା ସଂଗଠନର କଳାକାର ସମ୍ମିଳନୀ ହଜାର ହଜାର କଳାକାରଙ୍କୁ ନେଇ ଅନୁଷ୍ଠିତ ହୋଇଛି। କଳା ବିନା କଳାକାରର ଜୀବନ ଅଧୁରା। ଲୁପ୍ତ କଳା ପରମ୍ପରାକୁ ଉଜ୍ଜୀବିତ କରିବା ଏହି କଳାକାର ସମ୍ମିଳନୀର ମୂଳ ଲକ୍ଷ୍ୟ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ସମ୍ମିଳନୀରେ ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼ ଏବଂ ଝାରସୁଗୁଡ଼ା ଜିଲାର ବିଭିନ୍ନ ଗ୍ରାମରୁ ୧୫୧ କଳାକାର ଦଳ ଯୋଗଦେଇ ସମ୍ପ୍ରଦା, ସଂକୀର୍ତ୍ତନ, କୃଷ୍ଣଗୁରୁ, ଖଞ୍ଜଣୀ ଭଜନ, ଘୁମୁରା ନାଚ, କରମା ନାଚ, ପାଲା, ଭାଗବତ ଆଦି ପରିବେଷଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ନବକିଶୋର ଦାସ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ, ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୋଗୀନ୍ଦ୍ର କୁମାର ନାଏକ, ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। କମିଟି ସଭାପତି ସନାତନ ସାହୁ, ସମ୍ପାଦକ ଧନେଶ୍ୱର ସାହୁ, ବୁଲୁ ସାହୁ, କ୍ଷୀରୋଦ ସାହୁ, ଲିଙ୍ଗରାଜ ପ୍ରଧାନ, ସୁମନ୍ତ ସାହୁ, ପ୍ରଫୁଲ୍ଲ ନେଟୀ, ମଧୁମଙ୍ଗଳ ସାହୁ, ଶ୍ରୀକୃଷ୍ଣ ଦର୍ଶା ଏବଂ ରାଜେଶ ଧୁରୁଆଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ସିଲ୍ ହେବ ବ୍ଲାକ୍ ଡାଇମଣ୍ଡ ଗ୍ରୁପ୍ ନିର୍ଦ୍ଦେଶକଙ୍କ ସମ୍ପତ୍ତି

ଝାରସୁଗୁଡ଼ା ଅଫିସ, ୧୭।୧

ବିହାର ମଳୟପୁର ଥାନା ଅଞ୍ଚଳରେ ୨୦୧୮ ଡିସେମ୍ବର ୪ରେ ଏକ ହତ୍ୟାକାଣ୍ଡ ଘଟିଥିଲା। ବବୁଆ ସିଂ ନାମକ ବ୍ୟକ୍ତିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ବ୍ଲାକ ଡାଇମଣ୍ଡ ଗ୍ରୁପ ନିର୍ଦ୍ଦେଶକ ଅନୀଲ ସିଂ ଏବଂ ତାଙ୍କର କେତେଜଣ ସହଯୋଗୀଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ହତ୍ୟାକାଣ୍ଡ ପାଇଁ ସୁପାରି କିଲର ଯୋଗାଡ଼ କରିଥିବା ଜଣେ ବ୍ୟକ୍ତିଙ୍କୁ ବିହାର ପୋଲିସ ସେତେବେଳେ ଝାରସୁଗୁଡ଼ାରୁ ଗିରଫ କରିଥିଲା। ତେବେ ଅନୀଲ ସିଂ ସେହିଦିନଠାରୁ ଫେରାର ଅଛନ୍ତି। ଏଥିପାଇଁ ଅନୀଲଙ୍କ ବିହାରରେ ଥିବା ସମସ୍ତ ସମ୍ପତ୍ତି ପୋଲିସ ସିଲ୍ କରିଛି। ଝାରସୁଗୁଡ଼ାରେ ଥିବା ତାଙ୍କ ସମସ୍ତ ସମ୍ପତ୍ତି ମଧ୍ୟ ସିଲ୍ କରାଯିବ ବୋଲି ମଳୟପୁର ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଫୋକସରେ ୬୦୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ

ଝାରସୁଗୁଡ଼ା ଅଫିସ, ୧୭।୧

ଜାନୁୟାରୀ ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ଏହି ଗସ୍ତ ବେଳେ ମୁଖ୍ୟମନ୍ତ୍ରୀ ଜିଲାର ବିଭିନ୍ନ କ୍ଷେତ୍ର ପାଇଁ ପ୍ରାୟ ୬୦୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ। ଏହା ବ୍ୟତୀତ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସଙ୍କ ବିଜେଡିରେ ମିଶ୍ରଣ ଏହି ଗସ୍ତର ମୁଖ୍ୟ ଆକର୍ଷଣ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ଉଣା ଅଧିକେ ସମସ୍ତ ବର୍ଗର ଲୋକେ ଅପେକ୍ଷା କରିଛନ୍ତି।

ତେବେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ

## ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ

କରିବାକୁ ଥିବା ପ୍ରକଳ୍ପ ମଧ୍ୟରେ ୧୬ ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ନିର୍ମାଣ ସରିଥିବା ମଲଦା-୩ ଉଠା ଜଳସେଚନ ପ୍ରକଳ୍ପ ଏବଂ କେ. କଣ୍ଟାପାଲି-୨ ଉଠା ଜଳସେଚନ ପ୍ରକଳ୍ପ ରହିଛି। ଏହାସହ ଅନେକ ପ୍ରକଳ୍ପର ଶିଳାନ୍ୟାସ କରିବେ। ଝାରସୁଗୁଡ଼ା ପୌରାଞ୍ଚଳରେ ଡିଏମ୍ଏଫ୍‌ରୁ ୧୪୫.୪୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା କ୍ୟାନସର କେୟାର ହସ୍ପିଟାଲ, ୩୮୮.୫୩ କୋଟି ଟଙ୍କାରେ ଝାରସୁଗୁଡ଼ା, କୋଲାବିରା, ଲଇକେରା ଏବଂ କିର୍ମିରା ପାଇଁ ମେଗା ୱାଟର ସପ୍ଲାଇ ପ୍ରକଳ୍ପ, ୩୫.୬୨ କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ଚୌକିପଡ଼ା ରେଲୱେ ଓଭରବ୍ରିଜ୍, ବେଦାନ୍ତ ସିଏସ୍ଆର୍ ପାଣ୍ଠିରୁ ୧୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଡାଇଗ୍ନୋଷ୍ଟିକ୍ ସେଣ୍ଟରର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ। ସେହିପରି ଡିଜିଟାଲ ଏମ୍ପାୱାରମେଣ୍ଟ ପାଇଁ ଏସ୍ଏଚ୍‌ଜିର ୩୪୮୯ ମହିଳାଙ୍କୁ ୧ କୋଟିରୁ ଅଧିକ ଟଙ୍କାର ସହାୟତା, ଏସ୍ଏଚ୍‌ଜିର ୩୪୫୧ ମହିଳାଙ୍କୁ ୫ କୋଟି ୧୮ ଲକ୍ଷ ଟଙ୍କାର ସହାୟତା, ୭୮ ଜଣ ହୀରାକୁଦ ବିସ୍ଥାପିତ ଏବଂ ୯୨୪ ଜଣଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ। ଏହାସହ ୧୪୨୨ ଜଣ ନିର୍ମାଣ ଶ୍ରମିକ ଏବଂ ତାଙ୍କ ପରିବାରକୁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଯେଉଁଥିରେ ୮୯୦ ଜଣଙ୍କୁ ସାଇକେଲ, ୫୧ ଜଣଙ୍କୁ ବିବାହ କାଳୀନ ସହାୟତା, ୪୩୮ ଜଣଙ୍କୁ ଶିକ୍ଷା ପାଇଁ ସହାୟତା, ୯ ମହିଳାଙ୍କୁ ପ୍ରସବକାଳୀନ ସହାୟତା, ୧୩ ପରିବରକୁ ମୃତ୍ୟୁ ଜନିତ ସହାୟତା ଏବଂ ୨୨ ଜଣଙ୍କୁ ପକ୍କାଘର ପାଇଁ ସହାୟତା ପ୍ରଦାନ କରାଯିବ।

# ତାଲମାଲ କ୍ରିକେଟ: ଅଁଲାମାଲ ଚାମ୍ପିୟନ

କିର୍ମିରା, ୧୭।୧ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ତାଲମାଲ ଗ୍ରାମରେ ମା' ସମଲେଇ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ରେମଡିଆଡିହି ଓ ଅଁଲାମାଲ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଅଁଲାମାଲ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲା ଯୁବ କଂଗ୍ରେସ ସଭାପତି ରବିନ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆତିଶ ନାଏକ, ଲିଙ୍ଗରାଜ କର୍ତ୍ତା ମ୍ୟାଚ୍ ପରିଚାଳନା କରିଥିବାବେଳେ ମା' ସମଲେଇ କ୍ରିକେଟ କମିଟିର ସଞ୍ଜୟ ବୁଦୁଲା, ଚିନୁ ବାଗ, ସନ୍ତୋଷ କିଷାନ, ଲିପନ ପଟ୍ଟା, ଅଭି ମେହେର ପ୍ରମୁଖ ସହଯୋଗ କରିଥିଲେ।



ଖେଳାଳିଙ୍କ ଗହଣରେ ଅତିଥି ଓ ଆୟୋଜକ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ହିଟ୍‌ଲର୍ କ୍ଲବ ଦ୍ୱାରା ଲେବର କାର୍ଡ ବଣ୍ଟନ

ବଡଗାଁ, ୧୭।୧ (ଡି.ଏନ.ଏ)- ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୁର୍ଣ୍ଣାପାଲି ପଞ୍ଚାୟତର ନିରାବାହାଲ ଗ୍ରାମରେ ବୁଧବାର ନିକିତିପଡାର ହିଟଲର୍ କ୍ଲବ ଦ୍ୱାରା ୧୭ଜଣ ମହିଳା ପୁରୁଷଙ୍କୁ ଲେବର କାର୍ଡ ବଣ୍ଟନ କରାଯାଇଛି। ହିଟଲର୍ କ୍ଲବର ସଞ୍ଜୟ୍ ସା, ଅଜୟ୍ ସାଙ୍କ ସହିତ କ୍ଲବ ସଦସ୍ୟମାନେ ନିରାବାହାଲ ଗ୍ରାମର ଶ୍ରମିକମାନଙ୍କୁ ଲେବର କାର୍ଡ କଲେ କଣ ସବୁ ସରକାରୀ ସହଯୋଗ, ସହାୟତା ମିଳିବ ସେ ସମ୍ବନ୍ଧୀୟ ଯୋଜନା ଉପରେ ବୁଝାଇଥିଲେ। ଏହା ପୂର୍ବରୁ କ୍ଲବ ସଦସ୍ୟମାନେ ପଞ୍ଜୁପଡାର ୪୦ ଜଣଙ୍କୁ ଲେବର କାର୍ଡ କରାଇଥିଲେ।

# ପାସେଞ୍ଜର ଟ୍ରେନ୍ ବାତିଲ: ଯାତ୍ରୀ ହୀନସ୍ତା

ହେମଗିର, ୧୭।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲାର ହେମଗିରଗଡର ହେମଗିର (କନିକା) ରେଳଷ୍ଟେଶନ ସର୍ବ ପୁରାତନ ଷ୍ଟେଶନ। ଏହାକୁ ଅବହେଳା, ଏହା ଉପରେ ନିର୍ଭର କରୁଥିବା ଯାତ୍ରୀଙ୍କ ପ୍ରତି ରେଳ ବିଭାଗର ବୈମାତୃକ ମନୋଭାବ ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି। ରେଳଷ୍ଟେଶନ ଉପରେ କନିକା, କନକତୁରା, ଲଇକେରା, ହେମଗିର, ଆାଙ୍କେଲବିରା, ଜୁଲୁମବାହାଲ ତଥା ପ୍ରାୟ ୧୯ଟି ପଞ୍ଚାୟତ ଲୋକେ ନିର୍ଭର କରନ୍ତି। ଏଠାରୁ ଛତିଶଗଡର ରାୟଗଡ, ରାୟପୁର ସହରରେ ବ୍ୟବସାୟ ପାଇଁ ଲୋକେ ଯାତାୟତ କରିଥାନ୍ତି। ଷ୍ଟେସନଟି ଛୋଟ ହୋଇଥିବାରୁ ଏଠାରେ ଦ୍ରୁତଗାମୀ ( ଏକ୍‌ସପ୍ରେସ) ଟ୍ରେନ ପ୍ରାୟ ଅଟକି ନ ଥାଏ। ତେଣୁ ଲୋକମାନଙ୍କର ଏକମାତ୍ର ଭରସା ପାସେଞ୍ଜର ଟ୍ରେନ। ଏହି ଷ୍ଟେଶନ ଦେଇ ଯାଉଥିବା ଟ୍ରେନ୍ ମଧ୍ୟରୁ ଦୁଇଟି ପାସେଞ୍ଜର ଟ୍ରେନ୍ ଏଠାରେ ଅଟକି ଥାଏ। କିନ୍ତୁ ରେଳ ବିଭାଗ ଗତ ଜାନୁୟାରୀ ୧ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ସକାଳ ୮ଟାରେ ଝାରସୁଗୁଡ଼ାରୁ ବିଲାସପୁର ଆଡ଼କୁ ଯାଉଥିବା ପାସେଞ୍ଜର ଟ୍ରେନ ଚଳାଚଳ ବନ୍ଦ କରିଛନ୍ତି। ଯାହାଦ୍ୱାରା ହଜାର ହଜାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରେଳଷ୍ଟେଶନ ଓଡ଼ିଶା ଓ ଛତିଶଗଡ଼ର ସୀମାନ୍ତରେ ଅବସ୍ଥିତ। ଏହି ସୀମାନ୍ତକୁ ଲାଗି ରାୟଗଡ ସହର ରହିଛି। ଏହି ସହରକୁ ସୀମାନ୍ତରେ ଥିବା ଓଡିଶାର ବହୁ ଛୋଟ ବଡ ବ୍ୟବସାୟୀ ପ୍ରତିଦିନ ବ୍ୟବସାୟ କରିବାକୁ ଯାଇଥାନ୍ତି।

ବର୍ତ୍ତମାନ ସେମାନଙ୍କ ଜୀବନ ଜୀବିକା ଏକ ପ୍ରକାର ଠପ ହୋଇପଡିଛି। ଏହି ପାସେଞ୍ଜର ଟ୍ରେନ ସେମାନଙ୍କ ଜୀବନ ରେଖା ଭଳି ଚାଲୁଥିଲା। ଅନ୍ୟ ପକ୍ଷରେ କନିକାଠାରେ ମୁସଲିମ୍ ସମ୍ପ୍ରଦାୟର ଏକ ମସଜିଦ୍ ରହିଛି। ଏଠାରେ ଆସନ୍ତା ୨୯ ତାରିଖରେ ୯୦ତମ ଉରସ୍ ପର୍ବ ପାଳିତ ହେବାକୁ ଯାଉଛି। ପ୍ରତିବର୍ଷ ଏଠାକୁ ରାୟପୁର, ବିଲାସପୁର, ରାୟଗଡ, ଝାରସୁଗୁଡା, ବ୍ରଜରାଜନଗର, ଏପରିକି ଟାଟାଠାରୁ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁ ଆସିଥାନ୍ତି। ଆଉ ସେମାନଙ୍କ ଗୋଟାଏ ମାତ୍ର ଆଶା ଓ ଭରସା ଏହି ପାସେଞ୍ଜର ଟ୍ରେନ। ଏହି ପାସେଞ୍ଜର ଟ୍ରେନ୍ ଚଳାଚଳ ବନ୍ଦ ହୋଇଥିବାରୁ ହେମଗିର ଷ୍ଟେଶନକୁ ଆସୁଥିବା, ଯାଉଥିବା ସମସ୍ତ ଯାତ୍ରୀ ହଇରାଣ ହେଉଛନ୍ତି। ପାସେଞ୍ଜର ଟ୍ରେନ୍ ଚାଲିବା ପର୍ଯ୍ୟନ୍ତ ଏଠାରେ ଏକ ଏକ୍‌ସପ୍ରେସ ଟ୍ରେନ୍ ରହଣି କରୁ ବୋଲି ମତପ୍ରକାଶ ପାଇଛି। ତେଣୁ କନିକା ଗ୍ରାମବାସୀଙ୍କ ପକ୍ଷରୁ ସାଉଥ ଇଷ୍ଟ ସେଣ୍ଟ୍ରାଲ ରେଳୱେ ବିଲାସପୁର ଜୋନର ମହାପ୍ରବନ୍ଧକଙ୍କୁ ତୁରନ୍ତ ଉକ୍ତ ପାସେଞ୍ଜର ଟ୍ରେନ ଚଳାଚଳ ଆରମ୍ଭ କରାଯାଇ ରହଣି ପାଇଁ ଆବେଦନ କରାଯାଇଛି। ୨୩ ତାରିଖ ସୁଦ୍ଧା ରେଳ ବିଭାଗ ବିଚାର ନ କଲେ ଗ୍ରାମବାସୀଙ୍କ ପକ୍ଷରୁ ରେଳରୋକୋ କରିବା ପାଇଁ ମଧ୍ୟ ଚେତାବନୀ ଦିଆଯାଇଛି। ଏନେଇ ଡିଆରଏମ ବିଲାସପୁର ଡିଭିଜନ, ଏଆରଏ ବ୍ରଜରାଜନଗର, ସ୍ଥାନୀୟ ହେମଗିର ଆଇଆଇସି ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ମଧ୍ୟ ସ୍ମାରକପତ୍ର ଦେଇ ଅବଗତ କରାଯାଇଛି।

**ହେମଗିର ରେଳଷ୍ଟେଶନ**

- ଏକ୍‌ସପ୍ରେସ ଟ୍ରେନ ରହଣି ପାଇଁ ଗ୍ରାମବାସୀଙ୍କ ଦାବି
- ଗ୍ରାମବାସୀଙ୍କ ପକ୍ଷରୁ ରେଳରୋକୋ ଲାଗି ଚେତାବନୀ
- ସାଉଥ୍ ଇଷ୍ଟ ସେଣ୍ଟ୍ରାଲ ରେଲୱେ ମହାପ୍ରବନ୍ଧକଙ୍କୁ ପତ୍ର



ହେମଗିର ରେଳଷ୍ଟଶନ।

### ଟ୍ରକ୍ ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ସୁନ୍ଦରଗଡ଼,୧୭।୧ (ଡି.ଏନ୍.ଏ)

ସୁନ୍ଦରଗଡ –ଝାରସୁଗୁଡା ବିଜୁ ଏକ୍ସପ୍ରେସ ୱେର ଭେଡାବାହାଲ ନିକଟରେ ଗୁରୁବାର ରାତି ପ୍ରାୟ ୧୦ଟା ବେଳେ ଏକ ଅଜଣା ଟ୍ରକ ଧକ୍କାରେ ଜଣେ ପଥଚାରୀଙ୍କ ମୃତ୍ୟୁ ଘଟିଛି। ବୟସ ପ୍ରାୟ ୩୭ ବର୍ଷ ହେବ। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇ ତଦନ୍ତ ଚଳାଇଛି।

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଭବାନୀପାଟଣା,୧୭।୧(ଡି.ଏନ.ଏ.)

ଭବାନୀପାଟଣା ସଦର ଥାନା ବରଗାଁ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ଜୁନାଗଡ ଥାନା ଗୁଞ୍ଜୁଗୁଡାର ବିଚିତ୍ର ଜାନୀଙ୍କ ମୃତ୍ୟୁ ଘଟିଛି। ବିଚିତ୍ର ଏକ ବାଇକ (ନଂ.ଓଡି୦୮ବି–୧୨୯୫)ରେ ନିଜ ଫେରୁଥିବା ବେଳେ ଭବାନୀପାଟଣା ସଦର ଥାନା ବରଗାଁ ନିକଟରେ ଏକ ଟାଟା ଜେନ ଗାଡି (ନଂ. ଓଡି ୦୮ଏ –୭୫୦୯) ତାଙ୍କୁ ଧକ୍କା ଦେଇଥିଲା।

# ନବନିର୍ମାଣ କୃଷକ ସଙ୍ଗଠନର ସମାବେଶ

## ଚାଷୀଙ୍କୁ ପେନ୍‌ସନ, ଉତ୍ପାଦନର ଉଚିତ ମୂଲ୍ୟ ଦାବି

ସୁନ୍ଦରଗଡ଼, ୧୭।୧ (ଡି.ଏନ୍.ଏ.)

ନବନିର୍ମାଣ କୃଷକ ସଙ୍ଗଠନର ଏକ ସମାବେଶ ଗୁରୁବାର ସ୍ଥାନୀୟ ଭବାବୀ ଭବନ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଜିଲା ସାଙ୍ଗଠନିକ ସମାବେଶରେ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ଚାଷୀଙ୍କ ପାଇଁ ବ୍ୟାପକ କାମ ଓ ଯୋଜନା କାର୍ଯ୍ୟକାରୀ ହେଉଥିବା ପ୍ରଚାର ହେଉଥିବା ବେଳେ ପ୍ରକୃତରେ ଏହାର ବାସ୍ତବ ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ ବୋଲି କହିଥିଲେ। ରାଜ୍ୟର ସମସ୍ତ ଆୟ କର୍ମଚାରୀଙ୍କ ଦରମା ଓ ପେନସନରେ ଯାଉଛି। ଏଣୁ ମୁଣ୍ଡଝାଳ ତୁଣ୍ଡରେ ମାରି କୃଷିକାର୍ଯ୍ୟକୁ ଆପଣେଇ ଥିବା ଚାଷୀମାନଙ୍କୁ ସରକାର ପେନସନ୍ ଓ ଉତ୍ପାଦନର ଉଚିତ୍ ମୂଲ୍ୟ ପ୍ରଦାନ କରନ୍ତୁ, ନତୁବା କ୍ଷମତାରୁ ଯାଆନ୍ତୁ ବୋଲି ଆହ୍ୱାନ କରିଛନ୍ତି। ବଜାର ଦର ବଢୁଥିବା ଦର୍ଶାଇ ସରକାର କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା ଦେଉଥିବାବେଳେ ଚାଷୀ ମାନଙ୍କୁ ଉତ୍ପାଦନର ଦର ବୃଦ୍ଧି କରୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ସଙ୍ଗଠନର ରାଜ୍ୟ ସହ ସଂଯୋଜକ ଉମାକାନ୍ତ ରାଉତ ଯୋଗଦେଇ ଓଡିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ହେଁ କୃଷି ଓ କୃଷକର ଉନ୍ନତି ଘଟୁନାହିଁ। ଚାଷୀ ଚାଷରେ କ୍ରମାଗତ କ୍ଷତି ସହି ଆତ୍ମହତ୍ୟା କରିଥିଲେ ହେଁ ସରକାର ଏ ଦିଗରେ ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସୁନ୍ଦରଗଡ ଜିଲା ପ୍ରଭାରି ଭରତ ଚନ୍ଦ୍ର ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଶହ ଶହ ସଂଖ୍ୟାରେ ଚାଷୀ ଯୋଗ ଦେଇଥିଲେ। ସଙ୍ଗଠନର ଜିଲା ନେତୃବୃନ୍ଦ କୃଷ୍ଣଚନ୍ଦ୍ର ପଣ୍ଡା, ରବୀନ୍ଦ୍ର ପଟେଲ, ଦୁର୍ଗାଚରଣ ପଟେଲ, ପୁରୁଷୋତ୍ତମ ବାରିକ, କେଦାରନାଥ ପଟେଲ, ପ୍ରସନ୍ନ କୁମାର ନାଏକ ଯୋଗଦେଇ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବର୍ତ୍ତମାନ ଚାଲିଥିବା ଧାନ କିଣାରେ ବ୍ୟାପକ କଟନିଛଟନି ଯୋଗୁ ଚାଷୀ ବିଶେଷ ହଇରାଣ ହେଉଛନ୍ତି ବୋଲି ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମୀର ପଟେଲ, ରାଜନ ଟପ୍ପୋ ପ୍ରମୁଖ ଯୋଗଦେଇ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।


ନବନିର୍ମାଣ କୃଷକ ସଙ୍ଗଠନର ସମାବେଶରେ ଉପସ୍ଥିତ କର୍ମକର୍ତ୍ତା, ଜନସାଧାରଣ।

# ବିଜ୍ଞାନସମ୍ମତ ଲେଖା ଆଜିର ବଡ଼ ଆବଶ୍ୟକତା

ରାଉରକେଲା ଅଫିସ,୧୭।୧

ସେକ୍ଟର–୩ ବାଜି ରାଉତ ଶିକ୍ଷା ନିକେତନ ପରିସରରେ ବୈଜ୍ଞାନିକ ମନୋଭାବ ଶୀର୍ଷକ ପୁସ୍ତକ ଉନ୍ମୋଚିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମୁଦାଲି ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆର୍ତ୍ତତ୍ରାଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଲକ୍ଷ୍ମୀଧର ରାଓ କହିଥିଲେ, ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ତଥା ଅଲୌକିକ ଶକ୍ତିକୁ ବିଶ୍ୱାସ କରି ଅନେକ ସମୟରେ ଆମକୁ ମନସ୍ତାପ କରିବାକୁ ପଡ଼ିଥାଏ। ବିଜ୍ଞାନ ସମ୍ମତ କାରଣ ନ ଥାଇ ଏପରି ବିଶ୍ୱାସର ବଶବର୍ତ୍ତୀ ହେବା ଉଚିତ ନୁହେଁ ବୋଲି ରାଓ କହିଥିଲେ। ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ହେମନ୍ତା ତାଣ୍ଡିଆ ନିଜ ବକ୍ତବ୍ୟରେ ଅନ୍ଧବିଶ୍ୱାସ ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଡ. ଶଶୀକାନ୍ତ ଆଚାର୍ଯ୍ୟ କହିଥିଲେ, ବିଜ୍ଞାନ ସମ୍ମତ ଲେଖା ଆଜିର ବଡ଼ ଆବଶ୍ୟକତା। ବାବାମାନେ କିପରି ନିରୀହ ଜନତାଙ୍କୁ ଠକନ୍ତି ସେ ସମ୍ପର୍କରେ ଆଚାର୍ଯ୍ୟ ମତ ପ୍ରକାଶ କରିଥିଲେ। ଛାତ୍ରୀ ଶୁଭଲକ୍ଷ୍ମୀ ରାଓ, ତମନ୍ନା ରାଉତ, ସସ୍ମିତା ସେନାପତି, ହରପ୍ରିୟା ଦାସ, ଶୁଭଲକ୍ଷ୍ମୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ବୈଜ୍ଞାନିକ ମନୋଭାବ ଶୀର୍ଷକ ପୁସ୍ତକ ଉନ୍ମୋଚନ ସମାରୋହରେ ଉପସ୍ଥିତ ଅତିଥି।

# ଖଣ୍ଡାଧାର ଜଳପ୍ରପାତର ନବନିର୍ମିତ ଇକୋ କଟେଜ୍ ଉଦ୍‌ଘାଟିତ

ଲହୁଣୀପଡା, ୧୭।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ତାଲବାହାଲି ପଞ୍ଚାୟତ ଖଣ୍ଡାଧାର ଜଳପ୍ରପାତରେ ପର୍ଯ୍ୟଟକଙ୍କ ପାଇଁ ନବନିର୍ମିତ କଟେଜର ଉଦଘାଟନ ତଥା ଲୋକାର୍ପଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟର ଉପଶାସନ ସଚିତ ସୁରେଶ କୁମାର ମହାପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସାଙ୍ଗରେ ଆରସିସିଏଫ ଲିଙ୍ଗରାଜ ଓତା, ସୁନ୍ଦରଗଡ ଜିଲାପାଳ ସୁରେନ୍ଦ୍ର କୁମାର ମୀନା, ଉପଜିଲାପାଳ ଡା. ଯାଦୁଲା ବିଜୟ, ଡିଏଫଓ ସୁଧାଂଶୁ ଶେଖର ଖରା,ଏସିଏଫ ଜଗଦିଶ ପ୍ରସାଦ ସିଂ, ଜୋହନା ଓରାମ, କୁଲିପୋଷ ରେଞ୍ଜର ମହେନ୍ଦ୍ର କୁମାର ନାଥ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିମାନଙ୍କୁ ଆଦିବାସୀ ପାରମ୍ପାରିକ ନୃତ୍ୟ ଗୀତର ତାଳେ ତାଳେ ପାଛୋଟି ନିଆଯାଇଥିଲା। ପରେ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯାଇଥିଲା। ଏହା ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ସହାୟକ ହେବ। ପର୍ଯ୍ୟଟକଙ୍କ ରହିବା ପାଇଁ ଆଉ ଅସୁବିଧା ହେବନାହିଁ। ଉପରେ ନିର୍ମିତ ଖଣ୍ଡାଧାର ଇକୋ କଟେଜ ରହିବା ପାଇଁ ଅନଲାଇନ ବୁକିଂ କରିବା ବ୍ୟବସ୍ଥା ଥିବାରୁ ପର୍ଯ୍ୟଟକମାନେ ବୁକିଂ କରିପାରିବେ ଏବଂ ରହିବା ଖାଇବା ସହିତ ବନ୍ୟଜନ୍ତୁ ସମ୍ବନ୍ଧିୟ ଚଳଚ୍ଚିତ୍ର ସାଙ୍ଗକୁ ମନୋରଞ୍ଜନ ପାଇଁ ପାରମ୍ପରିକ ଆଞ୍ଚଳିକ ନୃତ୍ୟ ପରିବେଷଣ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି। ଏହି କଟେଜ ରହିବା ପର୍ଯ୍ୟଟକମାନେ ଖଣ୍ଡାଧାର ଜଳପ୍ରପାତ ମନୋରଞ୍ଜନ ଦୃଶ୍ୟକୁ କଟେଜ ଭିତରୁ ଉପଭୋଗ ସହଜରେ କରିପାରିବେ। ଖଣ୍ଡାଧାର ଜଳପ୍ରପାତ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଆନନ୍ଦ ଉଠାଇ ପାରିବେ ବୋଲି ଜଣାଯାଇଛି। ଉଦଘାଟନୀ ଉତ୍ସବ ପରେ ଅତିଥିମାନେ ଖଣ୍ଡାଧାରର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଜଳପ୍ରପାତ ବୁଲି ଉପଭୋଗ କରିଥିବା ଜାଣିବାକୁ ମିଳେ।


କଟେଜର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

## ଗିରିଜାଶଙ୍କର ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ସୁନ୍ଦରଗଡ଼ ଆକ୍ସନ କ୍ଲବ ଚାମ୍ପିୟନ

ସବ୍‌ଡେଗା, ୧୭।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ସବ୍‌ଡେଗା ବ୍ଲକର ପଞ୍ଚମହଲା ଗ୍ରାମଠାରେ ବଉଲ ଯାତ୍ରା ଉପଲକ୍ଷେ ପଞ୍ଚମହଲା ଫୁଟବଲ କମିଟି ତରଫରୁ ଆୟୋଜନ କରାଯାଇଥିବା ଗିରିଜାଶଙ୍କର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳର ୧୬ଟି ଫୁଟବଲ ଟିମ୍ ଯୋଗଦେଇଥିଲେ। ଏହା ତିନି ଦିନ ଧରି ଚାଲିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତଲସରା ମଧ୍ୟମ ଜଳ ପ୍ରକଳ୍ପର ଅଧକ୍ଷ ଓ ଅଞ୍ଚଳର ପରିଚିତ ଚାଷୀ ନେତା ଅନୀଲ ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନନ୍ତ ପଟେଲ ଯୋଗଦେଇ ଖେଳାଳିମାନଙ୍କୁ ଅନେକ ଖେଳ ବିଷୟରେ ମାର୍ଗ ଦର୍ଶନ କରାଇ ଖେଳ ପ୍ରତି କିଭଳି ରୁଚିରଖି ଆଗକୁ ବଢ଼ି ପାରିବେ ସେ ବିଷୟରେ କହିଥିଲେ। ସବଡେଗା ଜୟକିଷାନ କ୍ଲବ ଓ ସୁନ୍ଦରଗଡ ଏକସନ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୧–୦ ଗୋଲରେ ଏକସନ୍ କ୍ଲବ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଚାମ୍ପିୟନ ଦଳକୁ କମିଟି ତରଫରୁ ୧୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା ଏବଂ ରନର୍ସଅପ୍ ଦଳକୁ ୬ହଜାର ଅର୍ଥ ରାଶି ପ୍ରଦାନ କରାଯାଇଥିଲା। କମିଟି ତରଫରୁ ରାଜା ନାଏକ, ରବୀନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ନାଏକ, ବଣ୍ଟି ଚୌଧୁରୀ, ଦୁଷ୍ମନ୍ତ ନାଏକ, ଶୁକ୍ରୁ ପ୍ରଧାନ, ଅନୀଲ ନାଏକ ପ୍ରମୁଖ ଖେଳକୁ ଆୟୋଜନ କରି ସହଯୋଗ କରିଥିଲେ। ରେଫରି ଭାବେ ରମେଶ ମାଝି ସହଯୋଗ କରିଥିଲେ।


ପଞ୍ଚମହଲା ଗ୍ରାମରେ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥି, ଆୟୋଜକ କର୍ମକର୍ତ୍ତାଙ୍କ ସହ ଖେଳାଳି।


ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

## ବଡ଼ଗାଁ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

# ସଞ୍ଜିତା, ସିଦ୍ଧାର୍ଥ, ପ୍ରିୟଙ୍କା, ଅଭିଷେକ ଚାମ୍ପିୟନ

ବଡ଼ଗାଁ, ୧୭।୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ କ୍ୟାଥରିନା ଖାଲଖୋ କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ପ୍ରତିଯୋଗିତାର ଉଦଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ମୁଖ୍ୟଅତିଥି ଓ ବଡ଼ଗାଁ ବିଇଓ ସାରଙ୍ଗଧର ବରିହା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଛବିଳ ସେଠ ଅତିଥି ଭାବେ ଯୋଗଦେଇଥିଲେ। ବିଇଓ ବରିହା ପ୍ରତିଯୋଗିତାରେ ଜିତି ପ୍ରାଇଜ୍ ନେବା ବିଶେଷ ଗୁରୁତ୍ୱପୂର୍ଣ୍ଣ ନୁହେଁ, ପ୍ରତିଯୋଗିତାରେ ଭାଗନେଇ ପ୍ରତିଯୋଗୀ ହେବା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ଦୈନନ୍ଦିନ ବ୍ୟାୟାମ, ଖେଳକୁଦ କରିବାକୁ ସେ ପିଲାଙ୍କୁ ବୁଝାଇଥିଲେ। ଅଧକ୍ଷା ମିଞ୍ଜ, ଖେଳାଳି ମନୋଭାବ ବୃଦ୍ଧି କରି କ୍ୟାରିୟର ଗଠନ କରିବାକୁ କହିଥିଲେ। ପ୍ରତିଯୋଗୀତାର ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ନବମ ଶ୍ରେଣୀ ଛାତ୍ରୀ ସଞ୍ଜିତା କିଷାନ, ବାଳକ ବିଭାଗରେ ସିଦ୍ଧାର୍ଥ ଛତ୍ରିଆ, ଜୁନିୟର ବାଳିକାରେ ଅଷ୍ଟମ ଶ୍ରେଣୀ ପ୍ରିୟଙ୍କା ଲାକଡା, ବାଳକରେ ଅଭିଷେକ ମାଝି ଚାମ୍ପିୟନ ହୋଇଥିଲେ। ସିନିୟର ବାଳକ ଶହେ ମିଟର ଦୌଡରେ ଆସ୍ମିତ ଇନ୍ଦୁଆର୍, ୨ଶହ ମିଟରରେ ଜୁଗଲ ଲାକ୍ରା, ୩ହଜାର ଓ ୮ଶହ ମିଟର ଦୌଡରେ ସିଦ୍ଧାର୍ଥ, ୧୫ ଶହ ଓ ଲମ୍ଫ ଡିଆଁରେ ଯୋସକେତନ ମାଝି, ଉଚ୍ଚଡିଆଁରେ ମନିଷ କୁମାର ସା, ସିନିୟର ବାଳିକା ୧୦୦,୪୦୦, ୮୦୦,୧୫୦୦, ଉଚ୍ଚଡିଆଁରେ ସଞ୍ଜିତା କିଷାନ, ୨ଶହ ମିଟର ଦୌଠରେ ସ୍ୱିପ୍ରା, ଜୁନିୟର ବାଳକର ଶହେ, ୨ଶହ, ଲମ୍ଫଡିଆଁରେ ଅଭିଷେକ ମାଝି, ଉଚ୍ଚଡିଆଁରେ ବିକାଶ ମାଝି, ସଟଫୁଟରେ ସୁକଚରଣ ମାଝି, ଜୁନିୟର ବାଳିକାରେ ଶହ, ୨ଶହ ମିଟର ଦୌଡରେ ପ୍ରିୟଙ୍କା ଲାକ୍ରା, ଲମ୍ଫଡିଆଁରେ ଲିପିକା ନାଏକ ପ୍ରଥମ ସ୍ଥାନ ନେଇ ପୁରସ୍କୃତ ହୋଇଥିଲେ। ସ୍କାଉଟ୍ ଶିକ୍ଷକ ଜନସନ ଖାଖା ମଞ୍ଚ ପରିଚାଳନା ଓ ପିଇଟି ପ୍ରଭାତ ଦ୍ୱାରୀ ଖେଳ ପରିଚାଳନା କରିଥିଲେ।